


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 51 | ଭାଗ ୩୪ | ସଂଖ୍ୟା ୫୧ | Bhubaneswar | Wednesday 14 May 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୧୪ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ଆଦମପୁରରୁ ମୋଦିଙ୍କ ରଣହୁଙ୍କାର

# ଶତ୍ରୁଙ୍କ ଦୁଃସାହସକୁ ମୁହଁତୋଡ଼ ଜବାବ

- ସେନା ମନୋବଳ ବଢ଼ାଇଲେ
- 'ଭାରତ ମାତା କୀ ଜୟ'ରେ କମ୍ପିଛନ୍ତି ଶତ୍ରୁ
- ଶାନ୍ତିରେ ନିଃଶ୍ୱାସ ମାରିପାରିବେନି ପାକ୍ ଆତଙ୍କୀ
- ଶତ୍ରୁ ଦାନ୍ତ ଭାଙ୍ଗିବା ଆମକୁ ବେଶ୍ ଜଣା



**ଚଣ୍ଡିଗଡ଼, ୧୩।୫:** ଭାରତ ପାକିସ୍ତାନ ବିବାଦ ଭିତରେ ପାକିସ୍ତାନର ମିଛର ପର୍ଦ୍ଦାଫାସ କରିବାକୁ ଆଜି ହଠାତ୍ ପଞ୍ଜାବର ଆଦମପୁରସ୍ଥିତ ଏୟାରବେସରେ ପହଞ୍ଚିଥିଲେ ପ୍ରଧାନ ନରେନ୍ଦ୍ର ମୋଦି। ସେଠାରେ ସେନାଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ମନୋବଳକୁ ବଢାଇବା ସହ ଶତ୍ରୁ ଦେଶକୁ କଡ଼ା ସନ୍ଦେଶ ପଠାଇଛନ୍ତି। ସେନାଙ୍କୁ ସମ୍ବୋଧିତ କରି ମୋଦି କହିଛନ୍ତି ଯେ ସାରା ବିଶ୍ୱ 'ଭାରତମାତା କୀ ଜୟ'ର ଶକ୍ତି ଦେଖିଛି। 'ଭାରତ ମାତା କୀ ଜୟ' ଶୁଣି ଶତ୍ରୁମାନେ କମ୍ପିବାକୁ ଲାଗିଲେ। 'ଭାରତ ମାତା କୀ ଜୟ' କ୍ଷେତ୍ରରେ ଓ ମିଶନରେ ପ୍ରତିଧ୍ୱନିତ ହୁଏ। ଆମର ସେନା ପରମାଣୁ ବିପଦକୁ ବି ହ୍ରାସ କରିବାର କ୍ଷମତା ରଖିଛି। ଆଜିଠାରୁ ଅନେକ ଦଶନ୍ଧି ପରେ ମଧ ଯେତେବେଳେ ଭାରତର ଏହି ବୀରତ୍ୱର ଆଲୋଚନା ହେବ, ଆପଣ ଓ ଆପଣଙ୍କ ସାଥୀ ଏହାର ସବୁଠାରୁ ପ୍ରମୁଖ ଅଧ୍ୟାୟ ହେବେ। ଆପଣମାନେ ସମସ୍ତେ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ପାଇଁ ଏକ ନୂତନ ପ୍ରେରଣା ପାଲଟିଛନ୍ତି। ଆଜି ଏହି ବୀରଭୂମିରୁ ମୁଁ ବାୟୁସେନା, ନୌସେନା ଓ ସ୍ଥଳସେନାର ସମସ୍ତ ସାହସୀ ସୈନିକ ଓ ଆମର ବିଏସଏଫର ବୀରମାନଙ୍କୁ ପ୍ରଣାମ କରୁଛି। ତୁମର ବୀରତ୍ୱ ଯୋଗୁଁ, ଅପରେସନ ସିନ୍ଦୂର ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି ବୋଲି କହି ସେନାର ମନୋବଳକୁ ଆହୁରି ବଢାଇଥିଲେ ମୋଦି।

ଏଥିସହ ସେ କହିଛନ୍ତି ଯେ ଅପରେସନ୍ ସିନ୍ଦୂର ସାଧାରଣ ନଥିଲା । ଏହା ଭାରତର ନୀତି, ଉଦ୍ଦେଶ୍ୟ ଏବଂ ନିଷ୍ପତ୍ତି ନେବାର କ୍ଷମତାର ସଙ୍ଗମ। ଭାରତ ଯୁଦ୍ଧର ଭୂମି ଏବଂ ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ମଧ । ଧର୍ମ ପ୍ରତିଷ୍ଠା ପାଇଁ ଅସ୍ତ୍ର ଧରିବା ଆମର ପରମ୍ପରା । ଯେତେବେଳେ ଆମର ଭଉଣୀ ଏବଂ ଝିଅଙ୍କ ସିନ୍ଦୁର ➪ପୃଷ୍ଠା-୬

## ଗୋଟିଏ ଫଟୋରେ ବାହାରିଗଲା ପାକିସ୍ତାନର ଫୁଟାଣି



**ନୂଆଦିଲ୍ଲୀ, ୧୩।୫:** ଭାରତ ପାକିସ୍ତାନ ବିବାଦ ଭିତରେ ଏବେ ପ୍ରଧାନମନ୍ତ୍ରୀ ମୋଦି ଆଦମପୁର ଏୟାରବେସ୍ ପରିଦର୍ଶନ କରିଛନ୍ତି। ପାକିସ୍ତାନ ଲଗାତାର ସାରା ବିଶ୍ୱରେ ମିଛ ପ୍ରଚାର କରୁଥିବା ବେଳେ ଏୟାରବେସ୍ ଭିତରେ ମୋଦିଙ୍କ ଗୋଟିଏ ଫଟୋ ଏବେ ପାକିସ୍ତାନର ସବୁ ଫୁଟାଣି ବାହାର କରିଦେଇଛି। ଯେଉଁଥିରେ ପାକିସ୍ତାନ କହୁଥିଲା, ଭାରତର ପଞ୍ଜାବର ଆଦମପୁର ଏୟାରବେସ୍ ଆକ୍ରମଣରେ ଧ୍ୱଂସ କରିଦେଇଛି, ଆଉ ଭାରତର ଲଢୁଆ ବିମାନ ଏସ୍-୪୦୦ କୁ ବି ଧ୍ୱଂସ କରିଛି ପାକିସ୍ତାନ। ହେଲେ ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନର ଦାବିର ପର୍ଦ୍ଦାଫାସ କରିଛନ୍ତି।

'ଅପରେସନ ସିନ୍ଦୂର' ପରେ ମୋଦି ପଞ୍ଜାବର ଆଦମପୁର ଏୟାରବେସ୍ ପହଞ୍ଚି ଭାରତୀୟ ବାୟୁସେନାର ଅଧିକାରୀ ଏବଂ ସୈନିକମାନଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସାକ୍ଷାତ ସମୟରେ ସୈନିକମାନଙ୍କ ଉତ୍ସାହ ବହୁତ ଅଧିକ ଥିବା ଦେଖିବାକୁ ମିଳିଥିଲା। ସେ ସୈନିକମାନଙ୍କ ସହିତ କିଛି ମୁହୂର୍ତ୍ତ ବିତାଇଲେ ଏବଂ ସେମାନଙ୍କ ସହ କଥାବାର୍ତ୍ତା ମଧ ହୋଇଥିଲେ। ଏହି ସମୟରେ ମୋଦି ସେନାଙ୍କୁ ସମ୍ବୋଧିତ କରିଥିଲେ, ଆଉ ସମ୍ବୋଧନ ଭିଡିଓ ତମାମ ମୋଦିଙ୍କ ପଛରେ ➪ପୃଷ୍ଠା-୬

## ଗୁଳିର ଜବାବ ଗୁଳିରେ ଦିଆଯିବ

**ନୂଆଦିଲ୍ଲୀ, ୧୩।୫:** ବୈଦେଶିକ ମନ୍ତ୍ରାଳୟର ସାମ୍ବାଦିକ ସମ୍ମିଳନୀରେ ପାକ୍‌କୁ କଡ଼ା ନିଶାନା। ପାକ୍‌କୁ ଦେଲେ ବଡ଼ ଚେତାବନୀ। ଜମ୍ମୁ-କାଶ୍ମୀର ସହିତ ଜଡିତ ଯେକୌଣସି ପ୍ରସଙ୍ଗ ଦ୍ୱିପାକ୍ଷିକ। ଆମର ଏକ ଦୀର୍ଘକାଳୀନ ଜାତୀୟ ନୀତି ଅଛି। ସେହି ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ବାକି ଥିବା ବିଷୟ ହେଉଛି ପାକିସ୍ତାନ ଦ୍ୱାରା ଅବୈଧ ଭାବରେ ଅଧିକୃତ ଭାରତୀୟ ଅଞ୍ଚଳକୁ ମୁକ୍ତ କରିବା ବୋଲି କହିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ । ସେ ଆହୁରି କହିଛନ୍ତି ଯେ ପାକିସ୍ତାନ ପିଓକେ ଖାଲି କରିବା ଦାବିରେ ଭାରତ ଅଟଳ ରହିଛି। ଯେତେ ଶୀଘ୍ର ପାକିସ୍ତାନ ଏହା ବୁଝିବ, ସେତେ ଭଲ। ପାକିସ୍ତାନକୁ ଗୁଳିର ଜବାବ ଗୁଳିରେ ଦିଆଯିବ। ପ୍ରଥମେ ପାକିସ୍ତାନ ଅସ୍ତ୍ରବିରତି ପାଇଁ ଗୁହାରି କରିଥିଲା। ଗତ ୧୦ ତାରିଖରେ ➪ପୃଷ୍ଠା-୬

## ଆକ୍ରମଣରେ ଭୋଗିଛି ବଡ଼ କ୍ଷତି

### ମାନିଲା ପାକିସ୍ତାନ ୧୧ ସୈନ୍ୟ ମରିଛନ୍ତି

**ନୂଆଦିଲ୍ଲୀ, ୧୩।୫:** କଥାରେ ଅଛି ହନୁ ମଲା ବେଳେ ସତ କୁହେ... ଆଉ ସେ କଥା ସତ ହୋଇଛି ପାକିସ୍ତାନ କ୍ଷେତ୍ରରେ। ପହଲଗାମ୍ ପ୍ରତିଶୋଧ ନେବାକୁ ଯାଇ ଭାରତ ଯେଉଁ ରକ୍ତମୁଖା ଜବାବ ଦେଇଛି ଆଉ ଯେଉଁ ଶୈଳୀରେ ବଦଲା ନେଇଛି, ଭାରତୀୟ ସେନାର ରୌଦ୍ରରୂପ ଦେଖି ଛାନିଆ ହୋଇଛି ପାକିସ୍ତାନ। ବିଶ୍ୱ ସମୁଦାୟର ସାହାଯ୍ୟ ନେଇ ଭାରତ ଆଗରେ ମୁଣ୍ଡ ନୁଆଁଇ ସିନା ଅସ୍ତ୍ରବିରତି କରିଛି କିନ୍ତୁ ଦିନେ ନିଜ ଦେଶର କ୍ଷତି କଥା ମାନୁ ନଥିବା ପାକିସ୍ତାନ ଶେଷରେ କ୍ଷୟକ୍ଷତି ନେଇ ମତ ଦେଇଛି। ଅପରେସନ ସିନ୍ଦୂର ଜରିଆରେ ଭାରତ ପାକିସ୍ତାନର ଅନେକ କ୍ଷତି କରିଥିବା ନେଇ ବାରମ୍ବାର ଦାବି କରୁଥିଲେ ବି ଏକଥାକୁ ମାନିବାକୁ ନାରାଜ ଥିଲା ପାକିସ୍ତାନ। ଭାରତ ପ୍ରମାଣ ଦେବା ପରେ ବି ପାକିସ୍ତାନ ନମାନି ଓଲଟା ଭାରତର ବଡ଼ କ୍ଷତି ସେ କରିଥିବା କହୁଥିଲା ମାତ୍ର ସତ ସବୁଦିନ ଲୁଚି ରହେନା, ଶେଷରେ ସତ ମାନିଲା ସୈତାନ ➪ପୃଷ୍ଠା-୬

## ଓପିଏସସି ଓ ଓଏସଏସସିର ନୂଆ ସଦସ୍ୟ

**ଭୁବନେଶ୍ୱର, ୧୩।୫ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଆଜି ଦୁଇ ଜଣ ଓଡିଶା ଲୋକସେବା ଆୟୋଗ (ଓପିଏସସି) ଓ ଓଡିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସସି)ରେ ୨ ଜଣ ଲେଖାଏଁ ସଦସ୍ୟଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୀ ଏସସିଏସ ସ୍ୱୟଂଶାସିତ କଲେଜର ଅଧକ୍ଷ ପ୍ରଫେସର ଡକ୍ଟର ମିହିର ପ୍ରସାଦ ମିଶ୍ର ଓ ଜନଗଣନା ନିର୍ଦ୍ଦେଶକ ଆଇଏଏସ ଅଫିସର ଉଦୟ ନାରାୟଣ ଦାସଙ୍କୁ ଓପିଏସସି ସଦସ୍ୟ ଭାବେ ନିଯୁକ୍ତି ମିଳିଛି। ଉଭୟଙ୍କ କାର୍ଯ୍ୟକାଳ ୬ ବର୍ଷ ରହିବ। ସେହିଭଳି ଓଡିଶା ଷ୍ଟାଫ ସିଲେକ୍ସନ କମିଶନରେ ମଧ ଦୁଇ ଜଣ ସଦସ୍ୟଙ୍କୁ ନିଯୁକ୍ତି ଦେଇଛନ୍ତି ସରକାର। ଅବସରପ୍ରାପ୍ତ ଆଇଏଏସ ଅଫିସର ସୁଧାକର ବୁର୍ଗି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ପ୍ରାଧାପକ ଡକ୍ଟର ଶ୍ରୁତି ଦାସଙ୍କୁ ଓଏସଏସସି ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି ସରକାର। ଉଭୟଙ୍କ କାର୍ଯ୍ୟକାଳ ୫ ବର୍ଷ ରହିବ।

ପ୍ରକାଶ ପାଇଲା ସିବିଏସଇ ପରୀକ୍ଷାଫଳ

# ପୁଣି ଆଗରେ ଛାତ୍ରୀ



**ଦ୍ୱାଦଶରେ ୮୮.୩୯%**
**ଦଶମରେ ୯୩.୬୬% ପାସ୍**

**ଭୁବନେଶ୍ୱର, ୧୩।୫ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ପ୍ରକାଶ ପାଇଛି ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ। ଏଥିରେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ବାଜିମାତ୍ କରିଛନ୍ତି। ଏଥିସହ ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ପାସ୍ ହାରରେ ଉନ୍ନତି ହୋଇଛି। ରାଜ୍ୟରେ ଦ୍ୱାଦଶରେ ପାସ୍ ହାର ୮୮.୩୯ ରହିଥିବା ବେଳେ ମୋଟ ୧୪ ଲକ୍ଷ ୯୬ ହଜାର ୩୦୫ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ଛାତ୍ରୀଙ୍କ ପାସ୍ ହାର ୯୧.୬୪ ପ୍ରତିଶତ ରହିଥିବା ବେଳେ ଛାତ୍ରଙ୍କ ପାସ୍ ହାର ରହିଛି ୮୫.୭୦ ପ୍ରତିଶତ। ସେହିପରି ଭୁବନେଶ୍ୱର ରିଜିଅନରେ ଦ୍ୱାଦଶରେ ୮୩.୬୪ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିପରି ସିବିଏସ୍‌ଇ ଦଶମରେ ୯୩.୬୬ ପ୍ରତିଶତ ୨୨ ଲକ୍ଷ ୨୧ ହଜାର ➪ପୃଷ୍ଠା-୬

## ଶୁଭେଚ୍ଛା ଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଚଳିତ ବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଜି ପୂର୍ବାହ୍ନରେ ପରୀକ୍ଷାଫଳ ପ୍ରକାଶ ପାଇବା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ' ହ୍ୟାଣ୍ଡଲ୍‌ରେ ଉଲ୍ଲେଖ କରିଛନ୍ତି ଯେ ଚଳିତବର୍ଷ ସିବିଏସଇ ଦ୍ୱାଦଶ ଓ ଦଶମ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ➪ପୃଷ୍ଠା-୬

## ମୟୂରଭଞ୍ଜକୁ ୪୨୦ କୋଟିର ଉନ୍ନୟନ ପ୍ରକଳ୍ପ ଭେଟି




**ଭୁବନେଶ୍ୱର/ବିଶୋଇ, ୧୩।୫ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୟୂରଭଞ୍ଜର ବିଶୋଇଠାରେ ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିର ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିରେ ୩୨୮ କୋଟିର ୧୩୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୯୧ କୋଟିର ୫୨ଟି ପ୍ରକଳ୍ପର ଶିଳାନ୍ୟାସ ରହିଛି। ଏଥିସହ ବିଶୋଇ ବ୍ଲକ ମୁଖ୍ୟାଳୟଠାରେ ଏକ ଯୁକ୍ତ ଦୁଇ ମହାବିଦ୍ୟାଳୟ ସ୍ଥାପନ ସହ ବିଶୋଇ ସ୍ଥିତ ମିନି ଷ୍ଟାଡିଅମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରାଯିବ। ଏଥିସହ ସେଠାରେ ଧରଣୀଧରଙ୍କ ଏକ ପ୍ରତିମୂର୍ତ୍ତି ମଧ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବିଶୋଇ ମିନି ଷ୍ଟାଡିଅମଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୟୂରଭଞ୍ଜ ଜିଲ୍ଲାର ବିକାଶ ଯାତ୍ରାରେ ଏସବୁ ପ୍ରକଳ୍ପ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ତେଣୁ ଆଜିର ଦିନଟି ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ପ୍ରକଳ୍ପଗୁଡ଼ିକ ରାଇରଙ୍ଗପୁର, କୁସୁମି, ବିଜାତଳା, ବହଳଦା, ଜାମ୍‌ଦା, ତିରିଂ ଆଦି ଅଞ୍ଚଳରେ ବିକାଶକୁ ତ୍ୱରାନ୍ୱିତ କରିବ। ଏହିସବୁ ପ୍ରକଳ୍ପ ମଧରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତିକରଣ, ବ୍ୟାଙ୍କ ➪ପୃଷ୍ଠା-୬

### ବିଶୋଇ ବ୍ଲକ ମୁଖ୍ୟାଳୟରେ ହେବ ଯୁକ୍ତ ୨ ମହାବିଦ୍ୟାଳୟ

### ଧରଣୀଧରଙ୍କ ନାମରେ ନାମିତ ହେବ ବିଶୋଇ ମିନି ଷ୍ଟାଡିଅମ

### ଜିଲ୍ଲାରେ ପ୍ରତିଷ୍ଠା ହେବ ୧୦ ହଜାର କୋଟିର ଶିଳ୍ପ

# ବର୍ଷପୂର୍ତ୍ତି ଅବଗଣନା ଆରମ୍ଭ

### ପ୍ରଦର୍ଶନ ପାଇଁ ଜୋରଦାର ସଜବାଜ

### ଚେକ୍ ଦେବାକୁ ବିରୋଧୀଙ୍କ ପ୍ରସ୍ତୁତି



**ଭୁବନେଶ୍ୱର, ୧୩।୫ (ସଂଚାର ବ୍ୟୁରୋ):** ରାଜ୍ୟର ନୂଆ ସରକାରଙ୍କ ବର୍ଷପୂର୍ତ୍ତି ପାଳନ ପାଇଁ ଅବଗଣନା ଆରମ୍ଭ ହୋଇଯାଇଥିବା ବେଳେ ନିଜ ନିଜ ପ୍ରଦର୍ଶନ ପାଇଁ ଉଭୟ ସରକାର ଓ ବିରୋଧିଦଳ ସଜବାଜ ଆରମ୍ଭ କରିଛନ୍ତି। ସରକାର ତାଙ୍କ ବର୍ଷକର ସଫଳତାକୁ ଲୋକଙ୍କ ଆଗରେ ରଖିବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଥିବା ବେଳେ ସରକାରଙ୍କ ବିଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ବି ବିରୋଧୀ କ୍ଷେତ୍ର ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।

ଆସନ୍ତା ଜୁନ୍ ୧୨ ତାରିଖରେ ରାଜ୍ୟର ନୂଆ ସରକାରଙ୍କୁ ବର୍ଷଟିଏ ପୂରିବ। ତେଣୁ ବର୍ଷକ ଭିତରେ ସରକାର କ'ଣ କ'ଣ ସବୁ କରିଛନ୍ତି, ତାହାର ତାଲିକା ପ୍ରସ୍ତୁତି ଚାଲିଛି। ବିଭାଗମାନେ ଏନେଇ ମାରାଥନ୍ ବୈଠକ ଚଳାଇଥିବା ବେଳେ ମନ୍ତ୍ରୀମାନେ ବି ଲାଗି ପଡ଼ିଛନ୍ତି। ପ୍ରତ୍ୟେକ ବିଭାଗ ସେମାନଙ୍କର ସଫଳତା ସଂକ୍ରାନ୍ତରେ ଲୋକଙ୍କୁ ଜଣାଇବା ସହ ହାଇକମାଣ୍ଡଙ୍କୁ ବି ରିପୋର୍ଟ ପ୍ରଦାନ କରିବେ ବୋଲି ସୂଚନା ମିଳୁଛି। ଏଥିପାଇଁ ଏବେସବୁ ସ୍ତରରେ ଝାଳନାଳ ହୋଇ ନେତା ଓ ଅଫିସରମାନେ ଲାଗିପଡ଼ିଛନ୍ତି। ବର୍ଷପୂର୍ତ୍ତି ଯେଭଳି ଧୂମଧାମ୍‌ରେ ପାଳନ ହେବ, ସେଥିପାଇଁ ସବୁ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି।

ସରକାରଙ୍କର ବିଭିନ୍ନ ଯୋଜନା ବିଶେଷକରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସହାୟତା ରାଶି ପ୍ରଦାନ, ଆୟୁଷ୍ମାନ ଯୋଜନା, ରାସନ କାର୍ଡରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ ଭାବେ ସମଗ୍ର ରାଜ୍ୟ ବୁଲି ଲୋକଙ୍କ ଅଭିଯୋଗ ଶୁଣିବା, ଲକ୍ଷପତି ଦିଦି ସୃଷ୍ଟି, ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧାହ୍ନଭୋଜନ ଯୋଜନାରେ ସାମିଲ, ଓଡ଼ିଶାରୁ ନୂତନ ସ୍ଥାନକୁ ବିମାନ ଚଳାଚଳ କରିବା, ରାଜ୍ୟରେ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ, ଉଚ୍ଚଶିକ୍ଷାରେ ନିଯୁକ୍ତି ପାଇଁ ବାଟ ଫିଟାଇବା, ଉତ୍କର୍ଷ ଓଡ଼ିଶା, ଡିଜିପି ସମ୍ମିଳନୀ, ପ୍ରବାସୀ ଭାରତୀୟ ସମ୍ମିଳନୀର ସଫଳତା ଆଦିକୁ ଲୋକଙ୍କ ଆଗରେ ବିଭିନ୍ନ ଉପାୟରେ ରଖିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ସବୁଠାରୁ ବଡ଼ ସଫଳତା ହେଉଛି ବିଜେଡି ସରକାର ସମୟରେ ବନ୍ଦ ହୋଇଥିବା ଶ୍ରୀମନ୍ଦିରର ୩ ଦ୍ୱାରକୁ ଶପଥ ଗ୍ରହଣ ପରଦିନ ହିଁ ସରକାର ଖୋଲିବା ଓ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ପ୍ରକ୍ରିୟା ଆରମ୍ଭ କରିବା।

ତେବେ ଲୋକଙ୍କ ଆଗରେ ସଫଳତା ବଖାଣି କାଳେ ଆଗାମୀ ପଞ୍ଚାୟତ ନିର୍ବାଚନର ସମସ୍ତ ଭୋଟ ସରକାରୀ ଦଳ ହାତେଇନେବ, ସେଥିପାଇଁ ବିରୋଧୀ ଦଳମାନେ ମଧ ସରକାରଙ୍କୁ ସମାଲୋଚନା କରି ବାଟ ଓଗାଳିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଶେଷକରି ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାରୁ ମହାନଦୀ, ପୋଲାଭରମ, କୋଟିଆ ଆଦି ପ୍ରସଙ୍ଗରେ ସରକାରଙ୍କୁ ନିଶାଣ କରିବା ସହ ସରକାର ଯେଉଁସବୁ ଯୋଜନାର ଶ୍ରେୟ ନେବାକୁ ଚାହୁଁଛନ୍ତି, ତାହା କିଭଳି ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିଲା ତା'ର ତାଲିକା ବି ପ୍ରସ୍ତୁତି ଚାଲିଛି। ଇତିମଧ୍ୟରେ ଖୋଦ୍ ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ସରକାର ଶିଳ୍ପକ୍ଷେତ୍ରରେ ଯେଉଁ ମୂଳଦୁଆ ପକାଇଥିଲେ, ତା'ର ଏକ ଭିଡିଓ ବାର୍ତ୍ତା ଦେଇଛନ୍ତି। ସରକାରୀ ଦଳ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ କାହାକୁ କେତେ ପାଳନ ➪ପୃଷ୍ଠା-୬

## ବଦଳି ପାଇଁ ନେତା କରିପାରିବେ ସୁପାରିସ୍




### ଗାଁରୁ ସହରକୁ ବଦଳି ହୋଇପାରିବ ନାହିଁ

### କେବଳ ଚଳିତ ଶିକ୍ଷା ଋତୁ ପାଇଁ ଉଦ୍ଦିଷ୍ଟ

**ଭୁବନେଶ୍ୱର, ୧୩।୫ (ସଂଚାର ବ୍ୟୁରୋ):** ବଦଳି ଋତୁରେ ବିଧାୟକ ଓ ସାଂସଦମାନେ କରିପାରିବେ ସୁପାରିସ। ପୂର୍ବରୁ ଯଦିଓ ଶିକ୍ଷକଙ୍କ ବଦଳି ପ୍ରକ୍ରିୟାରେ ବିଧାୟକ ଓ ସାଂସଦଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଉଥିଲା, ଆଜି କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାଜନେତାଙ୍କ ସୁପାରିସ୍‌ରେ ସରକାରୀ ମୋହର ମାରିଛି। ତେବେ ଜନପ୍ରତିନିଧିମାନେ ସର୍ବାଧିକ ୧୫ଟି ସୁପାରିସ୍ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଆଜି କରିଥିବା ଚିଠିରେ ସ୍ପଷ୍ଟ କରିଛନ୍ତି। ଏଣିକି ବିଧାୟକ ଓ ସାଂସଦମାନେ ସର୍ବାଧିକ ୧୫ଟି ବଦଳି ସୁପାରିସ୍ କରିପାରିବେ। ତାହା ପୁଣି ନିଜ ନିର୍ବାଚନମଣ୍ଡଳି ମଧରେ ସୀମିତ ରହିବ। ନୂଆ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲାପାଳଙ୍କ ଜରିଆରେ ବିଧାୟକ ଓ ସାଂସଦମାନେ ଜିଲ୍ଲାସ୍ତରୀୟ ବଦଳି କମିଟିର ମଞ୍ଜୁରୀ ପାଇଁ ସୁପାରିସ୍ କରିବେ। ତେବେ ଏହି ସୁପାରିସ୍ ଯୁକ୍ତିସଙ୍ଗତ ବଦଳି ପ୍ରକ୍ରିୟାକୁ ➪ପୃଷ୍ଠା-୬



## ଯବାନଙ୍କ ପୁଅ ସ୍କୁଲ ଟପ୍ପର

**ରାଜନଗର,୧୩।୫ (ସଂଚାର ବ୍ୟୁରୋ):** ଆଜି ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ସୀମାରେ ଦେଶ ପାଇଁ ଲଢୁଥିବା ଯବାନଙ୍କ ପୁଅ ୯୭ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ରାଜକନିକା ବ୍ଲକ ପାଣିହରିଆ ଗାଁର ସଞ୍ଜୟ କୁମାର ପରିଡା ଓ ମାଆ ପୁଷ୍ପଲତା ପରିଡାଙ୍କ ପୁଅ ଶୁଭାଂଶୁ ପରିଡା ସିବିଏସଇ ମାଟ୍ରିକ ପରୀକ୍ଷାରେ ୯୭ ପ୍ରତିଶତ ୪୮୫ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଉତ୍ତରପ୍ରଦେଶର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢୁଥିଲେ। ଆଜି ତାଙ୍କର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଖୁସିର ଲହରୀ ଖେଳି ଯାଇଛି। ତାଙ୍କ ବାପା ସଞ୍ଜୟ ସେନା ବାହିନୀରେ ଜାମ୍ମୁ କାଶ୍ମୀରର ଉଦମପୁର ଠାରେ ସୀମା ସୁରକ୍ଷାରେ କାର୍ଯ୍ୟରତ।

## ବଉଳା କୁମ୍ଭୀରର ମୃତଦେହ ଉଦ୍ଧାର



**ରାଜନଗର,୧୩।୫ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ପାଟଶାଳା ନଦୀରୁ ବଉଳା କୁମ୍ଭୀର ମୃତ ଦେହ ଉଦ୍ଧାର କରାଯାଇଛି। ଆଜି ସକାଳେ ଶିଳପୋଖରି ଗ୍ରାମ ନିକଟରେ ଏକ ମୃତ ପୁରୁଷ ବାଉଳା କୁମ୍ଭୀର ଭାସୁଥିବାର ଦେଖିବାକୁ ମିଳିଥିଲା। ଏହାକୁ ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଖୋଲା ଫରେଷ୍ଟର ନବୀନ କୁମାର ମଲ୍ଲିକ ଏବଂ ବନରକ୍ଷୀ ସନ୍ଧ୍ୟାରାଣୀ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ମୃତ କୁମ୍ଭୀରକୁ ଉଦ୍ଧାର କରିଥିଲେ। ଉଦ୍ଧାର ମୃତ କୁମ୍ଭୀରର ଲମ୍ବ ୪ ଫୁଟ ୮ ଇଞ୍ଚ ଓ ଗୋଲେଇ ୧.୭ ଫୁଟ ଜଣା ପଡ଼ିଛି। ମୃତ କୁମ୍ଭୀରକୁ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଡାକ୍ତରୀ ମାଇନା କରାଯାଇଛି।

## ଲୁଣା ନଦୀରୁ ଅଜଣା ମୃତଦେହ ଉଦ୍ଧାର

**ମହାକାଳପଡ଼ା,୧୩।୫ (ସଂଚାର ବ୍ୟୁରୋ):** ଗତକାଲି ଲୁଣା ନଦୀରୁ ଏକ ଅଜଣା ମୃତଦେହ ଭାସୁଥିବା ଅଞ୍ଚଳବାସୀ ଦେଖିବାକୁ ପାଇ ମହାକାଳପଡ଼ା ଥାନାକୁ ଖବର ଦେଇଥିଲେ। ମହାକାଳପଡ଼ା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣା ପଡିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବରକନ୍ଧା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆଖଡାଶାଳୀ ଅଞ୍ଚଳରେ ଏକ ଭେନାମୀ ଚିଙ୍ଗୁଡ଼ି ଘେରିରେ ବ୍ୟକ୍ତି ଜଣଙ୍କ କାମ କରୁଥିବା ଲୋକେ କହିଛନ୍ତି। କେହି ତାଙ୍କୁ ହତ୍ୟା କରି ଲୁଣାନଦୀରେ ଫୋପାଡି ଦେଇଥିବା ଅନୁମାନ କରାଯାଉଛି।

## ଲଙ୍ଗୁଳି ମହାପୁରୁଷ ମହୋତ୍ସବରେ ରକ୍ତଦାନ ଶିବିର




**ସାଲେପୁର,୧୩।୫ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ମାଳଶାସନ ଗ୍ରାମର ଶ୍ରୀ ଶ୍ରୀ ଲଙ୍ଗୁଳି ମହାପୁରୁଷଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ମହାପୁରୁଷଙ୍କ ମହୋତ୍ସବ ଅବସରରେ ଏଲ୍.ଏନ୍. ହସ୍ପିଟାଲ ତ୍ରିବେଣୀଶ୍ୱର ଓ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିରକୁ ମହାପୁରୁଷ ମହୋତ୍ସବ କମିଟିର ମୁଖ୍ୟ ରମେଶ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ମାଳଶାସନ ଗ୍ରାମପଞ୍ଚାୟତର ସମିତିସଭ୍ୟା ଅମରେନ୍ଦ୍ର ବେହୁରା, ଆଞ୍ଚଳିକ ସାମାଜିକ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟର ସମ୍ପାଦକ ବିଶ୍ୱରଞ୍ଜନ ସାହୁ ଓ ଏଲ୍.ଏନ୍. ହସ୍ପିଟାଲର ମୁଖ୍ୟ ମହେଶ କୁମାର ଲେଙ୍କା ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରୁ ୨୮ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର କଟକ ପକ୍ଷରୁ ଡା. କିରଣ ଆପା, ରାମପ୍ରସାଦ ରାୟ, ତାପସ ମହନ୍ତ, ଭାଗ୍ୟଧର ସାହୁ, ପ୍ରଶାନ୍ତ ବାରିକ, ପ୍ରକାଶ ମଲ୍ଲିକ ପ୍ରମୁଖ ରକ୍ତଦାନ ଶିବିରରୁ ରକ୍ତ ସଂଗ୍ରହ କରିଥିଲେ।

### ସିବିଏସଇ ପରୀକ୍ଷା ଫଳ ପ୍ରକାଶିତ

## ଲୋପାମୁଦ୍ରା ୯୪.୬ ପ୍ରତିଶତ ମାର୍କ ରଖି ପାସ କଲେ



**କେନ୍ଦ୍ରାପଡ଼ା,୧୩।୫ (ସଂଚାର ବ୍ୟୁରୋ):** ସିବିଏସଇ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି । କେନ୍ଦ୍ରାପଡା ନେତାଜୀ ମଡେଲ ସ୍କୁଲର ଛାତ୍ରୀ ଲେପାମୁଦ୍ରା ପାଟଯୋଶୀ ୯୪.୬ପ୍ରତିଶତ ମାର୍କ ରଖି ସିବିଏସଇ. ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଲୋପାମୁଦ୍ରା ହେଉଛନ୍ତି ଆଇନଜୀବୀ ତାରେଣୀ ପାଟଯୋଶୀ ଓ ଶିକ୍ଷୟିତ୍ରୀ କାଦମ୍ବରୀ ପଣ୍ଡାଙ୍କ ଏକମାତ୍ର କନ୍ୟା ତଥା ଅବସରପ୍ରାପ୍ତ ରାଜସ୍ୱ ବିଭାଗ ଅଧିକାରୀ ଭବାନୀଶଙ୍କର ପାଟଯୋଶୀଙ୍କ ନାତୁଣୀ । ଲୋପାମୁଦ୍ରା ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ଅଟନ୍ତି । ସେ ପ୍ରଥମରୁ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ ହୋଇ ଆସିଛନ୍ତି। ସେ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ।

# ବିନା ଲାଇସେନ୍ସରେ ଚାଲିଛି ମଦ ବିକ୍ରି

### ଚୁପ୍ ବସିଛି ଅବକାରୀ ବିଭାଗ

**ଗରଦପୁର,୧୩।୫ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକରେ ଚୋରା ନିଶା ବେପାରୀଙ୍କ ପତିଆରା ବେଶ୍ ବୃଦ୍ଧି ପାଇଛି। ବିନା ଲାଇସେନ୍ସରେ ବିଭିନ୍ନ ଅଞ୍ଚଳରେ ଖୋଲାଖୋଲି ଚାଲିଛି ମଦ ଦୋକାନ। ଅବକାରୀ ବିଭାଗର ଦୁର୍ବଳତାର ସୁଯୋଗ ନେଇ ଏମାନେ ଦିବାଲୋକରେ ସେମାନଙ୍କ ଚୋରା କାରବାର ଚଳାଉଛନ୍ତି। ଯୁବପିଢ଼ିଙ୍କୁ ପ୍ରଭାବିତ କରି ସେମାନଙ୍କର କାରବାର ମନଇଚ୍ଛା ଚଳାଉଛନ୍ତି। ଫଳରେ ଗରଦପୁର ବ୍ଲକ୍ ଅଞ୍ଚଳ ସାରା ବର୍ତ୍ତମାନ ଅସାମାଜିକ ଲୋକଙ୍କ ଏବେ ଚରାଭୂଇଁ ପାଲଟିଛି। ଅନୁମତି ନଥାଇ ବା ବିନା ଲାଇସେନ୍ସର ପାଟକୁରା ଓ କୁଦାନଗରି ଅଞ୍ଚଳର ଏକାଧିକ ସ୍ଥାନରେ ଚୋରା ମଦ ଦୋକାନ ଖୋଲାଯାଇଛି। ଫଳରେ ଏହା ଅତି ସହଜରେ ଉପଲବ୍ଧ ହେଉଛି। ଏହାଛଡା ଧଳା ବ୍ରାଉନସୁଗର ମଧ ସହଜ ଓ ସୁବିଧାରେ ମିଳୁଛି। ନୂଆପଡ଼ା, ଗରଦପୁର, ପାଟକୁରା, ପାଖଡ, ପଳସୁଧା, ବ୍ରହ୍ମପୁର, ମଧୁସାସନ, ନଡିଆବରାଇ, ତିକନପୁର ଆଦି ସ୍ଥାନରେ ବ୍ରାଉନସୁଗର, ଗଞ୍ଜେଇ, ଦେଶୀ ମଦ ବହୁଳ ବେପାର ଚାଲିଛି।

ଶିକ୍ଷିତ ଯୁବକ, ଦିନ ମଜୁରିଆ, ଏମିତିକି ବହୁ ନାବାଳକ ମଧ ଏହାର ଶିକାର ହେଉଛନ୍ତି। ଅଭାବଗ୍ରସ୍ତ ନିଶା ସେବନକାରୀ ଯୁବକମାନେ ନିଶା କବଳିତ ହେବା ପରେ ଆଉ ପଛକୁ ଫେରି ପାରୁନାହାନ୍ତି। ଅର୍ଥାଭାବରୁ ବାଧ ହୋଇ ବିଭିନ୍ନ ପ୍ରକାର ଅସାମାଜିକ କର୍ଯ୍ୟ ଯଥା ରାହାଜାନୀ ଓ ଚୋରି କରିବାକୁ ପଛାଉନାହାନ୍ତି। ଦୋକାନଠାରୁ ଆରମ୍ଭକରି ମନ୍ଦିର ପର୍ଯ୍ୟନ୍ତ ଚୋରି ଗରଦପୁର ବ୍ଲକ ଅଞ୍ଚଳରେ ନିତିଦିନିଆ ଘଟଣା ପାଲଟିଛି। ଅବକାରୀ ବିଭାଗ କିମ୍ବା ପୁଲିସ କାହାରି ଏଥିପ୍ରତି ସାମାନ୍ୟ ନଜର ନାହିଁ । ମଝିରେ ମଝିରେ ଅବକାରୀ ବିଭାଗ ତରଫରୁ ନିଜର ଅବସ୍ଥିତି ଜାହିର କରିବା ପାଇଁ କିଛି ଛୋଟ ଛୋଟ ଦେଶୀ ମଦ ବେପାରୀଙ୍କୁ ଧରି ନିଜର ବାହାଦୂରୀ ଦେଖାଉଛନ୍ତି। ସେମାନଙ୍କୁ ଧରିନେଇ ଥାନାରେ କିଛି ସମୟ ଅଟକାଇ ପୁଣି ଛାଡ଼ିଦି ଦିଆଯାଉଛି। ଆଉ ଯେଉଁମାନଙ୍କୁ କୋର୍ଟକୁ ପଠାଯାଉଛି ସେମାନଙ୍କ ଚାର୍ଜସିଟ ଏମିତି ଲେଖାଯାଉଛି ସେମାନେ ସହଜରେ ଜାମିନରେ ଆସି ପୁଣି ତାଙ୍କ ସାମ୍ରାଜ୍ୟର ରାଜା ପାଲଟିଯାଉଛନ୍ତି। ଗରଦପୁର ଅଞ୍ଚଳରେ ବେଧଡ଼କ ଭାବରେ ଏତେଗୁଡ଼ିଏ ବିନା ଲାଇସେନ୍ସପ୍ରାପ୍ତ ମଦ ଦୋକାନ କିପରି ଚାଲିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। କେଉଁ ଉଦ୍ଦେଶ୍ୟରେ ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ତାହା ମଧ ଲୋକଙ୍କ ମନ ମଧ୍ୟରେ ପ୍ରଶ୍ନ ସୃଷ୍ଟି କରୁଛି।

ଏହି ବେଆଇନ ନିଶା କାରବାରକୁ ନେଇ ଗରଦପୁର ଅଞ୍ଚଳରେ ବୁଦ୍ଧିଜୀବୀ, ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ କେନ୍ଦ୍ରାପଡା ଅବକାରୀ ବିଭାଗ ଓ ପାଟକୁରା, କୁଦାନଗରି ପୁଲିସ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଏହି ନିଶା କାରବାରର ଚେର ବହୁ ଭିତରକୁ ଚାଲିଯିବ। କେନ୍ଦ୍ରାପଡା ଅବକାରୀ ବିଭାଗର ଅଧିକାରୀଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଚୋରା ମଦକୁ ରୋକା ହେବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ସ୍ମୃତି ଦେଇଛନ୍ତି ।

### ମୂକ ବଧିର ଯୁବତୀଙ୍କୁ ନିର୍ଯାତନା ଘଟଣା

## କେବେ କାର୍ଯ୍ୟାନୁଷ୍ଠାନ ନେବ ପୁଲିସ ?

**ମହାକାଳପଡ଼ା,୧୩।୫ (ସଂଚାର ବ୍ୟୁରୋ):** ଜଣେ ମୁକ ବଧିର ଯୁବତୀଙ୍କୁ ପଡୋଶୀ ଜୀବନରୁ ମାରିଦେବା ପାଇଁ ପ୍ରୟାସ କରିବା ଓ ତାଙ୍କ ଉପରେ ଗରମ ପେଜ ଫୋପାଡିଛନ୍ତି। ଏନେଇ ଯୁବତୀଙ୍କ ଭଉଣୀ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଏତଲା ଅନୁଯାୟୀ ମହାକାଳପଡ଼ା ଥାନା ଅନ୍ତର୍ଗତ ଚଡାଇଗୁଆଁ ଗ୍ରାମର ଜଣେ ବାପା ମାଆ ଛେଉଣ୍ଡ ମୁକ ବଧିର ଯୁବତୀ ମୁନୁ ପାହିଲ ରହୁଛନ୍ତି। କେହି ନଥିବାରୁ ତାଙ୍କର ଭଉଣୀମାନେ ମୁନୁଙ୍କର ଖାଇବା ପିଇବା ବ୍ୟବସ୍ଥା ୧୫ ଦିନ ଲେଖାଏଁ ପାଳି କରି ବୁଝନ୍ତି। ମୁନୁଙ୍କର ଷଷ୍ଠ ଭଉଣୀ ଲିସାରାଣୀ ସେନିପତି ୯ ତାରିଖ ଦିନ ସମୟ ୧୧.୩୦ ସମୟରେ ଗାଧୋଇ ଯାଇଥିବା ବେଳେ ତାଙ୍କର ମୁକ ବଧିର ଭଉଣୀ ମୁନୁଙ୍କୁ କାନପୁର ଗ୍ରାମର ମକର ମହାନ୍ତି ଚଡାଇଗୁଆଁ ଗ୍ରାମର ସଞ୍ଜୟ ପାହିଲ, ପୁଷ୍ପଲତା ପାହିଲ, କଲ୍ୟାଣୀ ପାହିଲ ଚୁଟି ଧରି ଘୋଷାଡି ମରଣାନ୍ତକ ଆକ୍ରମଣ କରିବା ସହିତ ସଞ୍ଜୟଙ୍କ ପତ୍ନୀ ଗରମ ପେଜ ଫୋପାଡିଛନ୍ତି। ମୁନୁଙ୍କ ଦେହସାରା ଫୋଟକା ହୋଇଯାଇଛି। ଏକା ଅସହାୟ ମୁକ ବଧିର ଭଉଣୀଟାକୁ ମାରିଦେଲେ ସବୁ ସମ୍ପତ୍ତିର ସେମାନେ ମାଲିକ ହେବେ ବୋଲି ମୁନୁଙ୍କ ଭଉଣୀ ଲିଶାରାଣୀ ମହାକାଳପଡ଼ା ଥାନାରେ ନ୍ୟାୟ ପାଇଁ ଏତଲା ଦେଇଛନ୍ତି।

ଏତଲା ଆଧାରରେ ମହାକାଳପଡ଼ା ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ଜଣେ ଅସହାୟ ମୁକ ବଧିର ଯୁବତୀଙ୍କ ଉପରେ ହୋଇଥିବା ନିର୍ଯ୍ୟାତନା ବିରୋଧରେ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରତାପ ମହାନ୍ତି ଦାବି କରିଛନ୍ତି। ସେ କହିଛନ୍ତି ଯଦି ଦୋଷୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଏହି ଘଟଣାରେ ସେ ଉଚ୍ଚସ୍ତରୀୟ ଅଧୀକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ। ମହାକାଳପଡ଼ା ପୁଲିସ ଏ ଘଟଣାରେ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ପଦ ଅନାସ୍ଥା ପ୍ରସ୍ତାବ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ




**ନିଶ୍ଚିନ୍ତକୋଇଲି,୧୩।୫ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧକ୍ଷାଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ପ୍ରଶାସନ ତରଫରୁ ଯୋଜନା ବଦ୍ଧ ଭାବେ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧକ୍ଷା ରୋଜି ସେଠୀଙ୍କ ବିରୁଦ୍ଧରେ ୩୧ଜଣ ସରପଞ୍ଚ ସମିତି ସଭ୍ୟ କଟକ ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଅଭିଯୋଗ କରିଥିଲେ। କଟକ ଉପଜିଲ୍ଲାପାଳ ଏହି ଅନାସ୍ଥା ପ୍ରସ୍ତାବର ଦସ୍ତଖତ ଯାଞ୍ଚ ହେବା ପରେ ଆଜି ଅର୍ଥାତ୍ ଆଜି ୧୩ତାରିଖକୁ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଆଜିର ଅନାସ୍ଥା ପ୍ରସ୍ତାବ ନିମନ୍ତେ ବ୍ଲକରେ ପୁଲିସ ପ୍ରଶାସନ ଛାଉଣୀ ହୋଇଥିଲେ। ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ କୌଣସି ସରପଞ୍ଚ କିମ୍ବା ସମିତି ସଭ୍ୟ ମତଦାନ ନିମନ୍ତେ ପହଂଚିନଥିଲେ। ଏପରିକି ନିର୍ବାଚନ ଅଧିକାରୀ କଟକ ଉପ ଜିଲ୍ଲାପାଳଙ୍କ ସମେତ ୫ଜଣ ଜନ ପ୍ରତିନିଧି ଶାରୀରିକ ଅସୁସ୍ଥତା ଦର୍ଶାଇ ବ୍ଲକ୍ କାର୍ଯ୍ୟଳୟରେ ଅନୁପସ୍ଥିତ ରହିବା ଫଳରେ ଏହି ଅନାସ୍ଥା ପ୍ରସ୍ତାବକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ ରଖାଗଲା ବୋଲି ପ୍ରଶାସନ ତରଫରୁ ଏକ ଚିଠି ଜାରି କରାଯାଇଛି।

## ରାଜନଗରରେ ମିଳିତ ଅଭିଯୋଗ ଶୁଣାଣି ଶିବିର

### ମୋଟ୍ ୧୧୮ଟି ଅଭିଯୋଗ ମଧ୍ୟରୁ ୧୯ଟି ସାମୁହିକ ଓ ୯୯ଟି ବ୍ୟକ୍ତିଗତ




**କେନ୍ଦ୍ରାପଡ଼ା,୧୩।୫ (ସଂଚାର ବ୍ୟୁରୋ):** ଆଜି ରାଜନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବ ନିର୍ଦ୍ଧାରିତ ସମୟ ପରିବର୍ତ୍ତେ ପୂର୍ବାହ୍ନ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବୀନ୍ଦ୍ର କୁମାର ମଲ୍ଲିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ପଟ୍ଟାମୁଣ୍ଡାଇ ଉପଖଣ୍ଡ ଆରକ୍ଷୀ ଅଧିକାରୀ, ରାଜନଗର ବିଡିଓ, ରାଜନଗର ତହସିଲଦାର, ଡେପୁଟି କଲେକ୍ଟର ଏବଂ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ ।

ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୧୧୮ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୯ ଗୋଟି ସାମୁହିକ ଏବଂ ୯୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୫ ହଜାର ଟଙ୍କା ଜଣେ ଆବେଦନକାରୀଙ୍କୁ ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା, ଚିକିତ୍ସା ପାଇଁ ଆର୍ଥିକ ସହାୟତା ପାଇଁ ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ, ପାନୀୟ ଜଳ ସମସ୍ୟା, ରାସ୍ତା ଜବରଦଖଲ ଉଚ୍ଛେଦ, ରାସ୍ତା ମରାମତି ତଥା ପ୍ରଶସ୍ତିକରଣ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି ।

## ବିଦ୍ୟୁତ୍ ବିଭାଗର ମନମାନୀ, ହନ୍ତସନ୍ତ ଉପଭୋକ୍ତା



**ମହାକାଳପଡ଼ା,୧୩।୫ (ସଂଚାର ବ୍ୟୁରୋ):** ବିଦ୍ୟୁତ ବିଭାଗ କର୍ମଚାରୀମାନଙ୍କ ପାଇଁ ଚଣ୍ଡିଆପଲ୍ଲୀ ଗ୍ରାମର ୪ ଜଣ ବିଦ୍ୟୁତ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ଯେଉଁ ବିଦ୍ୟୁତ ଖୁଣ୍ଟରୁ ସେମାନେ ବିଦ୍ୟୁତ ସଂଯୋଗ ନେଇଛନ୍ତି ତାହା ବାଉଁଶ ବୁଦା ମାଡ଼ି ଗଲାଣି। ବାଉଁଶ ଗଛ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ଘରକୁ ସଂଯୋଗ ହୋଇଥିବା ତାର ଓହଳି ପଡ଼ିଲାଣି। ବିଭିନ୍ନ ସମୟରେ ସର୍ଟ ସର୍କିଟ ମଧ ଦେଖିବାକୁ ମିଳୁଛି। ଯାହାକୁ ନେଇ ଭୟ ମଧ୍ୟରେ ରହୁଛନ୍ତି ହିତାଧିକାରୀ। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଦେଉଳ ପଡା ପଞ୍ଚାୟତ ଚଣ୍ଡିଆପଲ୍ଲୀ ଗ୍ରାମର ପ୍ରଶନ୍ନ ପରିଡ଼ା,ପ୍ରଭଞ୍ଜନ ପରିଡ଼ା, ମିନତି ପରିଡ଼ା ଓ ଜୟନ୍ତି ପରିଡ଼ା ଯେଉଁ ଖୁଣ୍ଟରୁ ବିଦ୍ୟୁତ ସଂଯୋଗ ନେଇଛନ୍ତି। ସେଥିରେ ଏମିତି ସମସ୍ୟା ଦେଖାଦେଉଛି। ଅଭିଯୋଗ କଲେ ମଧ ସମସ୍ୟା ସମାଧାନ ହେଉନଥିବା ସେମାନେ କହିଛନ୍ତି। ବିଦ୍ୟୁତ ବିଭାଗ ଏଥିପାଇଁ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

## ପୋଖରୀରେ ବୁଡ଼ି ଦେଢ ବର୍ଷର ଶିଶୁପୁତ୍ର ମୃତ

**ରାଜନଗର,୧୩।୫ (ସଂଚାର ବ୍ୟୁରୋ):** ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଡାଙ୍ଗମାଳ ଗାଁରେ ଦେଢ ବର୍ଷର ଶିଶୁପୁତ୍ର ଆଜି ଦିନ ପ୍ରାୟ ୧୦ ଘଟିକା ସମୟରେ ଘର ପଛରେ ଥିବା ପୋଖରୀରେ ବୁଡି ଶିଶୁପୁତ୍ର ମୃତ୍ୟୁବରଣ କରିଛନ୍ତି। ଡାଙ୍ଗମାଳ ଗାଁର କାର୍ତିକ ଆଡିଙ୍କ ଦେଢ ବର୍ଷର ପୁଅ ସାଇରାମ ଘର ପାଖରେ ଖେଳୁଥିବା ବେଳେ ପୋଖରୀକୁ ଖସି ପଡ଼ିଥିଲା। ପରିବାର ଲୋକେ ପୁଅକୁ ନପାଇ ଖୋଜାଖୋଜି କରିବା ପରେ ପୋଖରୀରୁ ସାଇରାମକୁ ମୁର୍ମୂର୍ଷ ଅବସ୍ତାରେ ଉଦ୍ଧାର କରି ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଅବସ୍ତା ଗୁରୁତର ଥିବାରୁ ସାଇରାମ କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାଃ...ବାଃ...ରେ ପୁଲିସ ପ୍ରଶାସନ

## ନକଲି ଡାକ୍ତରଙ୍କୁ ଛାଡ଼ି ଆନ୍ଦୋଳନକାରୀଙ୍କ ନାଁରେ ଏତଲା



**ଆଳି,୧୩।୫ (ସଂଚାର ବ୍ୟୁରୋ):** ଆଳି ଥାନା ଅଧୀନ ଭରତପୁର କଳାକାର ସାହୁଙ୍କ ପୁଅ ପ୍ରଶାନ୍ତ ସାହୁ ତାଙ୍କ ଗୋଡ଼ ମଚକି ଯାଇଥିବାରୁ ସେ ସୀଙ୍ଗିରି ବଜାରରେ ଥିବା ଏକ ମେଡିସିନ ଷ୍ଟୋରରେ ନକଲି ଡକ୍ଟର ଚିକିତ୍ସା କରିବା ସହ ଦୁଇଟି ଇଞ୍ଜେସନ୍ ଦେଇଥିଲେ। ତାହାପରେ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ଘର ଲୋକେ ଅଭିଯୋଗ କରିଥିଲେ। ପରେ ଘର ଲୋକେ ଆଳି ଥାନାରେ ଅଭିଯୋଗ କରିବାକୁ ଯାଇଥିବା ବେଳେ ଥାନ ଅଧିକାରୀ ଦୁର୍ବ୍ୟବହାର କରିଥିବା ସହ ଅଭିଯୋଗକୁ ରଖିନଥିଲେ। ପରେ ଗ୍ରାମର ଲୋକେ ମୃତଶରୀର ରଖି କଟକ ଚାନ୍ଦବାଲି ମୁଖ୍ୟ ରାସ୍ତା ଭରତପୁର ଠାରେ ଅବରୋଧ କରିଥିଲେ। ପରେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଦୋଷୀକୁ ଖୁବ ଶୀଘ୍ର ଧରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦିନ ପରେ ଦିନ ବିତିଥିଲେ ମଧ ଦୋଷୀକୁ ନଧରି ଆନ୍ଦୋଳନ କାରିଙ୍କ ନାମରେ ଏତଲା ଦେବା ପୁଲିସର ପାରିବା ପଣିଆ ଉପରେ ବଡ ପ୍ରଶ୍ନ ବାଚି ସୃଷ୍ଟି କରିଛି।

ଅନ୍ୟପଟେ ଆନ୍ଦୋଳନକାରୀ କହିଛନ୍ତି ପୁଲିସର ଏଭଳି ଦମନକୁ ଡରିନୁ ଯେ ପର୍ଯ୍ୟନ୍ତ ପ୍ରଶାନ୍ତଙ୍କୁ ନ୍ୟାୟ ଓ ନକଲି ଡାକ୍ତରକୁ ଆଇନ ଅନୁଯାୟୀ ଦଣ୍ଡ ନମିଳିଛି ଏହି ଆନ୍ଦୋଳନ ତୀବ୍ରତର କରାଯିବ। ସେପଟେ ନକଲି ଡାକ୍ତରକୁ ଖସାଇ ଦେବାରେ ପୁଲିସର ହାତ ଥିବା କହିଛନ୍ତି ମୃତକଙ୍କ ଭଉଣୀ। ବାରଦିନ ପରେ ବି ପୁଲିସ ନକଲି ଡ଼ାକ୍ତରକୁ ନ ଧରି ଆନ୍ଦୋଳନକାରୀଙ୍କ ନାମରେ ଏତଲା କରିବା କୋଉଠି ନା କୋଉଠି ପୁଲିସର କାର୍ଯ୍ୟକଳାପ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସେପଟେ କିଛି ଲୋକେ ପ୍ରଶାନ୍ତଙ୍କୁ ନ୍ୟାୟ ଦେବାକୁ ଆନ୍ଦୋଳନ କରୁଥିବା ବେଳେ କିଛି ଲୋକେ ଏହି ଘଟଣାକୁ ଚାପିବା ସହ ମୋଟା ଆଙ୍କର ଅର୍ଥ ମୂଲଚାଲ କରୁଥିବା କୁହାଯାଉଛି। ଅନ୍ୟପଟେ ବୁଦ୍ଧିଜୀବୀମାନେ ସରକାରଙ୍କୁ ନିବେଦନ କରିଛନ୍ତି ନକଲି ଡ଼ାକ୍ତର ସାମ୍ରାଜ୍ୟ ଶେଷ କରିବା ସହ ପ୍ରଶାନ୍ତଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଦାବି କରିଛନ୍ତି।

# ସାଲେପୁରରେ ଜଟିଳ ହେଉଛି ଟ୍ରାଫିକ୍ ସମସ୍ୟା

### ଜରିମାନା ଆଦାୟ ପରେ ମଧ ସୁଧୁରୁନାହାଁନ୍ତି ଅମାନିଆ



**ସାଲେପୁର,୧୩।୫ (ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଜଟିଳ ହେବାରେ ଲାଗିଛି। ସାଲେପୁର ଅଞ୍ଚଳରେ ପାର୍କିଂ ବ୍ୟବସ୍ଥା ନଥିବାରୁ ଅମାନିଆମାନଙ୍କ ପାଇଁ ଏହି ସମସ୍ୟା ଦ୍ୱିଗୁଣିତ ହେଉଛି। ଫଳରେ ପ୍ରତିଦିନ ସନ୍ଧ୍ୟାରେ ସାଲେପୁର ବଜାରରେ ଟ୍ରାଫିକ୍ ସମସ୍ୟା ଜଟିଳ ହେଉଛି।

ପ୍ରକାଶ ଯେ ସାଲେପୁର ସହର ଏକ ଗୁରୁତ୍ୱପୂର୍ଣ୍ଣସହର। ଏହି ସହର ଦେଇ କଟକ-ଚାନ୍ଦବାଲି, ପାରାଦୀପ, ବାଲିଚନ୍ଦ୍ରପୁର, ଯାଜପୁର ଆଦି ଅଞ୍ଚଳକୁ ନିୟମିତ ଶହ ଶହ ସଂଖ୍ୟକ ଯାନବାହନ ଯାତାୟତ କରିଥାନ୍ତି। କିନ୍ତୁ ସାଲେପୁର ବଜାରରେ ପାର୍କିଂ ବ୍ୟବସ୍ଥା ନଥିବାରୁ କେତେକ ଅମାନିଆ ରାସ୍ତାର ଉଭୟ ପାର୍ଶ୍ୱ ଓ ରାସ୍ତା ଉପରେ ଦୁଇଚକିଆ ଯାନ ଠାରୁ ଆରମ୍ଭ କରି ଚାରିଚକିଆ ଯାନ ରଖି ଘଣ୍ଟା ଘଣ୍ଟା ଧରି ମାର୍କେଟିଂ କରୁଥିବାରୁ ଉଭୟ ପାର୍ଶ୍ୱ ରାସ୍ତାରେ ଶହ ଶହ ସଂଖ୍ୟକ ଗାଡ଼ି ଲାଇନ୍ ଲାଗି ରହୁଛି। ସାଲେପୁର ପୁଲିସ ପକ୍ଷରୁ ଅମାନିଆଙ୍କୁ ସାବାଡ଼ ପାଇଁ ଜରିମାନା ଆଦାୟ କରାଯାଉଥିଲେ ମଧ ଅମାନିଆମାନେ ଜରିମାନାକୁ ଭ୍ରୁକ୍ଷେପ ନକରି ମନଇଚ୍ଛା ରାସ୍ତା ଉପରେ ଗାଡ଼ି ପାର୍କିଂ କରି ଏଣେ ତେଣେ ବୁଲୁ ଥିବାରୁ ସାଲେପୁର ବଜାରରେ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡୁଛି। ଅପର ପକ୍ଷରେ ଉଠା ଦୋକାନୀମାନେ ରାସ୍ତା ଉପରେ ନିଜର ବ୍ୟବସାୟୀକ ପଶରା ଖୋଲୁଥିବାରୁ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ ହେଉଛି। ଏହି ଉଠା ଦୋକାନୀମାନେ ତହସିଲ ଗେଟ୍ ଠାରୁ ଡାକପୋଲ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ଦୋକାନ ଖୋଲି ବସୁଥିବାରୁ ଏହି ଦୋକାନରୁ ବିଭିନ୍ନ ସାମଗ୍ରୀ କ୍ରୟ କରିବାକୁ ଆସୁଥିବା ଲୋକମାନେ ରାସ୍ତା ଉପରେ ଗାଡ଼ିକୁ ରଖିଦେବାରୁ ରାସ୍ତାରେ ଗାଡ଼ି ଜମା ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି।

ସାଲେପୁର ସହରରେ ଟ୍ରାଫିକ୍ ସମସ୍ୟା ଦୀର୍ଘଦିନର ସମସ୍ୟା ହୋଇଥିବାରୁ ଏହାକୁ କିଛି ମାତ୍ରାରେ ସୁଧାରିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଲେପୁର-କୁଆଁପାଳ ଛକରେ ଟ୍ରାଫିକ୍‌ର ସୁପରିଚାଳନା ନିମନ୍ତେ ୨ଜଣ ଟ୍ରାଫିକ୍ ପୋଲିସକୁ ନିଯୁକ୍ତି ଦିଆଯାଇଥିବାବେଳେ ଏହି କିଛି ମାସ ହେବ ଆଉ ଏହି ଟ୍ରାଫିକ୍ ପୋଲିସ ରହୁନଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସନ୍ଧ୍ୟା ହେଲେ ସାଲେପୁର ବଜାରରେ ଘଣ୍ଟା ଘଣ୍ଟା ଧରି ବଜାର ଜାମ୍ ରହୁଥିବାରୁ ଜରୁରୀକାଳୀନ ଯାନବାହନ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଯଦି ପ୍ରଶାସନ ପକ୍ଷରୁ ସାଲେପୁର ସହରର ଟ୍ରାଫିକ୍ ସମସ୍ୟା ସୁଧାରିବାପାଇଁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ସାଲେପୁର ସହରରେ ଟ୍ରାଫିକ୍ ସମସ୍ୟା ଭୁଷୁଡ଼ିବ ବୋଲି ସାଧାରଣରେ ଅଭିଯୋଗ ହୋଇଛି।

## ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀଙ୍କୁ ବାଧ୍ୟତାମୂଳକ କମ୍ପ୍ୟୁଟର ତାଲିମ ଆରମ୍ଭ

**କେନ୍ଦ୍ରାପଡା,୧୩।୫ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ କର୍ମଚାରୀଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ ହୋଇଥିବାରୁ କେନ୍ଦ୍ରାପଡା ଜିଲ୍ଲାର କର୍ମଚାରୀ ମାନଙ୍କୁ ଆଜିଠାରୁ ଓକାକ୍ ମାଧ୍ୟମରେ କମ୍ପ୍ୟୁଟର ତାଲିମ ପ୍ରଦାନ କରାଯାଇଛି । ୩ଦିନ ଧରି ଏହି ତାଲିମ ଦିଆଯିବ । ଏନେଇ ଏକ ବୈଠକ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓକାକ୍ ମାଧ୍ୟମରେ ପ୍ରତ୍ୟେକ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯିବ। ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ନଥିପତ୍ର ସହ ଅଭିଯୋଗ, ଦରଖାସ୍ତ ଆଦି ଜନ ସାଧାରଣଙ୍କ ଆପତି ଅଭିଯୋଗଗୁଡିକୁ ଅନଲାଇନରେ ପଞ୍ଜିକରଣ କରାଯାଇ ନଥି ପ୍ରସ୍ତୁତ କରଯିବ ଏବଂ ତାହାର ବର୍ଗୀକରଣ କରାଯାଇ କାର୍ଯ୍ୟଟି କେଉଁ ବିଭାଗରେ ଓ କାହାଦ୍ୱାରା ସଂପାଦିତ ହେଉଛି ତାହାର ମଧ ତାଲିକା ପ୍ରସ୍ତୁତ କରାଯିବ। ଏହାର ସମୟସୀମା ଅବଧି ଓ ନିଷ୍ପାଦନର ମଧ ଅନଲାଇନରେ ଉପଲବ୍ଧ ହୋଇପାରିବା ଉଦ୍ଦେଶ୍ୟ ମୂଳକ ଭାବେ ଫାଇଲକୁ ଅଟକ ରଖିଥିବା କିରାଣୀ ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନଲାଇନ ହେବା ଦ୍ୱାରା ଜନ ସାଧାରଣ ଶିଘ୍ର ପ୍ରଶାସନ ପାଖରୁ ନ୍ୟାୟ ପାଇବା ସହ ରାଜ୍ୟ ସରକାରଙ୍କ ତ୍ୱରିତ ସେବା ପ୍ରଦାନ ନୀତି କାର୍ଯ୍ୟକାରୀ ହୋଇପାରିବ ବୋଲି ଜଣାପଡିଛି । ମଙ୍ଗଳବାର କେନ୍ଦ୍ରାପଡା ଜିଲ୍ଲାର ତହସିଲ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି ।

### ବିଏମସି କମିଶନରଙ୍କ ବୈଠକ

# ଆଜି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ



ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ଆଜି 'ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ' ଏବଂ ବିଏମସି ଅଧିକାରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତାକାଲି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ ସକାଶେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଓ କମିଟି ପକ୍ଷରୁ ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଞ୍ଜ ନେତୃତ୍ୱ ନେଇଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତାକାଲି ସକାଳେ ବିଏମସି ଅଧିକାରୀଙ୍କ ସହ ଅଭିଯାନର କର୍ମକର୍ତ୍ତାମାନେ ମିଳିତ ଭାବେ ଗାଡ଼କଣ ଅଳିଆଗଦା ସହ ପ୍ରସ୍ତାବିତ ପଲାଶୁଣୀ ଶୁଖିଲା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ମେହେରପଲ୍ଲୀ ଓଦା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟର ସରଜମିନ ସର୍ବେକ୍ଷଣ କରିବେ। ଆଜିର ବୈଠକରେ ଅଭିଯାନର ସଦସ୍ୟମାନେ ବିଏମ୍ସି ଅଧିକାରୀମାନେ ସ୍ଥାନୀୟ ଲୋକେ କିପରି ଦୁର୍ଗନ୍ଧରେ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି, ତା' ଜାଣିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଏମସି କମିଶନର ଶ୍ରୀ ପାଟିଲ ଆସନ୍ତା ଜୁନ ସୁଦ୍ଧା ସେଠାରେ ଆଉ ଶୁଖିଲା ଅଳିଆ ଗଦା ହେବ ନାହିଁ ଏବଂ ଏବେ ଗଦା ହୋଇଥିବା ଅଳିଆଗୁଡ଼ିକୁ ପଲାଶୁଣୀ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ପ୍ରୋସେସିଂ କରାଯିବ ବୋଲି କହିଥିଲେ। ସେହିପରି ଆଗାମୀ ଦେଢ଼ ବର୍ଷ ଭିତରେ ମେହେରପଲ୍ଲୀ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଓଦା ଅଳିଆ ପ୍ରୋସେସିଂ କରାଯିବ। ଆହୁରି ପୁରୀ, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ବାହାରୁଥିବା ଅଳିଆକୁ ନେଇ ଏକ ବୃହତ୍ତର ପ୍ଲାଣ୍ଟ ମାଧ୍ୟମରେ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ସ୍ୱତନ୍ତ୍ର ଯୋଜନା ହୋଇଥିବା କମିଶନର ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ଗାଡ଼କଣ ସୈନିକ ସ୍କୁଲଠାରେ ଥିବା ଭୁବନେଶ୍ୱର ମହାନଗର ନିଗମର ଅସ୍ଥାୟୀ ଅଳିଆ ଗଦାରେ ଦୈନିକ ୩୮୦ ମେଟ୍ରିକ ଟନ ଅଳିଆ ପକାଯାଉଥିବାରୁ ସେଠାରେ ଦୁର୍ଗନ୍ଧରେ ସ୍ଥାନୀୟ ଲୋକଙ୍କ ପାଇଁ ବସବାସ ଦୁର୍ବିସହ ହୋଇପଡ଼ିଛି। ତେଣୁ ଏ ଦିଗରେ ବିଏମ୍ସିର ତ୍ୱରିତ ପଦକ୍ଷେପ ଦାବିରେ ଅଭିଯାନ ପକ୍ଷରୁ ଅଭିନବ ଉପାୟରେ ପ୍ରତିବାଦ ସକାଶେ ନିଷ୍ପତ୍ତି ହୋଇଥିଲା। ଏହି ଅନୁସାରେ କମିଶନର, ମେୟର, ସଚିବ ଓ ନଗର ବିକାଶ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିରୋଧ ପ୍ରଦର୍ଶନ ସକାଶେ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଗତକାଲି ପ୍ରଥମ ପର୍ଯ୍ୟାୟରେ କମିଶନର ଶ୍ରୀ ପାଟିଲଙ୍କ ସରକାରୀ ବାସଭବନ ସମ୍ମୁଖରେ ଅଳିଆ ଗଦା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି କମିଶନର ତ୍ୱରିତ ପଦକ୍ଷେପ ସ୍ୱରୂପ ସ୍ୱତନ୍ତ୍ର ବୈଠକ ଡାକିଥିଲେ।

### ନାର୍କୋ କୋର୍ଡିନେସନ ସେଣ୍ଟରର ୫ମ ରାଜ୍ୟସ୍ତରୀୟ ବୈଠକ

# ବେଆଇନ୍ ଗଞ୍ଜେଇ ଚାଷରୁ ନିବୃତ୍ତ ରହିବାକୁ ପରାମର୍ଶ




ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ନିଷେଧ ନିଶାଦ୍ରବ୍ୟର ବେଆଇନ୍ ଚୋରା ଚାଲାଣକୁ ରୋକିବା ସମ୍ପର୍କରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧୀନସ୍ଥ ନାର୍କୋ କୋର୍ଡିନେସନ ସେଣ୍ଟର ପକ୍ଷରୁ ଆଜି ପଞ୍ଚମ ରାଜ୍ୟସ୍ତରୀୟ ବୈଠକ ସ୍ଥାନୀୟ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ୍ ମହା ନିର୍ଦ୍ଦେଶକ ୱାଇବି ଖୁରାନିଆ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଉପମହାନିର୍ଦ୍ଦେଶକ ହିତେଶ ଗୋଦାରା, ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ସମେତ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଅନ୍ୟ ବରିଷ୍ଠ ଅଧିକାରୀ, ରାଜ୍ୟ ପୁଲିସ ପ୍ରଶାସନ, ଅବକାରୀ ବିଭାଗ, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ସୀମା ସୁରକ୍ଷା ବଳ, ନୌସେନା, ରେଳ ଓ ତଟ ସୁରକ୍ଷା, ଭାରତୀୟ ଡାକସେବା ଆଦି ବିଭିନ୍ନ ଆଇନ୍ ଅନୁପାଳନ ସଂସ୍ଥାର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଆଭାସୀ ମାଧ୍ୟମରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ପୁଲିସ୍ ପ୍ରଶାସନ, ଅବକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିବା ବେଳେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ଗତ ୨୪ ତାରିଖରେ ଅନୁଷ୍ଠିତ ୪ର୍ଥ ଏନ୍ସିଓଆରଡି ବୈଠକର ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ବେଆଇନ୍ ନିଶାଦ୍ରବ୍ୟ କାରବାର, ଚୋରା ଚାଲାଣର ସ୍ଥିତି, ନଷ୍ଟ କରାଯାଇଥିବା ନିଶାଦ୍ରବ୍ୟ, ରାଜ୍ୟକୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ସହାୟତା ସମେତ ନିଶାମୁକ୍ତ ଭାରତ ପାଇଁ କେନ୍ଦ୍ର ସରକାରଙ୍କ ଆହ୍ୱାନକୁ କାର୍ଯ୍ୟକାରୀ କରିବା ପାଇଁ ଆଗାମୀ ଦିନର ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜୋନ ନିର୍ଦ୍ଦେଶକ, ଏନସିବି ଭୁବନେଶ୍ୱର ସ୍ୱାଗତ ଭାଷଣ ଦେଇଥିଲେ। ଇ-ଗଭର୍ଣ୍ଣାସ୍ ପୋର୍ଟାଲରେ ୬୨,୩୮୩ ଜଣ ନିଜକୁ, ନିଜ ପରିବାର ଓ ପ୍ରିୟଜନଙ୍କୁ ମାଦକ ପଦାର୍ଥଠାରୁ ଦୂରରେ ରହି ସୁସ୍ଥ ଓ ନିରୋଗ ଜୀବନ ଉପଭୋଗ କରିବାର ଶପଥ ନେଇଛନ୍ତି ଓ ସମସ୍ତ ମହାବିଦ୍ୟାଳୟଙ୍କୁ ଆଣ୍ଟି-ଡ୍ରଗ୍ସ ଶପଥ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚିଠି ପଠାଯାଇଛି। ଗତ ୨୦୨୪-୨୫ରେ ରାଜ୍ୟରେ ମୋଟ ୨୭,୭୨୧ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଗତ ୨୦୨୩-୨୪ରେ ପ୍ରାୟ ୧୦,୩୨୦ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ବେଳେ ୨୦୨୪-୨୫ ରେ ଏହା ୩ ଗୁଣା ବଢ଼ିଛି। ସାଟେଲାଇଟ ଛବି ଓ ସୂଚନା ଆଧାରରେ ବେଆଇନ୍ ଗଞ୍ଜେଇ ଚାଷ ଅଞ୍ଚଳକୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ବୈଠକରେ କୁହଯାଇଛି। ଗଞ୍ଜେଇ ଚାଷରୁ ନିବୃତ୍ତ ରହିବା ପାଇଁ ଜନସଚେତନତା ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ଗଞ୍ଜେଇ ଚାଷ ହେଉଥିବା ଅଞ୍ଚଳରେ ଲୋକଙ୍କୁ ଅନ୍ୟ ଚାଷ ଓ ଫଳଚାଷ ଆଦିକୁ ପ୍ରୋତ୍ସାହନ ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ୨୦୨୪ ରେ ୧୩,୭୬୧ କିଗ୍ରା ଗଞ୍ଜେଇ, ୩୭ କିଗ୍ରା ହେରୋଇନ୍ ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଜବତଜନିତ ସମ୍ପର୍କରେ ସୂଚନା ଦିଆଯାଇଛି।

## ମହିମା ସେବା ଫାଉଣ୍ଡେସନ ପକ୍ଷରୁ ବସ୍ତ୍ରଦାନ



ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ମା'ର ବିକଳ୍ପ ନାହିଁ। ମା'ର ସ୍ଥାନ ସ୍ୱର୍ଗଠାରୁ ବି ଉଚ୍ଚରେ। ସମସ୍ତେ ମା' ପ୍ରତି ସମର୍ପିତ ଭାବେ କାର୍ଯ୍ୟ କଲେ କୌଣସି ମା' କଦାପି ଦୁଃଖୀ ହେବନାହିଁ ବୋଲି ସାମାଜିକ ଅନୁଷ୍ଠାନ ମହିମା ସେବା ଫାଉଣ୍ଡେସନ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ନାରାୟଣ ଖୁଣ୍ଟିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ବିଶ୍ୱମାତୃ ଦିବସ ତଥା ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ ମତ ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଗୁପୁର ସମାଚାର ସମ୍ପାଦକ, ସମାଜସେବୀ ମଦନ ମୋହନ ପାଢ଼ୀ, ବରେଣ୍ୟ ଅତିଥି ଭାବେ ମହିମାସାଧୁ ମଧୁସୂଦନ ଦାସ, ସମ୍ମାନିତ ଅତିଥି ତଥା ସଂଯୋଜକ ଭାବେ ସାମ୍ବାଦିକ, ମୁଖପାତ୍ର ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅରବିନ୍ଦ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ ଅନ୍ଧାରୁଆ ପ୍ରବୁଦ୍ଧ ବିହାରସ୍ଥିତ ପାଦପଦ୍ମ ପାହାଡ଼ଠାରେ କେତେକ ମା'ଙ୍କୁ ବସ୍ତ୍ରଦାନ କରାଯାଇଥିଲା। ଏହି ଅବସରରେ ସାମ୍ବାଦିକତା ଓ ଉଲ୍ଲେଖନୀୟ ସମାଜସେବା ପାଇଁ ରୀନା ମହାନ୍ତି ଓ ସମାଜସେବୀ ବନଜ୍ୟୋତ୍ସ୍ନା ଭୁଜବଳଙ୍କୁ ମାନପତ୍ର ଓ ଉତ୍ତରୀୟ ସହ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଡ. ନରୋତ୍ତମ ଦାସ, ରମେଶ ସାମନ୍ତରାୟ,ଐଶ୍ୱର୍ଯ୍ୟା ଲକ୍ଷ୍ମୀ ତ୍ରିପାଠୀ, ହୃଦାନନ୍ଦ ସହଯୋଗ କରିଥିବା ବେଳେ ରାଜଲକ୍ଷ୍ମୀ କର ଧନ୍ୟବାଦ ଦେଇଥିଲେ।

## ଭୋଜି ଖାଇବାକୁ ଯାଉଥିଲେ, ଓଲଟିଲା ପିକଅପ୍ ଭ୍ୟାନ: ୨ ମୃତ, ୧୫ ଆହତ




ଭଞ୍ଜନଗର,୧୩।୫ (ସଂଚାର ବ୍ୟୁରୋ): ବ୍ରହ୍ମପୁର,୧୩।୫(ସଂଚାର ବ୍ୟୁରୋ): ଚକା ଫାଟିଯିବାରୁ ଓଲଟିପଡ଼ିଲା ପିକଅପ୍ ଭ୍ୟାନ୍। ଫଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୩ରୁ ଅଧିକ ଆହତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗି ଗାଁ ରାସ୍ତାରେ ଏପରି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ପିକଅପ ଭ୍ୟାନରେ ସାନବରୋସିଂ ନିକଟସ୍ଥ ବ୍ରାହ୍ମଣଦେବୀ ପୀଠକୁ ପାଖାପାଖି ୩୦ ଜଣ ଯାତ୍ରୀ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୩ ଆହତଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ମୃତକମାନେ ହେଲେ ବାଘଲିଙ୍ଗି ଗାଁର ଚନ୍ଦ୍ରମା ଗୌଡ଼ ଓ ବାଦଲ ଗୌଡ଼। ଖବର ପାଇ ଘଟଣାସ୍ଥଳରେ ଗାଙ୍ଗପୁର ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ଉପଜିଲ୍ଲାପାଳ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଓ ଆହତଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କାର ସହାୟତା ଘୋଷଣା କରିଛନ୍ତି।

## ଜାତୀୟ ରାଜପଥରେ ମରଣାନ୍ତକ ଆକ୍ରମଣ କରି ଲୁଟ୍: ୨ ଗୁରୁତର

ଅତାବିରା,୧୩।୫ (ସଂଚାର ବ୍ୟୁରୋ): ବରଗଡ଼ ଜିଲା ଅତାବିରା ଥାନା ଅଞ୍ଚଳରେ କିଛି ଦିନ ହେଲା ଅପରାଧ ବଢ଼ିବାରେ ଲାଗିଛି । ୨ ଦିନ ହେବ ସ୍ଥାନୀୟ ଥାନା ଅନ୍ତର୍ଗତ ସରଣ୍ଡା ମହାପାତ୍ର ପଡ଼ା ଗ୍ରାମବାସୀ ଅସାମାଜିକ କାର୍ଯ୍ୟ କଳାପ ବୃଦ୍ଧି ଯୋଗୁ ସାଧାରଣ ଜୀବନଯାପନ ବ୍ୟାଘାତ ହେଉଥିବା ନେଇ ଥାନାରେ ଲିଖିତ ଭାବେ ଜଣାଇଦେଇଥିଲେ । ପୋଲିସ ସରଣ୍ଡାରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ବରଗଡ଼-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ସରଣ୍ଡା ଶଂଖୋଳିଆ ରାଇସ ମିଲ ପାଖରେ ଅତାବିରାର ୨ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ ହୋଇଥିବା ଖବର ଆସିଛି । ଘଟଣାରୁ ପ୍ରାପ୍ତ ଖବର ଅନୁସାରେ, ଅତାବିରାରେ ଏକ କପଡ଼ା ଦୋକାନ ଦେଇଥିବା ଶୁଭମ ଗୁପ୍ତା ଓ ତାଙ୍କ ସହକାରୀ ରୋହିତ କୁମାର ସୋମବାର ରାତ୍ରିରେ ଦୋକାନ ବନ୍ଦ କରି ସରଣ୍ଡାର ଏକ ଢ଼ାବାକୁ ରାତ୍ରି ଭୋଜନ ପାଇଁ ଯାଉଥିଲେ । ରାତ୍ରି ପ୍ରାୟ ୧୦ଟା ସମୟରେ ଜାତୀୟ ରାଜପଥ ଉପରେ ସେମାନେ ଲୁଟ ସହ ଆକ୍ରମଣର ଶିକାର ହୋଇଥିଲେ। ସେମାନଙ୍କୁ ଦଳବଦ୍ଧ ଭାବେ ଦୁର୍ବୃତ୍ତମାନେ ଆକ୍ରମଣ କରିବା ଫଳରେ ୨ ଜଣଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତାକ୍ତ ହୋଇଛି । କୌଣସି ପ୍ରକାରେ ସେମାନେ ଦୁର୍ବୃତ୍ତମାନଙ୍କଠାରୁ ମୁକୁଳି ଅତାବିରାର ସମ୍ପର୍କୀୟ କଲ୍ଲେଶ ପଟେଲଙ୍କୁ ଫୋନ କରି ଜଣାଇଥିଲେ । ତୁରନ୍ତ କଲ୍ଲେଶଙ୍କ ସହ ବିନୟ କୁମାର ଦାଶ, ଆଦର୍ଶ ପଣ୍ଡା ଏବଂ ଅନ୍ୟମାନେ ଆହତଙ୍କ ପାଖକୁ ପହଞ୍ଚି ଅତାବିରା ଡାକ୍ତରଖାନା ଆଣିଥିଲେ। ଏବଂ ଅତାବିରା ପୋଲିସକୁ ଫୋନ କରି ଜଣାଇଥିଲେ। ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଅତାବିରାରୁ ବରଗଡର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ । ସେଠାରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା ।

# ଉତ୍କଳିକାର ୬୭ତମ ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକାର ୬୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶାର ଉତ୍କୃଷ୍ଟ ହସ୍ତଶିଳ୍ପକୁ ଆଗେଇ ନେବାରେ ଉତ୍କଳିକାର ଭୂମିକା ଅତୁଳନୀୟ ବୋଲି ସେ ମତ ବ୍ୟକ୍ତ କରିଥିଲେ। ଉତ୍କଳିକା ସଭାପତି ଦେବସ୍ମିତା ସାହୁ ପ୍ରାରମ୍ଭିକ ଅଭିଭାଷଣ ରଖିଥିବା ବେଳେ ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ମଧୁମିତା ରଥ, ଯୁଗ୍ମ ସଚିବ କଲ୍ୟାଣୀ ପଟ୍ଟନାୟକ, ପରିଚାଳନା ପରିଷଦର ସଭ୍ୟସଭ୍ୟା ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଓଡ଼ିଶା ହସ୍ତଶିଳ୍ପ ଉଦ୍ୟୋଗର ବିକାଶ ତଥା ହସ୍ତଶିଳ୍ପ କାରିଗରଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରି ନିମନ୍ତେ ଉତ୍କଳିକା ୧୯୯୫ରେ ଆରମ୍ଭ ହୋଇଥିଲା। ମହିଳାଙ୍କ ଅନ୍ତର୍ଭୁକ୍ତୀକରଣ, ରୋଜଗାରର ଅବଲମ୍ବନ ଓ ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରିଆସିଛି। ଏହି ଶୀର୍ଷ ସମବାୟ ଅନୁଷ୍ଠାନରେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ୧୧୭ଟି ପ୍ରାଥମିକ ହସ୍ତଶିଳ୍ପ ସମବାୟ ସମିତି ସଦସ୍ୟ ଅଛନ୍ତି। ଓଡ଼ିଶା ହସ୍ତଶିଳ୍ପ କାରିଗରମାନଙ୍କର ସାମଗ୍ରିକ ଉନ୍ନତି ନିମନ୍ତେ ଉତ୍କଳିକା ରାଜ୍ୟ ଭିତରେ ୧୨ଟି ଶାଖା ଯଥା ଭୁବନେଶ୍ୱରର ମାର୍କେଟ ବିଲ୍ଡିଂ, ଏକାମ୍ର ହାଟ, କଳାଭୂମି, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଓ ରସୁଲଗଡ ଏବଂ କଟକ, ଜୟପୁର, କେନ୍ଦୁଝର, ସମ୍ବଲପୁର, ରାଉରକେଲା, ଅନୁଗୁଳ, ପୁରୀ ଓ ରାଜ୍ୟ ବାହାରେ ୬ଟି ନୂଆଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ, ପୁନେ, କଲିକତା ଓ ମୁମ୍ବାଇଠାରେ ଏହିପରି ସର୍ବମୋଟ ୧୮ଟି ଶାଖା କାର୍ଯ୍ୟ କରୁଛି। ସ୍ୱତନ୍ତ୍ର ହସ୍ତଶିଳ୍ପ ଓ ହସ୍ତତନ୍ତ ଉତ୍ପାଦଗୁଡ଼ିକର ପ୍ରଦର୍ଶନ ଓ ଅନଲାଇନ ବିକ୍ରି ପାଇଁ ଉତ୍କଳିକାର ନିଜସ୍ୱ ୱେବସାଇଟ ରହିଛି। ଏକ ରାଜ୍ୟସ୍ତରୀୟ ଶୀର୍ଷ ସମିତି ଭାବେ ନିଗମ ଆମେରିକା, ରୁଷିଆ, ଜର୍ମାନୀ, ଫ୍ରାନ୍ସ, ୟୁକେ ଓ ହଂକଂ ଆଦିଦି ଦେଶକୁ ରପ୍ତାନୀ ମାଧ୍ୟମରେ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ହସ୍ତଶିଳ୍ପକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏହାଛଡ଼ା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ଓଡ଼ିଶା ତଥା ଓଡ଼ିଶା ବାହାରେ ଆୟୋଜିତ ପ୍ରଦର୍ଶନୀ ମାଧ୍ୟମରେ କାରିଗରଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକର ପ୍ରଦର୍ଶନ ଓ ବିକ୍ରି କରାଯାଉଛି।

### ଆଇନ ମନ୍ତ୍ରୀଙ୍କୁ ଭେଟିଲେ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ

# ଲିଙ୍ଗରାଜଙ୍କ ନୀତି ନିମନ୍ତେ ସ୍ୱତନ୍ତ୍ର ଆଇନ ଦାବି

ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଗତ ଶନିବାର ବାସଭବନରେ ଭେଟିଥିବା ବେଳେ ଆଜି ଆଲୋଚନା ସକାଶେ ସମୟ ଦେଇଥିଲେ। ଏହି ଅନୁସାରେ ଗତକାଲି ଶ୍ରୀ ମିଶ୍ର ଆଇନ ମନ୍ତ୍ରୀଙ୍କୁ ଭେଟିବା ସହ ମହାପ୍ରଭୁ ଲିଙ୍ଗରାଜଙ୍କର ନୀତି ନିମନ୍ତେ ସ୍ୱତନ୍ତ୍ର ଆଇନ ପ୍ରଣୟନ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଶ୍ରୀ ମିଶ୍ରଙ୍କ ସହିତ ହୃଷୀକେଶ ବେହେରା, ଅଶୋକ କୁମାର ମହାରଣା, ସୌଦାମିନୀ ସାମଲ, ପତିତ ପାବନ ପଣ୍ଡା, ତାରା ଚରଣ ଆଚାର୍ଯ୍ୟ, ଗିରିଜା ଶଙ୍କର ମହାପାତ୍ର, ପୀୟୂଷ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ମଧ୍ୟ ଆଇନ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ସେମାନେ ବନ୍ଦ ରହିଥିବା ନୀତିକାନ୍ତି ପୁନର୍ବାର କାର୍ଯ୍ୟକାରୀ କରାଯିବା ସହ ଲିଙ୍ଗରାଜ ମହାପ୍ରଭୁଙ୍କ କାର୍ଯ୍ୟାଳୟରେ ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତ କରାଯିବା ସକାଶେ ମଧ୍ୟ ସେମାନେ ଦାବି ଉପସ୍ଥାପନ କରିଛନ୍ତି। ସେମାନଙ୍କ ଦାବି ସମ୍ପର୍କରେ ଆଇନ ମନ୍ତ୍ରୀ ଖୁବ୍ ଶୀଘ୍ର ବିଚାର କରିବେ ଓ ବର୍ଷକ ଭିତରେ ସବୁ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଶ୍ରୀ ମିଶ୍ର ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



## ସ୍କୁଲ ପାଚେରି ଭାଙ୍ଗିଲେ ହାତୀପଲ

ରାଇକିଆ,୧୩।୫ (ସଂଚାର ବ୍ୟୁରୋ): ରାଇକିଆ ବ୍ଲକ୍ ରଣବା ପଞ୍ଚାୟତରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ସୋମବାର ମଧ୍ୟ ରାତିରେ ହାତୀପଲ ଡିମିରିପଲି ଗ୍ରାମରେ ଥିବା ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ଗୋଟିଏ ପାଖ ପାଚେରି ଓ ଫାଟକ ଭାଙ୍ଗିଛନ୍ତି। ବିଦ୍ୟାଳୟ ଭିତରେ ପଶି ଗୋପବନ୍ଧୁ କକ୍ଷର ଲୁହା



କବାଟକୁ ମଧ୍ୟ ଧକ୍କା ମାରି ନଷ୍ଟ କରିଛନ୍ତି। କିଛିଦିନ ହେବ କରଡ଼ା ବନ୍ୟାଞ୍ଚଳର ଏହି ସବୁ ଅପହଞ୍ଚ, ଘଞ୍ଚ ଜଙ୍ଗଲ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ଅନେକ ଲୋକଙ୍କ ଫସଲ, ଘର ଭାଙ୍ଗି ନଷ୍ଟ ହୋଇଛି। ଏନେଇ ଲୋକେ ଭୟଭୀତ ହୋଇ ରହୁଛନ୍ତି। ଗତ ସପ୍ତାହରେ ୪ଜଣଙ୍କ ଘର ନଷ୍ଟ ହୋଇଛି।

## ଏନ୍ୟୁକେବିଏମ୍ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର ଆୟୋଜିତ




ଭୁବନେଶ୍ୱର,୧୩।୫ (ସଂଚାର ବ୍ୟୁରୋ): ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ (ଏନ୍ୟୁକେବିଏମ୍) ଏହାର ପ୍ରତିଷ୍ଠା ଦିବସରେ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲା। 'ଅପରେସନ୍ ସିନ୍ଦୂର'ର ସାହସିକ ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ଗ୍ରୀଷ୍ମ ଋତୁରେ ରକ୍ତ ଅଭାବକୁ ହ୍ରାସ କରିବା ଉଦ୍ଦେଶ୍ୟ ନେଇ ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ମହାସଂଘର ସଦସ୍ୟଙ୍କ ପରିବାରରୁ ୨ ଜଣ ମେଧାବୀ ଛାତ୍ରଙ୍କୁ ସମ୍ମାନିତ କରାଯିବା ସହ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ଜୟ ଓଡ଼ିଶାର ସଭାପତି ତଥା ମହାସଂଘ ଉପଦେଷ୍ଟା ରୁଦ୍ର ନାରାୟଣ ସାମନ୍ତରାୟ ଉପସ୍ଥିତ ରହି ଏପରି ଏକ ଉଦ୍ୟମକୁ ପ୍ରଶଂସା କରିବା ସହ ଅନ୍ୟମାନେ ଏଥିରୁ ପ୍ରେରଣା ନେବାକୁ ପରାମର୍ଶ ଦେଇଥିଲେ। ଏହା କ୍ରମାଗତ ଭାବେ ଜୟ ଓଡ଼ିଶାର ଚତୁର୍ଥ ରକ୍ତଦାନ ଶିବିର ଥିବା ବେଳେ ଆଗାମୀ ଦିନରେ ଏହିପରି ୧୦୦ଟି ଅନୁଷ୍ଠାନ ସହ ରକ୍ତଦାନ ଶିବିର ଆୟୋଜିତ ହେବ। ଏହି ଶିବିର ପୂର୍ବାହ୍ନ ସାଢ଼େ ୧୦ଟାରୁ ଭୁବନେଶ୍ୱରର ରେଡକ୍ରସ୍ ଭବନରେ ଆୟୋଜିତ ହୋଇଛି। ଏହି ଅବସରରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘର ଉପଦେଷ୍ଟା ପ୍ରମୋଦ ମହାପାତ୍ର, ସାଧାରଣ ସମ୍ପାଦକ ମନୋଜ ସ୍ୱାଇଁ, ଉପସଭାପତି ମାନସ ମିଶ୍ର ଓ ଧିରେନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ମନମୋହନ ପଣ୍ଡାଙ୍କ ସହ ନାରାୟଣ ସୂତାର, ଅନସୂୟା ପ୍ରଧାନ, ଧରିତ୍ରୀ ପ୍ରଧାନ, ସଂଘମିତ୍ରା ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଆଧାର ସଂଲଗ୍ନ ମୋବାଇଲ ବିନା ମିଳୁନି ଅଣ୍ଡା, ଛତୁଆ

ରାୟଗଡ଼ା,୧୩।୫ (ସଂଚାର ବ୍ୟୁରୋ): ପୁଷ୍ଟିହୀନତା ଦୂର ଏବଂ ମାତୃ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଙ୍ଗନଓ୍ୱାଡି କେନ୍ଦ୍ର ଜରିଆରେ ଗର୍ଭବତୀ ଏବଂ ଶିଶୁଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦିଆଯାଉଛି। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଗରିବ ଗର୍ଭବତୀ ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣରେ ଆଧାର କାର୍ଡ ସଂଲଗ୍ନ ମୋବାଇଲ ନମ୍ବର କଣ୍ଟା ସାଜିଛି। କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ନିୟମଗିରି ପାହାଡ଼ର ପାରସାଲି ପଞ୍ଚାୟତରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ମହିଳାଙ୍କ ନିକଟରେ ମୋବାଇଲ ନ ଥିବାରୁ ସେମାନେ ପୋଷଣ ଖାଦ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଅଙ୍ଗନଓ୍ୱାଡି କେନ୍ଦ୍ରରୁ ଅଣ୍ଡା ଓ ଛତୁଆ ପାଇବାକୁ ହେଲେ ଆଧାର କାର୍ଡ ଓ ମୋବାଇଲ ନମ୍ବର ବାଧ୍ୟତାମୂଳକ ହୋଇଛି। କିନ୍ତୁ ଏଠାକାର ଅଧିକାଂଶ ମହିଳାଙ୍କ ନିକଟରେ ମୋବାଇଲ ନ ଥିବାରୁ ସେମାନେ ଏହି ଯୋଜନାର ଲାଭ ପାଇପାରୁ ନ ଥିବା କହିଛନ୍ତି। ଆମ ପାଖରେ ତ ଖାଇବାକୁ ଟଙ୍କା ନାହିଁ, ମୋବାଇଲ କିଣିବାକୁ ଟଙ୍କା କେଉଁଠୁ ଆଣିବୁ ବୋଲି ଜଣେ ଡଙ୍ଗରିଆ କନ୍ଧ ମହିଳା ମେଣ୍ଡ୍ରାଣି ଜାକାକା କହିଛନ୍ତି।



# ସ୍ୱାସ୍ଥ୍ୟ ପ୍ରଶାସନରେ ବିଭ୍ରାଟ, ରୋଗୀ ହନ୍ତସନ୍ତ

ଭୁବନେଶ୍ୱର,୧୩।୫: ମାସ ମାସ ଓ ବର୍ଷ ବର୍ଷ ଧରି ଡାକ୍ତରଖାନା ଅସୁନଥିବା ୨୦୦ରୁ ଅଧିକ ଡାକ୍ତରଙ୍କ ତାଲିକା ଧରି ସ୍ୱାସ୍ଥ୍ୟ ବିଭାଗ ଏବେ କାର୍ଯ୍ୟାନୁଷ୍ଠାନର ଭୟ ଦେଖାଉଛି । ଅନ୍ୟପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମାସ ମାସ ଧରି ଅନେକ କାର୍ଯ୍ୟରତ ଡାକ୍ତରଙ୍କୁ ଚିକିତ୍ସା ସେବା ପ୍ରଦାନ କରିବା ସୁଯୋଗରୁ ବଞ୍ଚିତ ରଖିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ତଣ୍ଡ ଗଣୁଛନ୍ତି ।

ଅତୀତରେ ଅନେକ ଡାକ୍ତର ସରକାରୀ ଚାକିରିରେ ଥାଇ ବିଭିନ୍ନ ମେଡିକାଲ୍ କଲେଜ୍ ଓ ଡାକ୍ତରଖାନାରୁ କିଛିଦିନ ପାଇଁ ଛୁଟି ନେଇ ବର୍ଷବର୍ଷ ଧରି ଗାଏବ ହୋଇଯାଉଥିବାର ନଜିର ରହିଛି । ଏହି ଡାକ୍ତରମାନେ ସରକାରୀ ଚାକିରିରୁ ଇସ୍ତଫା ନଦେଇ ଦେଶ ବିଦେଶର ବଡ଼ବଡ଼ ଡାକ୍ତରଖାନାମାନଙ୍କରେ ବର୍ଷବର୍ଷ ଧରି କାମ କରି ପ୍ରଚୁର ଅର୍ଥ ଉପାର୍ଜନ କରିଥାନ୍ତି । ଏମିତିକି ଏମାନେ ନିଖୋଜ ହୋଇଯିବାର ୮/୧୦ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନଥାଏ ଏବଂ ପରେ ସେମାନେ ସୁନା ପିଲା ଭଳି ଫେରି ସ୍ୱାଭାବିକ ଭାବେ ମନପସନ୍ଦର ସ୍ଥାନରେ ଯୋଗ ଦେଇ ଚାକିରିରୁ ଅବସର ନିଅନ୍ତି ଏବଂ ଅବସରକାଳୀନ ପ୍ରାପ୍ୟ ମଧ୍ୟ ପାଇଯାଆନ୍ତି ।

ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜର ନାମ ପ୍ରକାଶ ନକରିବା ସର୍ତ୍ତରେ କହିଛନ୍ତିଯେ ଅତୀତାରେ ରାଉରକେଲା ନିକଟବର୍ତ୍ତୀ ଏକ ସରକାରୀ ଡାକ୍ତରଖାନାରୁ ଜଣେ ଡାକ୍ତରରାଣୀଙ୍କ ସମ୍ବଲପୁର ମୁଖ୍ୟ ଡାକ୍ତରଖାନାକୁ ବଦଳି ହୋଇଥିଲା । ତାଙ୍କୁ କାର୍ଯ୍ୟରେ ଯୋଗଦାନ କରିବାକୁ ସୁଯୋଗ ନଦେଇ ଜିଲ୍ଲା କର୍ତ୍ତୃପକ୍ଷ ସରକାରଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡ଼ିଥିଲେ । ବର୍ଷବର୍ଷ ଧରି ସ୍ପଷ୍ଟୀକରଣ ମିଳିଲା ନାହିଁ । ସଂପୃକ୍ତ ଡାକ୍ତରରାଣୀ ରାଉରକେଲାରୁ ଆସି ଭୁବନେଶ୍ୱରରେ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଦୀର୍ଘବର୍ଷ ଧରି କାମ କରି ବିପୁଳ ଅର୍ଥ ରୋଜଗାର କଲେ ଏବଂ ପରେ କୋର୍ଟରେ ମାମଲା ରୁଜୁ କରି ସରକାରଙ୍କୁ ତଣ୍ଡ ଗଣାଇଲେ ।

ସ୍ୱାସ୍ଥ୍ୟ ବିଭାଗରେ ଏଭଳି କାରନାମା କିଛି ନୂଆ ନୁହେଁ। ଗତବର୍ଷ ଜାନୁଆରୀ ମାସରେ ନୟାଗଡ଼ ଜିଲ୍ଲାରୁ ଜଣେ ଡାକ୍ତରରାଣୀଙ୍କୁ ଖୋର୍ଦ୍ଧା ଜିଲ୍ଲାର ବାଲକାଟି ଡାକ୍ତରଖାନାକୁ ବଦଳି କରାଗଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ସେ ଯୋଗ ଦେବାପାଇଁ ହାଜର ହେବା ପରେ ତାଙ୍କୁ କାମ କରିବାକୁ ଅନୁମତି ଦିଆଗଲା ନାହିଁ କିମ୍ବା ଦରମା ବି ମିଳିଲା ନାହିଁ । ଏହିଭଳି ଭାବରେ ଉକ୍ତ ଡାକ୍ତରରାଣୀ ଜଣକ ପ୍ରାୟ ୧୦ମାସ ଧରି କର୍ତ୍ତୃପକ୍ଷଙ୍କ ନିକଟରେ ଗୁହାରି କରିବା ପରେ ଶେଷରେ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲରେ ଗତ ନଭେମ୍ବର ମାସରେ ପୋଷ୍ଟିଂ ମିଳିଲା ।

ଏହି ସମୟତକ ସେ କାମ କରିବାକୁ ଚାହୁଁଥିଲେ ମଧ୍ୟ ତାଙ୍କୁ କାର୍ଯ୍ୟ କ୍ଷେତ୍ରରୁ ଦୂରରେ ରଖି ଆର୍ଥିକ କ୍ଷତି ପହଞ୍ଚାଇବା ସହିତ ଗଭୀର ମନସ୍ତାପ ମଧ୍ୟରେ ରଖାଯାଇଥିଲା ବୋଲି ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଘଟଣାର ଅନୁଧ୍ୟାନ କରି ଫେବୃଆରୀରୁ ନଭେମ୍ବର ପର୍ଯ୍ୟନ୍ତ ତାଙ୍କର ଦରମା ଯେଭଳି ଦିଆଯାଇପାରିବ କର୍ତ୍ତୃପକ୍ଷ ସେଥିଘେନି ନିର୍ଦ୍ଦେଶନାମା ଜାରି କରିଛନ୍ତି । ତେବେ ଏଭଳି ଶହ ଶହ ଘଟଣା ଘଟୁଥିଲେ ମଧ୍ୟ ଯେଉଁମାନଙ୍କ ତ୍ରୁଟି ଯୋଗୁ କର୍ତ୍ତବ୍ୟରତ ଡାକ୍ତରମାନେ ରୋଗୀ ସେବାରୁ ବଞ୍ଚିତ ହୋଇ ଅଯଥାରେ ହଇରାଣ ହେଉଛନ୍ତି ଏବଂ ଯେଉଁଥିପାଇଁ ସରକାରଙ୍କ ଅଯଥାରେ ତଣ୍ଡ ଗଣିବାକୁ ପଡୁଛି ସେମାନଙ୍କ ବିରୋଧରେ କିନ୍ତୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ସରକାରୀ ତଥ୍ୟ ମୁତାବକ ରାଜ୍ୟରେ ପ୍ରାୟ ୪୦ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡିଛି । ଯେତେ ସଂଖ୍ୟାରେ ଡାକ୍ତର ଅଛନ୍ତି ସେମାନଙ୍କ ମଧ୍ୟରୁ ଶତାଧିକ ବିଭିନ୍ନ ଆଳ ଦେଖାଇ ବର୍ଷବର୍ଷ ଧରି କାର୍ଯ୍ୟରେ ଯୋଗ ଦେଉନଥିବାରୁ ସ୍ୱାସ୍ଥ୍ୟସେବା ବିଗୁଡୁଛି । ତେବେ ଲମ୍ବା ଛୁଟିରୁ ଫେରୁନଥିବା ୨୧୧ ଜଣ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ପକ୍ଷରୁ ସଂକେତ ଦିଆଯିବା ପରେ କ'ଣ ପ୍ରତିକ୍ରିୟା ହେଉଛି ତାହା ଉପରେ ସମସ୍ତଙ୍କ ନଜର । (ତଥ୍ୟ)

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୧୪ ମେ ୨୦୨୫, ଭୁବନେଶ୍ୱର
Wednesday 14 May 2025, Bhubaneswar

# ସଂଖ୍ୟାଲଘୁଙ୍କ ପାଇଁ ସଂରକ୍ଷଣ

ଗତ କିଛି ବର୍ଷ ହେବ ବିଶେଷ କରି ୧୯୯୦ରେ ମଣ୍ଡଳ କମିଶନ ସୁପାରିଶଙ୍କୁ ତତ୍କାଳୀନ ଭିପି ସିଂହ ସରକାର ଗ୍ରହଣ କରିବା ପରେ ସଂରକ୍ଷଣ ପ୍ରସଙ୍ଗକୁ ନେଇ ବିବାଦ କ୍ରମାଗତ ପ୍ରକ୍ରିୟାରେ ପରିଣତ ହୋଇଛି। ବିଭିନ୍ନ ସମୟରେ ଏହାକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ମାମଲା ସୁପ୍ରିମକୋର୍ଟକୁ ଯାଇଛି। ଏବେ ଏହି ବିବାଦରେ ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି। କର୍ଣ୍ଣାଟକରେ କଂଗ୍ରେସ ସରକାର ସଂଖ୍ୟାଲଘୁ ମୁସଲମାନଙ୍କ ପାଇଁ ଠିକା କାମରେ ସଂରକ୍ଷଣ ଘୋଷଣା କରିଛନ୍ତି। କର୍ଣ୍ଣାଟକର କଂଗ୍ରେସ ସରକାର ରାଜ୍ୟରେ ସରକାରୀ ଠିକା କାମରେ ସଂଖ୍ୟାଲଘୁ ମୁସଲମାନଙ୍କ ପାଇଁ ୪% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ଆରମ୍ଭ ହୋଇଛି ତୁମ୍ବିତୁଫାନ। ସଂସଦରେ ଏଥିନେଇ ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଛି। କର୍ଣ୍ଣାଟକର ଉପ-ମୁଖ୍ୟମନ୍ତ୍ରୀ ଡି କେ ଶିବକୁମାର ଏହି ପ୍ରସଙ୍ଗରେ ସମ୍ବିଧାନ ପରିବର୍ତ୍ତନ କରିବାକୁ କହିଛନ୍ତି। ଏହା ହିଁ ବିବାଦର ମୁଖ୍ୟ କାରଣ। କାରଣ ସମ୍ବିଧାନରେ ଧର୍ମ ଭିତ୍ତିରେ କୋଣସି ପ୍ରକାର ସଂରକ୍ଷଣ ବ୍ୟବସ୍ଥା ନାହିଁ। କର୍ଣ୍ଣାଟକ ସରକାର ଯାହା ନିଷ୍ପତ୍ତି ନେଇଛନ୍ତି ତାହା କାର୍ଯ୍ୟକାରୀ ହେବା ସହଜ ନୁହେଁ। କୋର୍ଟରେ ଏହାକୁ ଚାଲେଞ୍ଜ କରାଗଲେ ସହଜରେ ଖାରଜ ହୋଇଯିବ। କଂଗ୍ରେସ ଏହା ଜାଣିଛି। କିନ୍ତୁ କେବଳ ସଂଖ୍ୟାଲଘୁ ତୁଷ୍ଟିକରଣ ନିମନ୍ତେ କଂଗ୍ରେସ ଏପରି କରୁଛି। ଦୀର୍ଘ ବର୍ଷ ହେବ କଂଗ୍ରେସ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ଉପରେ ନିର୍ଭର କରିଆସୁଛି। ଏବେ ଏଥିରେ ଭାଗ ବସାଇବକୁ ଅନେକ ଦଳ ବାହାରିଲେଣି। ତେଣୁ କଂଗ୍ରେସ ନିଜ ଭୋଟ ବ୍ୟାଙ୍କକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଏବେ କିଛି ନୂଆ ପଦକ୍ଷେପ ନେବାକୁ ଚାହୁଁଛି। କିନ୍ତୁ ଏହା ଦଳ ପାଇଁ ବୁମେରାଂ ହୋଇପାରେ। ସଂରକ୍ଷଣ ପ୍ରସଙ୍ଗରେ କଂଗ୍ରେସର ମତ ସବୁ ବେଳେ ବିବାଦ ସୃଷ୍ଟି କରିଛି ଏବଂ ଏଭଳି ଚିନ୍ତାଧାରା ସମ୍ବିଧାନ ବିରୋଧୀ। କଂଗ୍ରେସ ନେତା ରାହୁଲ ଗାନ୍ଧି ଗତ ନିର୍ବାଚନ ବେଳେ କହିଥିଲେ ଯେ, ତାଙ୍କ ଦଳ କ୍ଷମତାକୁ ଆସିଲେ ସଂରକ୍ଷଣ ସୀମାକୁ ୫୦% କଟକଣାକୁ ହଟାଇଦେବ। ଜନସଂଖ୍ୟାରେ ଯେଉଁ ଜାତିର ଅନୁପାତ ଯାହା ସେହି ଜାତିକୁ ସେତିକି ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବ। ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଏବଂ ଅତି ଇତର ଲୋକର ଚିନ୍ତାଧାରା। ଏହା ଭାରତୀୟ ସମାଜକୁ ନଷ୍ଟ କରିଦେବ। ଭାରତୀୟ ସମ୍ବିଧାନରେ ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ରହିଛି। ଶିକ୍ଷା ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହା ସହିତ ସବୁ ସ୍ତରରେ କିଛି ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ମଧ ନିର୍ଦ୍ଦିଷ୍ଟ ଜାତିର ଲୋକଙ୍କ ପାଇଁ ସଂରକ୍ଷିତ ରହିଛି। ଏକ ନିର୍ଦ୍ଦିଷ୍ଟ ଲୋକସଭା ବା ବିଧାନସଭା ଆସନରେ କେବଳ ଅନୁସୂଚିତ ଜାତି ବା ଜନଜାତିର ବର୍ଗର ବ୍ୟକ୍ତି ପ୍ରାର୍ଥୀ ହୋଇପାରିବେ। ଏବେ ସଂସଦରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ ହୋଇଛି। ଏହା ଦ୍ୱାରା ଲୋକସଭା ଏବଂ ବିଧାନସଭାର ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ଏହା କାର୍ଯ୍ୟକାରୀ ହେବାକୁ ଅତି କମରେ ୩ ବର୍ଷ ଲାଗିବ। ସେହିପରି ସମ୍ବିଧାନରେ ଜାତି ଭିତ୍ତିରେ କିଛି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ସ୍ୱତନ୍ତ୍ର ଆଇନ ବା ନିୟମ ରହିଛି। ଜାତି ଆଧାରରେ ଜଣେ ବ୍ୟକ୍ତି ଅନ୍ୟ ଜଣକୁ ଅପମାନଜନକ କଥା କହିଲେ ବା ଗାଳି ଦେଲେ ତାଙ୍କ ବିରୋଧରେ ଏସଟି/ଏସସି ଅତ୍ୟାଚାର ନିରୋଧ ଆଇନ ଲାଗୁ ହେବ। ଏଥିପାଇଁ ଜେଲ ଓ ଜୋରିମାନା ବ୍ୟବସ୍ଥା ରହିଛି। ଅନେକ ସମୟରେ ଏହାର ଦୁରୂପଯୋଗ ମଧ ହେଉଛି। ଅନେକ ସମୟରେ ନିରପରାଧ ବ୍ୟକ୍ତି ଏହା ଦ୍ୱାରା ଦଣ୍ଡିତ ହେଉଛନ୍ତି। ସେହିପରି ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ଜମି ଅନ୍ୟ ଜାତିର ବ୍ୟକ୍ତି କିଣିବା ଉପରେ ମଧ ଅଙ୍କୁଶ ରହିଛି। ନିକଟରେ



ରାଜ୍ୟ କ୍ୟାବିନେଟ ଏହି ନିୟମକୁ କୋହଳ କରିବା ଲାଗି ଏକ ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଜଣେ ଜନଜାତି ସମ୍ପ୍ରଦାୟର ବ୍ୟକ୍ତି ନିଜ ଜମି ଅନ୍ୟ ଜାତିର ବ୍ୟକ୍ତିଙ୍କୁ କିଛି ନିର୍ଦ୍ଦିଷ୍ଟ ସର୍ତ୍ତରେ ବିକ୍ରୀ କରିପାରିବ ବୋଲି କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହାକୁ ପ୍ରବଳ ବିରୋଧ କରାଯିବାରୁ ସରକାର ଏହାକୁ ସ୍ଥଗିତ ରଖିଛନ୍ତି ଏବଂ ଏହାର ପୁନର୍ବିଚାର ଲାଗି ନିଷ୍ପତ୍ତିକୁ ଆଦିବାସୀ ପରାମର୍ଶଦାତା କମିଟିକୁ ପଠାଇଛନ୍ତି। ବିଧାନସଭାର ଶୀତକାଳିନ ଅଧିବେଶନରେ ଏହାକୁ କେନ୍ଦ୍ର କରି ଝଡ଼ ସୃଷ୍ଟି ହୋଇଥିଲା। ସରକାର ଚାପର ସମ୍ମୁଖୀନ ହୋଇ ଏହାକୁ ଏକରକମ ପ୍ରତ୍ୟାହାର କରିଛନ୍ତି କହିଲେ ଭୁଲ ହେବ ନାହିଁ। ଏହି ଆଇନର ଉଦ୍ଦେଶ୍ୟ ହେଲା ଆଦିବାସୀଙ୍କ ଜମିକୁ କେହି ଯେପରି ଶାଗ ମାଛ ଦରରେ କିଣିନପାରନ୍ତି ବା ଏହା ଦ୍ୱାରା ଜଣେ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ଶୋଷଣ ଅଥବା ଅନ୍ୟାୟର ଶୀକାର ନହୁଅନ୍ତି। କିନ୍ତୁ ଏହା ଦ୍ୱାରା ଅନେକ ସମୟରେ ଆଦିବାସୀ ବର୍ଗର ବ୍ୟକ୍ତି ହଇରାଣ ମଧ ହେଉଛନ୍ତି। ସେମାନେ ନିଜ ଆବଶ୍ୟକତା ପୂରଣ ନିମନ୍ତେ ଜମି ବିକ୍ରି କରିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଜ ଜମିର ଉପଯୁକ୍ତ ମୂଲ୍ୟ ମଧ ସେମାନେ ପାଉନାହାଁନ୍ତି। ତେଣୁ ସରକାର ନିୟମକୁ ଆଂଶିକ କୋହଳ କରିବାକୁ ନିଷ୍ପତ୍ତି ନେଇଥିଲେ ଯାହା ଯଥାର୍ଥ ଏବଂ ସ୍ୱାଗତଯୋଗ୍ୟ। କିନ୍ତୁ ଏହାକୁ ନେଇ ସଂକୀର୍ଣ୍ଣ ରାଜନୀତି ହେବାରୁ ସରକାର ବାଧ ହୋଇଛନ୍ତି ଏହାର ପୁନର୍ବିଚାର କରିବାକୁ। ଏହି ନିୟମ କେତେଦୂର ଯଥାର୍ଥ ତାହା ଏବେ ବିଚାରଯୋଗ୍ୟ। ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଯେଭଳି ଏକ ବ୍ୟତିକ୍ରମ ସେହିପରି ଜାତି ଭିତ୍ତିରେ ରାଜସ୍ୱ ଆଇନ ମଧ ଏକ ବ୍ୟତିକ୍ରମ। ଜଣେ ସାଧାରଣ ବର୍ଗର ବ୍ୟକ୍ତି ନିଜ ଜମିକୁ ବା ଅନ୍ୟ ସ୍ଥାବର ସମ୍ପତ୍ତିକୁ ସହଜରେ ବିକ୍ରି କରିପାରୁଛି, ବିନା ବାଧାରେ। କିନ୍ତୁ ଜଣେ ଆଦିବାସୀ ଏହା କରିପାରୁନାହିଁ। ସେହିପରି ଜଣେ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିଙ୍କ ଜମି ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ମଧ ବିନିଯୋଗ ହୋଇପାରୁନି। ଏହାର ପୁନର୍ବିଚାର ଜରୁରୀ। ସ୍ୱାଧୀନତାର ୭୬ ବର୍ଷ ପରେ ଜାତି ଭିତ୍ତିକ ଆଇନ କେତେଦୂର ଗ୍ରହଣୀୟ ତାହା ବୁଦ୍ଧିଜୀବୀ ମାନେ ବିଚାର କରିବା ଉଚିତ। ଜଣେ ଆଦିବାସୀ ପାଠ ପଢ଼ି ଯଦି ନିଜ ଗାଁଠାରୁ ଦୂରରେ ଚାକିରୀ କରିଛି ବା ଅନ୍ୟ କାମରେ ନିୟୋଜିତ ଅଛି, ତେବେ ତାଙ୍କର ଚାଷ ଜମି ପଡ଼ିଆ ପଡ଼ୁଛି। ଯଦି ସେ ଚାହିଁବେ ତେବେ ଏହାକୁ ବିକ୍ରି କରିବା ସହଜ ହେଉନି। ଚାଷ ଜମି ପଡ଼ିଆ ପଡ଼ିବା ଦ୍ୱାରା ଦେଶର କ୍ଷତି ହେଉଛି। ନିଜ ସମ୍ପତ୍ତିକୁ ସେ ଚାହିଁଲେ କାହାକୁ ଦାନ ମଧ କରିପାରୁନି। ଏଭଳି ଆଇନ ଆଉ କେତେ ଦିନ ଚାଲିବ? ଯେଉଁଦିନ ଦେଶର ସବୁ ନାଗରିକଙ୍କ ପାଇଁ ସମାନ ଆଇନ ପ୍ରଣୀତ ହେବ ସେହିଦିନ ସାମାଜିକ ନ୍ୟାୟ ପ୍ରତିଷ୍ଠା ହେଲା ଏବଂ ଦେଶ ସ୍ୱାଧୀନତାର ସ୍ୱାଦ ସମସ୍ତଙ୍କୁ ମିଳିଲା ବୋଲି ବୁଝିବାକୁ ପଡ଼ିବ। ସବୁ ଆଇନ ବା ନିୟମ କାନୁନରେ କିଛି ଲାଭ, କିଛି କ୍ଷତି ରହିଛି। ସବୁ ଆଇନର ଦୁରୂପଯୋଗ ଆଶଙ୍କା ରହିଛି। କିନ୍ତୁ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଯାହା ଉଚିତ ଏବଂ ଗ୍ରହଣୀୟ ତାହା କାର୍ଯ୍ୟକାରୀ ହେବା ଉଚିତ। ସ୍ୱାଧୀନତାର ୭୫ ବର୍ଷ ପରେ ଏବେ ସମୟ ଆସିଛି ଭବିଷ୍ୟତ ସମ୍ପର୍କରେ ଚିନ୍ତା କରିବା ଉଚିତ। ଭବିଷ୍ୟତରେ ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ ନିହାତି ଜରୁରୀ। ଆମକୁ ଆଗକୁ ବଢ଼ିବାକୁ ପଡ଼ିବ। ସଂରକ୍ଷଣ ସିଡ଼ି ବିନା କିପରି ଆଗକୁ ଯିବାକୁ ପଡ଼ିବ ସେ ସମ୍ପର୍କରେ ଚିନ୍ତା କରିବାକୁ ପଡ଼ିବ। ଜାତି ଏବଂ ଧର୍ମ ଆଧାରରେ କାହାକୁ ରିହାତି ଏକ ଦୁର୍ନୀତି। ଏହାକୁ ବର୍ଜନ କରିବା ନିହାତି ଜରୁରୀ। ଏକ ସମୃଦ୍ଧ ରାଷ୍ଟ୍ର ଗଠନ ନିମନ୍ତେ ସୁସ୍ଥ ସମାଜ ଗଠନ ପ୍ରାଥମିକ ଆବଶ୍ୟକତା।

# ପ୍ରେମ ସ୍ୱରୂପ ସତ୍ୟସାଇ



**କିଶୋର କୁମାର ଜେନା**

"ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ଚାହୁଁ ଚାହୁଁ ଚଉଦ ବର୍ଷ ବିତିଗଲା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ତାଙ୍କ ମର ଶରୀର ତ୍ୟାଗ କରିବା। ସମଗ୍ର ବିଶ୍ୱର ସ୍ରଷ୍ଟା ଓ ପାଳକ ବୋଲି ସେ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ। ତା ସହିତ ନିଜ ମାନବ ସ୍ୱଭାବର ଅପୂର୍ଣ୍ଣତା କଥା ମଧ ସ୍ୱୀକାର କରିବାକୁ କୁଣ୍ଠିତ ହୋଇ ନଥିଲେ। ସାଇଶକ୍ତି ଓ ସାଇଜ୍ଞାନ ଅମାପ ବୋଲି କହିସାରି ସେ ପ୍ରକାଶ କରିଥିଲେ, "ମଣିଷ ଶରୀର ଗ୍ରହଣ କରିଥିବାରୁ ଏହି ଶରୀର ଅପୂର୍ଣ୍ଣତା ଓ ସ୍ୱଭାବ ଗ୍ରହଣ କରିବାର ଶୁଳ୍କ (ଟ୍ୟାକ୍ସ) ମୋତେ ଦେବାକୁ ପଡୁଛି। ଆହୁରି ଅଧିକ ସ୍ପଷ୍ଟ ଭାବରେ ସେ କହିଥିଲେ, ସମଗ୍ର ବାହ୍ୟବସ୍ତୁ ଦେଶ ଓ କାଳର ଅଧିନ, ପ୍ରକୃତି ନିୟମର ଅଧୀନ। ମୋର ବାହ୍ୟ ସ୍ୱରୂପ ମଧ ସେଥିରୁ ମୁକ୍ତ ନୁହେଁ।'

ଅବତାର ମଣିଷ ସ୍ତରକୁ ଓହ୍ଲାଇ ଆସିଲେ ଯାଇ ତାଙ୍କ ସହ ମଣିଷମାନଙ୍କର ଆତ୍ମୀୟତା ପ୍ରତିଷ୍ଠା କରିବା ସମ୍ଭବ। ଏହା ସତ୍ତ୍ୱେ ତାଙ୍କ ଅବତରଣ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଉପକୃତ ହେବାପାଇଁ ଅର୍ଥାତ୍ ତାଙ୍କ ଦିବ୍ୟ ସ୍ୱଭାବ ବ୍ରହ୍ମଚେତନା ସହିତ ଏକାତ୍ମତା ଲାଭ କରିବା ପାଇଁ, ଆମକୁ ତାଙ୍କର ବାହ୍ୟରୂପକୁ ମଧ ଅତିକ୍ରମ କରିଯିବାକୁ ପଡ଼ିବ। ଯେତେବେଳେ ମଣିଷ ଅନ୍ତର୍ଭୁଖୀ ହେବ, ସେତେବେଳେ ସେ ଅବତାର ପୁରୁଷଙ୍କର ପ୍ରକୃତି ଦୈବ ସ୍ୱଭାବ ଉପଲବ୍ଧି କରି ଜୀବନକୁ ପୂର୍ଣ୍ଣ କରିବ। ଏହି ପରିପ୍ରେକ୍ଷୀରେ ଭଗବାନ କୃଷ୍ଣ ଉଦ୍ଧବକୁ ବଦ୍ରିକା ଆଶ୍ରମକୁ ଯାଇ ତପସ୍ୟା କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଭଗବାନ ବାବା ଏ ବିଷୟରେ କହନ୍ତି, "ବାହ୍ୟ ଦର୍ଶନ ପୂର୍ଣ୍ଣ ଦର୍ଶନ ନୁହେଁ ବରଂ ଏହା ଏପରି ହେବା କଥା, ତାହାହେଲେ ଯାଇ ମଣିଷ ଅନ୍ତର୍ଗତ ଦର୍ଶନ ଚାହିଁବ, ଯାହା ଚିରନ୍ତନ ଯେଉଁମାନେ ଜ୍ଞାନମାର୍ଗରେ ତୃପ୍ତିଲାଭ କରନ୍ତି, ସେମାନଙ୍କ ପାଇଁ ଭଗବାନ ବାବାଙ୍କର ଏହି ଉକ୍ତି ଅଟେ।

କିନ୍ତୁ ଯେଉଁମାନେ ନିର୍ମଳ ଭକ୍ତିରେ ଆନନ୍ଦ ପାଆନ୍ତି, ଅବତାରଙ୍କ ଠାରେ ଅପୂର୍ଣ୍ଣତା ଦେଖିଲେ ମଧ ସେମାନଙ୍କ ଭକ୍ତିରେ ଭଙ୍ଗା ପଡ଼େ ନାହିଁ, ସେମାନେ ପ୍ରଶ୍ନ କରନ୍ତି ନାହିଁ, ସେମାନେ ସମ୍ପୂର୍ଣ୍ଣ ଭାବରେ ତାଙ୍କୁ ଗ୍ରହଣ କରିନିଅନ୍ତି। ସାଧାରଣ ଭାବରେ କହିଲେ ଅବତାର ଚାହାନ୍ତି ସାଧକ ଯେଉଁ ମାର୍ଗରେ ଗଲେ ବି, ପୂର୍ଣ୍ଣ ବ୍ରହ୍ମଚେତନାରେ ମଗ୍ନ ହୋଇଯିବାର ଅନ୍ତିମ ଲକ୍ଷ୍ୟ ଠାରେ ପହଞ୍ଚିବା ଦରକାର।

ଉପରୋକ୍ତ କଥାରୁ ଆମେ ଏଇ ସିଦ୍ଧାନ୍ତ କରିବା ଯେ, ସତ୍ୟସାଇ ବାବାଙ୍କଠାରେ ମନୁଷ୍ୟ ସ୍ୱଭାବର ଅପୂର୍ଣ୍ଣତା କିଛି କିଛି ଦେଖାଯାଉଥିଲେ ମଧ ତାଙ୍କୁ ଅବତାର ନୁହଁନ୍ତି ବୋଲି ଆମେ କହିପାରିବା ନାହିଁ। ଶ୍ରୀରାମ ନିଜେ ବନବାସ ସମୟରେ ସୀତାଙ୍କୁ ହରାଇ ମଣିଷ ପରି କାନ୍ଦୁଥିଲେ କାହିଁକି? କୃଷ୍ଣଙ୍କର ଜଣେ ଅତି ଅନ୍ତରଙ୍ଗ ଭକ୍ତ ଉଦ୍ଧବ କାଳଜବନ / ଜରାଷଣ୍ଢ ଆସିବା କଥା ଶୁଣି ଯେପରି ଭୟରେ ମଥୁରାରୁ ପଳାଇ ଯାଇଥିଲେ ସେଥିପ୍ରତି ବିସ୍ମୟ ପ୍ରକାଶ କରିଛନ୍ତି। ଯୀଶୁ କ୍ଷମା ଓ ଉଦାରତାର ମୂର୍ତ୍ତି ହେଲେ ମଧ ଜେରୁଜେଲମ ମନ୍ଦିର ଭିତରେ କ୍ରୋଧରେ ବ୍ୟବସାୟୀ ମାନଙ୍କୁ ପିଟି ପକାଇଲେ କାହିଁକି? ପୁତୁରା ରାମଲାଲ ମୃତ୍ୟୁରେ, ଶ୍ରୀରାମ-କୃଷ୍ଣ ପିଲାପରି କାନ୍ଦୁଥିଲେ କାହିଁକି? ଶ୍ରୀରାମକୃଷ୍ଣଙ୍କ ଭାଷାରେ ଖାଦ ମିଶା ଅଳଙ୍କାର, ସୁନାର ଅବମାନନା ନୁହେଁ।



ଅବତାର ମାନଙ୍କର ଜୀବନ କାହାଣୀ ଅଧ୍ୟୟନ କଲେ, ଆମେ ଦେଖିବା ସେମାନଙ୍କ ଠାରେ ଦୁଇଟି ଗୁଣ ସର୍ବଦା ଅମିଶ୍ର ଭାବରେ ବିଦ୍ୟମାନ। ତାହାହେଲେ ଧର୍ମରକ୍ଷଣ ଓ ଭକ୍ତ ରକ୍ଷଣ। ଅବଶ୍ୟ ଏହା ସତ୍ୟ ଯେ, ଧର୍ମ ସଂରକ୍ଷଣ ଅବତାରଙ୍କର ଦାୟିତ୍ୱ ହୋଇଥିବାରୁ, ସେ କେବେହେଲେ ଧର୍ମ ମାର୍ଗରୁ ବିଚ୍ୟୁତ ହୋଇପାରିବେ ନାହିଁ ଏବଂ ଭକ୍ତ ସଂରକ୍ଷଣ ତାଙ୍କର କର୍ତ୍ତବ୍ୟ ଥିବାରୁ ସେ ଏଥିପାଇଁ ଆବଶ୍ୟକ ପଡ଼ିଲେ ଦେବଶକ୍ତି ପ୍ରୟୋଗ ନକରି ରହିପାରିବେ ନାହିଁ। ତେଣୁ ଶ୍ରୀ ସତ୍ୟସାଇ ଯେ ଅବତାର ତାର ଅବିସମ୍ବାଦିତ ପ୍ରମାଣ ହେଲା - ତାଙ୍କର ଶକ୍ତି, ଯାହା ବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଧର୍ମଚ୍ୟୁତ ବ୍ୟକ୍ତିଙ୍କୁ ଧର୍ମ ମାର୍ଗରେ ଆସିବା ପାଇଁ ଆକୃଷ୍ଟ କରିଛନ୍ତି ଏବଂ ସାରା ପୃଥିବୀରେ ତାଙ୍କର ଭକ୍ତମାନଙ୍କୁ ପାର୍ଥିବ ଏବଂ ଅପାର୍ଥିବ ଉଭୟ ସ୍ତରରେ ଅକୁଣ୍ଠିତ ଅନୁଗ୍ରହ ପ୍ରଦାନ କରିଛନ୍ତି। ସଂସାରରେ ଚାରିଆଡ଼େ ଅଧର୍ମ ରାକ୍ଷସ ରାଜୁତି କରୁଥିଲାବେଳେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଧର୍ମମାର୍ଗକୁ ଟାଣିଆଣି ପାରିଛନ୍ତି; ଏହା କେଉଁ ଶକ୍ତି ବଳରେ ସମ୍ଭବ?

ଏଠାରେ ଆମ ମନରେ ଗୋଟିଏ ସଂଶୟ ଆସିପାରେ, ତାହାହେଲା ଅବତାର ଠାରେ ଯଦି ମାନବିକ ଗୁଣମାନ ଅଛି, ତେବେ ଆମେ କିପରି ବିଶ୍ୱାସ କରିବା ଯେ, ସେ ଆମର ବିପଦ ସମୟରେ ଡାକରା ଶୁଣିବେ; ଆଉ ଆମକୁ ସେଥିରୁ ଉଦ୍ଧାର କରିବେ। ପ୍ରକୃତରେ ଆମେ ଅବତାରଙ୍କର ମାନବକ ଗୁଣ ବୋଲି ଯାହା କହୁ, ତାହା ଅବତାର ପୁରୁଷଙ୍କର ସ୍ଥୂଳ ଶରୀରରେ ଦେଖାଦେଇପାରେ, ମାତ୍ର ସୂକ୍ଷ୍ମ ଶରୀର ସର୍ବଦା ପୂର୍ଣ୍ଣ ଏବଂ ଅସୀମ। ତେଣୁ ଆମେ ଆମର ଆସନ୍ନ ଦୁର୍ଗତି ସମ୍ବନ୍ଧରେ ଅବହିତ ନଥିଲେ ବି, ଅବତାର ପୁରୁଷଙ୍କର ସୂକ୍ଷ୍ମ ଶରୀର ସେଥିରୁ ଆମକୁ ଉଦ୍ଧାର କରନ୍ତି। ତାଙ୍କ ସର୍ବ ଶକ୍ତିମାନ ଅନୁଗ୍ରହଙ୍କୁ କୌଣସି ମାନବୀୟ ଗୁଣ ପ୍ରଭାବିତ ବା କ୍ଷୁର୍ଣ୍ଣ କରିପାରିନାହିଁ। ସ୍ଥୂଳସାଇ ଦେଶ ଓ କାଳର ଅଧୀନ ହୋଇଠିବାରୁ କେତେକ ଭକ୍ତକୁସେ ଉପେକ୍ଷା କଲାପରି ଜଣାପଡ଼ି ପାରନ୍ତି, ମାତ୍ର ସୂକ୍ଷ୍ମସାଇ ଦେଶ କାଳାତୀତ ହୋଇଥିବାରୁ ପାଞ୍ଚୋଟି ଯାକ ମହାଦେଶରେ ବ୍ୟାପ୍ତ ତାଙ୍କର କୋଟି କୋଟି ପିଲାଙ୍କ ଯତ୍ନ ନେବାରେ ସେ ସର୍ବଦା ତତ୍ପର। ସ୍ଥୂଳସାଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲି ଚାଲି କିମ୍ବା କାରରେ କିମ୍ବା ବିମାନରେ ଯାଆନ୍ତି; ମାତ୍ର ସୂକ୍ଷ୍ମସାଇ ମୁହୂର୍ତ୍ତକ ମଧରେ ହଜାର ହଜାର ତଥା ଲକ୍ଷ ଲକ୍ଷ ମାଇଲ ଦୂରରେ ଏକାଧିକ ସ୍ଥାନରେ ଗୋଟିଏ ସମୟରେ ପହଞ୍ଚି ଯାଇପାରନ୍ତି। ସ୍ଥୂଳସାଇ ଅନ୍ୟ ଭାଷାରେ ଭକ୍ତଙ୍କ ସହିତ କଥା ହେବାପାଇଁ ହୁଏତ ଜଣେ ଦୋଭାଷୀ ଦରକାର କରନ୍ତି; ମାତ୍ର ସୂକ୍ଷ୍ମସାଇ ଭକ୍ତମାନଙ୍କ ସହ ସେମାନଙ୍କ ଭାଷାରେ ହିଁ କଥାବର୍ତ୍ତା କରନ୍ତି। ଭକ୍ତମାନେ ଯେଉଁ ଭାଷାରେ ପ୍ରାର୍ଥନା କଲେ ମଧ, ସୂକ୍ଷ୍ମସାଇ ତାର ଉତ୍ତର ଦିଅନ୍ତି। ଭଗବାନଙ୍କର ଅନୁଗ୍ରହର ସର୍ବୋଚ୍ଚ ନିଦର୍ଶନ ହେଲା ଆମକୁ ଭ୍ରମରୁ ମୁକ୍ତ କରି ବ୍ରହ୍ମଦର୍ଶନ କରାଇବା। ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି।

ବାଲ୍ୟକାଳରୁ ଭଗବାନ ଶ୍ରୀ ସତ୍ୟସାଇ ଅଗଣନ ବିବିଧ ଅଲୌକିକତା ପ୍ରକାଶ କରି ଆସିଛନ୍ତି ଅଖଣ୍ଡ ଭାବରେ। ଭକ୍ତମାନଙ୍କ ଉଦ୍ଧାରକ ଓ ବିପଦଭଞ୍ଜକ ପ୍ରଭୁ ଭାବରେ, ଅସାଧ ବ୍ୟାଧିର ବୈଦ୍ୟ ଭାବରେ, ମୃତ୍ୟୁ ପରେ ଭକ୍ତକୁ ପରମପଦ ପ୍ରଦାତା ଭାବରେ, ମାତୃ ସୁଲଭ ସ୍ନେହର ଅସରନ୍ତି ଭଣ୍ଡାର ଭାବରେ, ଦେଶ ଦେଶରେ ଅଧିକରୁ ଅଧିକ ଦୈବଶକ୍ତିର ପ୍ରକାଶକ ଭାବରେ ଏବଂ ଧର୍ମ, ଆଧାତ୍ମିକ ଜୀବନ, ତ୍ୟାଗ, ସେବା, ପ୍ରେମ ଆଦିର ପରିପୋଷକ ଭାବରେ ତଥା ବିନା ସାଧନାରେ, ବିନା ଆୟାସରେ ଏ ସମସ୍ତ ଅବଲୀଳାକ୍ରମ ସାଧନ କରିବାରେ ଭଗବାନ ସତ୍ୟସାଇ କେବଳ ନିଜ ସହିତ ନିଜେ ତୁଳନୀୟ। ତାଙ୍କ ଭାଷାରେ "ମୋର ସ୍ୱତନ୍ତ୍ର ସଙ୍କେତ ହେଲା - ମୋର ପ୍ରେମ। ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ ଆମେ ଭାବିପାରୁ ତାଙ୍କର ଚମତ୍କାରିତା ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ; ମାତ୍ର ତାହା ଠିକ ନୁହେଁ। ତାଙ୍କର ପ୍ରେମ ହିଁ ତାଙ୍କର ଦୈବତ୍ୱର ସଙ୍କେତ; ଯାହାକି ଲକ୍ଷ ଲକ୍ଷ ଭକ୍ତକୁ ତାଙ୍କ ପାଖକୁ ଟାଣିଆଣେ ଏବଂ ତାଙ୍କର କଲ୍ୟାଣ ସାଧନ କରେ। ଦେଶବିଦେଶରେ ଥିବା ସାଧକ, ଦୁଃଖୀ ଓ ଦୁର୍ଗତ ଲୋକଙ୍କ ପାଖକୁ ଘେନିଯାଏ - ଏହା ହିଁ ତାଙ୍କର ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ। ସେହି ପ୍ରେମ ହିଁ ଘୋଷଣା କରେ ଯେ, ସେ "ସାଇବାବା'। ତାଙ୍କରି ଭାଷାରେ - "ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ'।

**ଆଇନଜୀବୀ, ବଙ୍ଗାଳିସାହି, କଟକ**
**ମୋବାଇଲ୍: ୭୩୨୫୯୦୪୯୨୭/୭୩୭୭୪୩୯୦୭୭**

# ପରୀକ୍ଷା ପୂର୍ବରୁ ଆତ୍ମହତ୍ୟା



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଆଶାଜନକ ସଫଳତା ନପାଇବା ଆଶଙ୍କାରେ ପରୀକ୍ଷା ପୂର୍ବରୁ ଏବଂ ପରୀକ୍ଷା ପରେ ୪ଜଣ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ। ଏହି ଛାତ୍ରଙ୍କ ମଧରେ ଦୁଇଜଣ ରାଜସ୍ଥାନ କୋଟାର ନିଟ୍ ଆଶାୟୀ ଥିବାବେଳେ ଜଣେ ପଞ୍ଜାବର ମୋହାଲିର ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର ଫେରେନସିକ୍ ସାଇନସ୍ ଛାତ୍ର ଏବଂ ଅନ୍ୟ ଜଣେ ରୋପାର ଆଇଆଇଟିର ଶେଷବର୍ଷର ଛାତ୍ର। ନିଟ୍ ପରୀକ୍ଷା ପୂର୍ବରୁ ଦୁଇଜଣ ଛାତ୍ର ଆତ୍ମହତ୍ୟାବେଳେ ଫେରେନସିକ୍ ଛାତ୍ର ଆଶାଜନକ ସଫଳତା ନପାଇବା ଆଶଙ୍କାରେ ଜୀବନ ହାରିବା ସେମାନଙ୍କ ଉପରେ ଅବିରତ ଭାବରେ ଏକାଡେମିକ୍ ଚାପ, ମାନସିକ ସ୍ୱାସ୍ଥ୍ୟ ପ୍ରତି ଅବହେଳା ଏବଂ ଅବାସ୍ତବ ଆଶା କେତେ ଯେ ମାରାତ୍ମକ ପରିସ୍ଥିତି ସୃଷ୍ଟି କରିବାରେ, ତାହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଇପାରେ। ସେହିପରି ଆଇଆଇଟି ରୋପାରର ଶେଷ ବର୍ଷର ଛାତ୍ର ଜଣଙ୍କୁ ଭାଷା ଦକ୍ଷତା ଅଭାବ ବିଷ ପିଇବାକୁ ବାଧ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ପିତାମାତାଙ୍କ ଆଶା ପୁରଣ କରିବାରେ ବିଫଳ ହୋଇଥିବାରୁ ସୁଇସାଇଡ୍ ନୋଟରେ କ୍ଷମା ଭିକ୍ଷା କରିଛନ୍ତି, ଏଥିରୁ ସେ ପିତାମାତାଙ୍କ ଅଭିଳାଷ ପୁରଣ ପାଇଁ କେତେ ଚାପରେ ଥିଲେ, ତାହା ଅନୁମାନ କରାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ କୋଚିଂ ହବ୍ ଭାବେ ପରିଚିତ କୋଟାରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୪ଜଣ ଛାତ୍ର ଜୀବନ ହାରି ସାରିଲେଣି। ଗତବର୍ଷ ୨୦୨୪ରେ ୩୨ଜଣ ଆତ୍ମହତ୍ୟା କରିଥିବା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା। କହିବା ବାହୁଲ୍ୟ ଯେ, କୋଚିଂ ହବ୍ ଏବଂ ସର୍ବଭାରତୀୟ ସ୍ତରୀୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ଅବିରତ ଭାବେ ଏକାଡେମିକ୍ ଚାପ, ଛାତ୍ରଛାତ୍ରୀଙ୍କ ମଧରେ ବିଷାକ୍ତ ପ୍ରତିଯୋଗିତା, ଅଭିଭାବକଙ୍କ ଉଚ୍ଚାଭିଳାଷ, ଅନିୟନ୍ତ୍ରିତ କୋଚିଂ ପ୍ରାକ୍ଟିସ, ସଫଳତାର ଗ୍ୟାରେଂଟି ଚାପ, ଯାହାକି ଶେଷରେ ଜୀବନ ମରଣର ସଂଗ୍ରାମ ଭାବେ ଉଭା ହୋଇଥାଏ। ଯେଉଁମାନେ ସଫଳ ହୁଅନ୍ତି, ସେମାନେ ତିଷ୍ଟି ଯାଆନ୍ତି, ଯେଉଁମାନେ ପଛରେ ପଡିଯାଆନ୍ତି, ସେମାନେ ଜୀବନ ହାରିବାରେ ପନ୍ଥା ବାଛି ନିଅନ୍ତି,



ଯାହା ମନସ୍ତତ୍ୱବିତ୍ କହନ୍ତି। ଦେଶରେ କ୍ରମାଗତ ଭାବେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବୃଦ୍ଧି ଘଟଣାରେ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଯଥାର୍ଥ ଭାବେ କହିଛନ୍ତି ଯେ, ସ୍କୋର ବେସଡ୍ ଏଜୁକେସନ ସିଷ୍ଟମରେ ସଫଳତା ପାଇଁ ଅବିରତ ଭାବରେ ଚାପ ଏବଂ ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ସୀମିତ ଆସନ ପାଇଁ ଚରମ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ଉପରେ ଭୟଙ୍କର ଚାପ ସୃଷ୍ଟି କରୁଛି। ସେମାନଙ୍କୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପରୁ ନିବୃତ୍ତ କରିବା ଏବଂ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ସୁଧାରିବା ପାଇଁ ସର୍ବୋଚ୍ଚ ଏକ ଜାତୀୟ ଟାକ୍ସଫୋର୍ସ ଗଠନ କରିଛନ୍ତି। ମାତ୍ର ଆତ୍ମହତ୍ୟାଜନିତ ସମସ୍ୟା ଏବେ ବି ଅସମାହିତ ହୋଇରହିଛି। ଛାତ୍ରଛାତ୍ରୀଙ୍କ ଜୀବନ ହାରିବା ଘଟଣା ବଢିଚାଲିଛି। ଅନଫେୟାର ଟ୍ରେଡ ପ୍ରାକ୍ଟିସ ଏବଂ ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶନ ପାଇଁ ନିକଟରେ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ବହୁ କୋଚିଂ ସେଂଟର ଉପରେ ନୋଟିସ ଜାରି କରିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ବହୁ କୋଚିଂ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ଟପ୍ ର୍ୟାଙ୍କର ପ୍ରତିଶ୍ରୁତି, ବିନା ପ୍ରତିଯୋଗିତାରେ ମନୋନୟନ ଆଦି ଲୋଭନୀୟ ପ୍ରତିଶ୍ରୁତି ଦେଇ ଛାତ୍ରଛାତ୍ରୀ ଓ ପିତାମାତାଙ୍କୁ ଆକର୍ଷିତ କରୁଥିବା ବହୁ ନଜୀର ରହିଛି। ଯେଉଁ ଦୁର୍ବଳ ଛାତ୍ରଛାତ୍ରୀ ସେମାନଙ୍କ ଟ୍ରାପ୍‌ରେ ପଡନ୍ତି, ପିତାମାତାଙ୍କ ଅଭିଳାଷ ପୁରଣ କରିବାରେ ଅସଫଳ ଓ ପ୍ରତିଯୋଗିତା ସାମିଲ ବ୍ୟର୍ଥତା ସେମାନଙ୍କୁ ଶେଷରେ ଜୀବନ ହାରିବାକୁ ବାଧ କରେ। ସେହିପରି କୋଚିଂ ସେଂଟର(କଂଟ୍ରୋଲ ଆଣ୍ଡ ରେଗୁଲେସନ) ବିଲ୍ ଆଣିବାକୁ ରାଜସ୍ଥାନ ସରକାର ଚିଠା ପ୍ରସ୍ତୁତ କରିଛନ୍ତି। ଯେଉଁଥିରେ ନାମଲେଖା ପୂର୍ବରୁ ଆଶାୟୀ ଛାତ୍ରଛାତ୍ରୀଙ୍କୁ କାଉନସେଲିଂ, ଦକ୍ଷତା ପରୀକ୍ଷା ବାଧତାମୂଳକ ରହିଛି। ଏହା ନିସନ୍ଦେହ ଯେ, କଠୋର ଆଭିମୁଖ୍ୟ ବା କଡାକଡି ଆଇନ ଲାଗୁ କରିବା ବିନା ଏହି ଆଇନ କେବଳ ସାଂକେତିକ ହୋଇରହିଯିବ। ଆହୁରି ମଧ ଶିକ୍ଷାନୁଷ୍ଠାନ ଏବଂ ଅଭିଭାବକମାନଙ୍କ ଉତରଦାୟିତ୍ୱ ଅଭାବ ଏଭଳି ଦୁଃଖଦାୟକ ପରିସ୍ଥିତି ସୃଷ୍ଟି କରିଛି ବୋଲି କୁହାଯାଇପାରେ। ଛାତ୍ରଛାତ୍ରୀଙ୍କ ମୃତ୍ୟୁ ପାଇଁ ଉଭୟେ ପରସ୍ପର ବରୁଦ୍ଧରେ ଅଭିଯୋଗ କରୁଛନ୍ତି। ସେହିପରି ଅଭିଭାବକମାନେ ମଧ ଆତ୍ମସମୀକ୍ଷା କରିବା ଉଚିତ୍। ନିଜ ସ୍ୱାର୍ଥ ପାଇଁ ଦୁର୍ବଳ ପିଲାମାନଙ୍କୁ ଅଧ୍ୟୟନ ପାଇଁ ବାଧ କରିବା ଏବେ ଅଭିଭାବକମାନଙ୍କ ପାଇଁ ଏକ ପରମ୍ପରା ହୋଇଗଲାଣି। ଯାହା ବନ୍ଦ ହେବା ଜରୁରୀ। ଯୁବ ଛାତ୍ରଛାତ୍ରୀମାନଙ୍କ ଜୀବନ ସୁରକ୍ଷିତ ରଖିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କଠୋର ଆଇନ ପ୍ରଣୟନ କରିବା ସାଂପ୍ରତିକ ସମୟର ସବୁଠାରୁ ବଡ ଆବଶ୍ୟକତା ବୋଲି ମନେହୁଏ। ଏଥି ସହ ଦେଶରେ ଟପ୍ପର ସଂସ୍କୃତି ଯଥାଶୀଘ୍ର ଉଚ୍ଛେଦ ହେବା ଜରୁରୀ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ଶ୍ରମ ଶକ୍ତି କାହା ପାଇଁ ?



**ଯୁଧିଷ୍ଠିର ମହାରଣା**

ଶ୍ରମିକ, ଯେଉଁମାନେ ନିର୍ମାଣ କରିଥାନ୍ତି ବିଶ୍ୱକୁ। ରାତି ଦିନ ଏକ କରି ମୁଣ୍ଡଝାଳ ତୁଣ୍ଡରେ ମାରି ଅକ୍ଳାନ୍ତ ପରିଶ୍ରମ କରିଥାନ୍ତି। ଖରା, ବର୍ଷା, ଶୀତ ହେଉ ଅବା କାକର କାହାର ବି ପ୍ରଭାବ କାଟୁ କରି ନଥାଏ ଏମାନଙ୍କୁ। ସମାଜର ତଳସ୍ତରରେ ରହି ସମାଜ ଗଠନରେ ଏକ ଗୁରୁ ଦାୟିତ୍ୱ ନେଇଥାନ୍ତି ଏହି ଶ୍ରମିକମାନେ। ଶ୍ରମିକମାନେ ହେଲେ ଆଧୁନିକ ଯୁଗର ବିଶ୍ୱକର୍ମା। ଏମାନଙ୍କ ବିନା ସୃଷ୍ଟିର କଳନା କରିବା ବୃଥା। ହେଲେ ଦୁନିଆକୁ ଗଢୁଥିବା ଏହି ଶ୍ରମିକର ମୁଣ୍ଡ ଗୁଞ୍ଜିବାକୁ ବି ନଥାଏ ନିଜସ୍ୱ ଏକ ଘର। ଶ୍ରମିକମାନେ ସମାଜର ମୂଲ୍ୟବାନ ସମ୍ପତ୍ତି ଓ ନୂଆ ସମାଜ ଗଠନର ଆଧାରଶୀଳା। ବାସ୍ତବିକ କୌଣସି ରାଷ୍ଟ୍ର ଶ୍ରମଶକ୍ତିଙ୍କ ବିନା ଅଭିବୃଦ୍ଧି ପଥରେ ଅଗ୍ରସର ହୋଇପାରି ନଥାଏ। ଶ୍ରମିକ ମାନଙ୍କ ପାଇଁ ସରକାରୀ ଓ ବେସରକାରୀ ଭାବେ ଅନେକ କାର୍ଯ୍ୟକ୍ରମ ହେଉଥିଲେ ମଧ ବାସ୍ତବିକ ସେମାନଙ୍କର ଯନ୍ତ୍ରଣା ଓ କଷଣ ସତରେ କ'ଣ ଦୂରୀଭୂତ ହୋଇପାରିଛି ? ନିକଟରେ ଆନ୍ତର୍ଜାତିକ ଶ୍ରମ ଦିବସ ବଡ଼ ଆଡ଼ମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ପ୍ରତିବର୍ଷ ପାଞ୍ଚଜଣ ଶ୍ରମିକ କ୍ଷେତ୍ରରେ ଉତ୍ସର୍ଗୀକୃତ ଅବଦାନ ରଖୁଥିବା ଶ୍ରମିକ ସଂଗଠନକୁ ବିଜୁ ଶ୍ରମିକ ବନ୍ଧୁ ସମ୍ମାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥାନ୍ତି। ତେବେ ଚଳିତ ବର୍ଷର ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ ସକାଶେ ଚୟନ ହୋଇଥିବା ଶ୍ରମିକ ନେତାଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ବାଦ ଦିଆଗଲା। ଏହି ଘଟଣାଟି ଶ୍ରମ ଦିବସରେ ଦିବସଟିର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ କିପରି ମୂଲ୍ୟାୟନ କଲା ଓ ସମ୍ମାନିତ କଲା ତାହା ବେଶ ସୁସ୍ପଷ୍ଟ। ଚଳିତ ବର୍ଷ କେବଳ ଆଇଏନଟିୟୁସି, ବିଏମଏସ, ଏଆଇଟିୟୁସିର ବ୍ୟକ୍ତି ମାନଙ୍କୁ ସମ୍ମାନିତ କରାଯାଇଥିବାବେଳେ ଏନଏଫଆଇଟିୟୁ ଓ ଏଚଏମଏସର ଚୟନ ହୋଇଥିବା ଶ୍ରମିକ ସଂଗଠନକୁ ବାଦ ଦିଆଯାଇଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଚଳିତ ବର୍ଷର ଏହି କାର୍ଯ୍ୟକ୍ରମ ପାଇଁ ପଚିଶ ଅପ୍ରେଲରେ ପତ୍ର ଦ୍ୱାରା ଆବେଦନ ମଗା ଯାଇଥିଲା ଏବଂ ଏହାର ଶେଷ ତାରିଖ ଥିଲା ଅଠେଇଶ ଅପ୍ରେଲ। ଏଥି ନିମିତ୍ତି କେନ୍ଦ୍ରୀୟ ଶ୍ରମିକ ସଂଗଠନର ଅନେକ କର୍ମକର୍ତ୍ତା ଆବେଦନ କରିଥିଲେ। ଖୋଦ ଶ୍ରମ କମିସନରର ଅଧକ୍ଷତାରେ ବିଧିବଦ୍ଧ ଭାବେ ଏକ ଚୟନ କମିଟି ଗଠିତ ହୋଇ ଆବେଦନ କରିଥିବା ବ୍ୟକ୍ତିଙ୍କ ସମସ୍ତ ଆବେଦନ ପତ୍ର, ଅଭିଜ୍ଞତା, ଶ୍ରମିକମାନଙ୍କ ସକାଶେ କାମ କରି ଆସୁଥିବା ଏବଂ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ପାଞ୍ଚ ଜଣଙ୍କୁ ଚୟନ କରାଯାଇଥିଲା। ସେମାନଙ୍କ କାଗଜପତ୍ର ଏବଂ ଚେକ ତିଆରି ସକାଶେ ରାଜ୍ୟ ଶ୍ରମ ସଂସ୍ଥାକୁ ଅନୁମତି ପ୍ରଦାନ କରାଯାଇଥିଲା। ଏଥି ନିମିତ୍ତ ଆବଶ୍ୟକ ପଡୁଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ ମଧମରେ ପଚରାଗଲା ଯେ ଏହି ମନୋନୀତ ହେବାକୁ ଯାଉଥିବା ବ୍ୟକ୍ତି ବିଶେଷଙ୍କ ନାମରେ କୌଣସି ଅପରାଧିକ ମାମଲା ଅଛି କି ?ତେବେ ନିମୟର ଗଳାବାଟ ଭାବରେ ଏହା ପୂର୍ବରୁ ତରବରିଆ ଭାବେ ରାତିରେ କେବଳ ତିନୋଟି କେନ୍ଦ୍ରୀୟ ଶ୍ରମ ସଂଘର ନେତାଙ୍କୁ ଦେବାକୁ ପତ୍ର ଗଲା। କିନ୍ତୁ ଅନ୍ୟ ଶ୍ରମିକ ସଂଗଠନ ଯଥା ଏନଏଫଂ ଆଇ ଟିୟୁ ଓ ଏଚଏମଏସକୁ କୌଣସି ସୂଚନା ବା ପତ୍ର ଜଣାଗଲାନାହିଁ। ଏହା ପୂର୍ବରୁ କୌଣସି ବର୍ଷ ଏପରି ଅବ୍ୟବସ୍ଥା ହୋଇନାହିଁ।



ରାଜ୍ୟ ବାହାରକୁ କେତେ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି ତାହା ଆଜି ପର୍ଯ୍ୟନ୍ତ ପଞ୍ଜିକୃତ କରାଯାଇନାହିଁ। ଗୋଟିଏ ପଟେ ଶ୍ରମିକ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଖୁସି ମନାଯାଉଥିବା ବେଳେ ଅପର ପକ୍ଷରେ ଦାଦନ ଖଟି ଅଙ୍ଗ ହରାଉଛି ଶ୍ରମିକ। ଆଉ ଏକ ଘଟଣା ପରେ ପିଡ଼ିତଙ୍କୁ ସହାୟତା ରାଶି ଧରେଇ ଦେଇ ଘଟଣାକୁ ଚାପି ଦିଆଯାଉଛି। କିନ୍ତୁ ଏହି ଘଟଣାର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସରକାରୀସସ୍ତରରେ ଇଛାଶକ୍ତିର ଯେ ଅଭାବ ରହୁଛି, ତାହା ବର୍ତ୍ତମାନର ଶ୍ରମିକ ସମସ୍ୟା ସ୍ପଷ୍ଟ ସୂଚିତ କରୁଛି। ଆଜି ଯେପରି ଶ୍ରମିକ ସଂଗଠନର କର୍ମକର୍ତ୍ତାଙ୍କୁ ହତାଦର କରାଗଲା ତାହା ବାସ୍ତବରେ ଶ୍ରମ ଦିବସର କି ମୂଲ୍ୟାୟନ କରାଗଲା ଏବଂ ଶ୍ରମ ଶକ୍ତିକୁ କ'ଣ ଯଥାର୍ଥରେ ସମ୍ମାନିତ କରାଗଲା କି ? ଅନୁସନ୍ଧାନରୁ ଜଣାଯାଇଛି ମଇ ଦିବସରେ ସମସ୍ତ କେନ୍ଦ୍ରୀୟ ଶ୍ରମ ସଂଗଠନକୁ ବହୁ ଦିନ ପୂର୍ବରୁ ନିମନ୍ତ୍ରଣ ପତ୍ର ଦିଆଯାଇଥାଏ। କିନ୍ତୁ ଚଳିତ ବର୍ଷର କାର୍ଯ୍ୟକ୍ରମ ସକାଶେ ଆଶ୍ଚର୍ଯ୍ୟଜନକ ଭାବେ ନିମନ୍ତ୍ରଣ କରାଯାଇ ନଥିଲା। ଶ୍ରମିକ କ୍ଷେତ୍ର ଏକ ବୃହତ କ୍ଷେତ୍ର। ଓଡ଼ିଶାରେ ଏକ କୋଟିରୁ ଉର୍ଦ୍ଧ୍ୱ ଅଣ ସଂଗଠିତ ଶ୍ରମିକ ଓ ସଂଗଠିତ ଶ୍ରମିକ ଅଛନ୍ତି। ସେମାନଙ୍କ ଭିତରୁ ନିର୍ମାଣ ଶ୍ରମିକଙ୍କ ସଂଖ୍ୟା ଢ଼େର ବେଶି ହେଲେ ସମସ୍ତ ନିର୍ମାଣ ଶ୍ରମିକ ମାନଙ୍କ ପଞ୍ଜୀକରଣ କରାଯାଇପାରି ନାହିଁ। ଓଡ଼ିଶାରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ସ୍ଥାଣୁ ପାଲଟି ଯାଇଛି। ଆଗରୁ ମିଳୁଥିବା ଅନେକ ସହଯୋଗ ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଭାରତ ବର୍ଷରେ ଥିବା ଅନ୍ୟ ରାଜ୍ୟ ମାନଙ୍କ ପରି ଓଡ଼ିଶାରେ ଅଣସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ଼ ଅବସ୍ଥାବି ନକହିବା ଭଲ। ତଥ୍ୟରୁ ଯାହା ଜଣାପଡ଼ିଛି ନିର୍ମାଣ ଶ୍ରମିକ ବୋର୍ଡ଼ରେ ହଜାର ହଜାର କୋଟି ଟଙ୍କା ଅଛି। ପୂର୍ବରୁ ଏହି ବୋର୍ଡ଼ରେ ବ୍ୟାପକ ଅନିୟମିତତା ହୋଇଥିବା ସହିତ ଗୁଡ଼ାଏ ଦୁର୍ନୀତି ଅଭିଯୋଗ ରହିଛି। କେନ୍ଦ୍ରରେ ଓ ଓଡ଼ିଶା।ରେ ବୁଲେଟ ଟ୍ରେନ ପରି ଡବଲ ଇଞ୍ଜିନର ଅଭିବୃଦ୍ଧି ସମ୍ପନ୍ନ ସରକାର ରହିଥିବାବେଳେ ଏସବୁ ଘଟଣାରର ତଦନ୍ତ ନହେବା ବାସ୍ତବିକ ଆଶ୍ଚର୍ଯ୍ୟକର କଥା। ତେଣୁ କେବଳ ଭାଷଣରେ ସୀମିତ ନରହି ବରଂ ନିର୍ମାଣ ଶ୍ରମିକଙ୍କ ସହିତ ଅନ୍ୟ ଶ୍ରମିକମାନଙ୍କୁ ମଧ ତୁଳନାତ୍ମକ ବିଚାର ସହିତ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବା ନିତାନ୍ତ ଆବଶ୍ୟକ। ଶ୍ରମିକର ଉନ୍ନତି ହେଲେ ସାମଗ୍ରୀକ ଭାବେ ଦେଶର ଉନ୍ନତି ଘଟିବା ସ୍ୱାଭାବିକ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

# ଅମୃତସରରେ ବିଷାକ୍ତ ମଦ ନେଲା ୨୧ ଜୀବନ

**ଅମୃତସର, ୧୩।୫:** ପଞ୍ଜାବରେ ତାଣ୍ଡବ ରଚିଛି ମଦ। ବିଷାକ୍ତ ମଦ ପିଇ ୨୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ପଞ୍ଜାବ ଅମୃତସର ଜିଲ୍ଲା ମଜୀଠା ଅଞ୍ଚଳର ୫ଟି ଗାଁରେ ଏହି ଘଟଣା ଘଟିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଗୁରୁତରଙ୍କୁ ଅମୃତସର ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୁଲିସ ୧୦ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ମଦ ଯୋଗାଣକାରୀ ଓ ଏହାର କିଙ୍ଗପିନ ରହିଛି। କାର୍ଯ୍ୟରେ ଅବହେଳା ଯୋଗୁଁ ୪ ଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି।

ସେପଟେ ମଦ ମୃତ୍ୟୁ ଖବର ପାଇବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛି। ବିଳମ୍ବିତ ରାତିରେ ଏହି ଘଟଣା ଘଟିବା ପରେ ମେଡିକାଲ ଟିମ୍ ଘର ଘର ବୁଲି ସ୍ଥିତିର ସମୀକ୍ଷା କରୁଛି। ମଦ ମୃତ୍ୟୁ ମାମଲାର ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ବିଷାକ୍ତ ମଦ କାରବାରର ମୁଖ୍ୟ ଅଭିଯୁକ୍ତ ପ୍ରଭଜିତ୍ ସିଂଙ୍କୁ ତୁରନ୍ତ ଗିରଫ କରାଯାଇଛି। ଏହାର କିଙ୍ଗପିନ କୁହାଯାଉଥିବା ସାହିବ ସିଂହ ମଧ୍ୟ ଗିରଫ କରାଯାଇଛି। ଅନ୍ୟ ଅଭିଯକ୍ତ କୁଲବୀର ସିଂହ, ଗୁରୁଜନ୍ତ ସିଂହ, ନିନ୍ଦର କୌରଙ୍କୁ ମଧ୍ୟ ଗିରଫ କରାଯାଇଛି। ମୃତ ଲୋକଙ୍କ ମଧ୍ୟରେ ଭଙ୍ଗାଲୀ, ପଟଲପୁରୀ, ମାରାରୀ କଲାନ୍, ଥେରେବାଲ ଏବଂ ତାଲୱାଣ୍ଡି ଘୁମନ୍ ଗାଁର ଯୁବକମାନେ ଅଛନ୍ତି। ଭଲ୍ଲରା, ଟଙ୍ଗରା ଓ ଷଣ୍ଢ ଗାଁର ଲୋକମାନେ ବି ଏହି ବିଷାକ୍ତ ମଦ ପିଇଥିବା ଜଣାପଡିଛି। ଅମୃତସର (ଗ୍ରାମ୍ୟ) ବରିଷ୍ଠ ଏସପି ମନିନ୍ଦର ସିଂହ କହିଛନ୍ତି ଯେ, ପୁଲିସ ଗତରାତି ୧୦ଟା ବେଳେ ସୂଚନା ପାଇଥିଲା। ପୁଲିସ ଏହାର ତଦନ୍ତ କରୁଛି। କେଉଁ କମ୍ପାନୀମାନେ ଅଭିଯୁକ୍ତଙ୍କୁ ମଦ ବିକ୍ରି କରିଥିଲେ ତାହାର ତଦନ୍ତ ଚାଲିଛି। ଡେପୁଟୀ କମିଶନର ସାକ୍ଷୀ ସଓ୍ୱହନେ ମେଡିକାଲ ଯାଇ ସ୍ଥିତିର ସମୀକ୍ଷା କରିଛନ୍ତି। ପାଞ୍ଚ ବର୍ଷ ପୂର୍ବେ ଏପରି ବିଷାକ୍ତ ମଦ ମୃତ୍ୟୁ ଘଟଣା ତରଣ ତରଣ, ଅମୃତସର ଏବଂ ଗୁରଦାସପୁର ଜିଲ୍ଲାରେ ଘଟିଥିଲା। ଯେଉଁଥିରେ ପ୍ରାୟ ୧୩୦ ଜଣ ମୃତ୍ୟୁବରଣ କରିଥିଲେ ଏବଂ ୧୨ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସେମାନଙ୍କ ଦୃଷ୍ଟି ଶକ୍ତି ହରାଇଥିଲେ। ଏବେ ପୁଣି ଏହି ଘଟଣା ଚିନ୍ତା ବଢାଇ ଦେଇଛି।

## ୧୦ ଗୁରୁତର, ୧୦ ଗିରଫ, ୪ ଅଧିକାରୀ ନିଲମ୍ବିତ



# ୟୁକ୍ରେନ ପରେ ଏବେ ଅନ୍ୟ ଦେଶ ଉପରେ ପୁଟିନଙ୍କ ଆଖି

**ମସ୍କୋ, ୧୩।୫:** ରୁଷିଆ ଏବଂ ୟୁକ୍ରେନ ମଧରେ ଶାନ୍ତି ଆଲୋଚନା ହେବାର ସମ୍ଭାବନା ଅଛି। କିନ୍ତୁ ଏହା ମଧରେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା ସାମ୍ନାକୁ ଆସିଛି। ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି ଯେ, ରୁଷିଆ ଫିନଲ୍ୟାଣ୍ଡ ସୀମା ନିକଟରେ ଥିବା ଏହାର ଚାରୋଟି ପ୍ରମୁଖ ସାମରିକ ଘାଟିରେ ସୈନ୍ୟ ମୁତୟନକୁ ତ୍ୱରାନ୍ୱିତ କରିଛି। ୟୁକ୍ରେନ ଉପରେ ଆକ୍ରମଣ ପରେ ରୁଷିଆର କାର୍ଯ୍ୟକଳାପ ଏବେ ଏକ ନୂତନ ମୋର୍ଚ୍ଚା ଆଡ଼କୁ ଇଙ୍ଗିତ କରୁଛି। ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି ଯେ, ରୁଷିଆ ଫିନଲ୍ୟାଣ୍ଡ ସୀମା ନିକଟରେ ଚାରୋଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏକ ବଡ଼ ସାମରିକ ମୁତୟନ ଆରମ୍ଭ କରିଛି। ଯେତେବେଳେ ତୁର୍କୀରେ ୟୁକ୍ରେନ ଏବଂ ରୁଷିଆ ମଧରେ ଏକ ସମ୍ଭାବ୍ୟ ବୈଠକ ବିଷୟରେ ଆଲୋଚନା ଚାଲିଛି। କାମେଙ୍କା ଫିନଲ୍ୟାଣ୍ଡ ସୀମାଠାରୁ ମାତ୍ର ୩୫ ମାଇଲ ଦୂରରେ ଅବସ୍ଥିତ। ଫେବୃଆରି ମାସରୁ ଏହି ଅଞ୍ଚଳରେ ୧୩୦ ରୁ ଅଧିକ ସାମରିକ ତମ୍ବୁ ସ୍ଥାପନ କରାଯାଇଛି।



## ଦଖଲ କରିବାକୁ ଷଡ଼ଯନ୍ତ୍ର, ସାଟେଲାଇଟ୍ ଚିତ୍ରରୁ ସତ୍ୟ ପ୍ରକାଶ

ଏଠାରେ ପ୍ରାୟ ୨୦୦୦ ସୈନିକ ରହିପାରିବେ ବୋଲି ଅନୁମାନ କରାଯାଉଛି। ଫିନଲ୍ୟାଣ୍ଡ ସୀମାଠାରୁ ୧୦୯ ମାଇଲ ଦୂରରେ ପେଟ୍ରୋଜାଭୋଡସ୍କରେ, ତିନୋଟି ବଡ଼ ଷ୍ଟୋରେଜ୍ ହଲ୍ ନିର୍ମାଣ କରାଯାଇଛି, ଯେଉଁଠାରେ ୫୦-୫୦ଟି ସଶସ୍ତ୍ର ଯାନ ରଖାଯାଇପାରିବ। ବିଶେଷଜ୍ଞମାନେ ଅନୁମାନ କରିଛନ୍ତି ଯେ, ସଶସ୍ତ୍ର ଯାନର ପ୍ରକୃତ ସଂଖ୍ୟାକୁ ଲୁଚାଇବା ପାଇଁ ଏହି ହଲ୍ ଗୁଡ଼ିକ ନିର୍ମାଣ କରାଯାଇଛି।

ତୃତୀୟ ସ୍ଥାନରେ ସେଭେରୋମୋର୍ସ୍କ-୨ ଅଛି, ଯେଉଁଠାରେ ସାଟେଲାଇଟ୍ ଚିତ୍ରରେ ଅନେକ ହେଲିକପ୍ଟର ଦେଖାଯାଇଛି। ଏହି ଘାଟିକୁ ରୁଷିଆର ବାୟୁସେନା ଅଭିଯାନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଚତୁର୍ଥ ହେଉଛି ଓଲେନିଆ। ୟୁକ୍ରେନ ଅନୁଯାୟୀ, ଏହି ଘାଟିରୁ ୟୁକ୍ରେନ ଉପରେ ଅନେକ ଥର ଆକ୍ରମଣ କରାଯାଇଛି। ଏଠାରେ ମଧ ନୂତନ ଗତିବିଧି ଦେଖିବାକୁ ମିଳିଛି। ରୁଷିଆର ଏହି ପ୍ରସ୍ତୁତି ଏପରି ସମୟରେ ହେଉଛି ଯେତେବେଳେ ଫିନଲ୍ୟାଣ୍ଡ ଏବଂ ସ୍ୱିଡେନ ସମ୍ପ୍ରତି ନାଟୋର ଅଂଶ ହୋଇଛନ୍ତି। ୨୦୨୨ ମସିହାରେ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ ଫିନଲ୍ୟାଣ୍ଡ ଏପ୍ରିଲ ୨୦୨୩ ମସିହାରେ ନାଟୋରେ ଯୋଗ ଦେଇଥିଲା। ଏହା ପରେ ସ୍ୱିଡେନ ମଧ ମାର୍ଚ୍ଚ ୨୦୨୪ ମସିହାରେ ନାଟୋର ଏକ ଅଂଶ ହୋଇଥିଲା। ରୁଷିଆ ଲଗାତାର ଭାବରେ ନାଟୋ ଉପରେ ଆକ୍ରମଣାତ୍ମକ ଆରୋପ ଲଗାଇଛି ଏବଂ ଆବଶ୍ୟକୀୟ ପଦକ୍ଷେପ ନେବ ବୋଲି କହିଛି। ଏବେ ଏହି ଚିତ୍ରଗୁଡ଼ିକ ସେହି ଚେତାବନୀକୁ ସତ୍ୟ ବୋଲି ପ୍ରମାଣିତ କରୁଥିବା ପରି ମନେ ହେଉଛି।

# ବିଜେପିର ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା



**ନୂଆଦିଲ୍ଲୀ, ୧୩।୫:** ଅପରେସନ ସିନ୍ଦୂରର ସଫଳତା ପରେ ଆଜିଠୁ ୧୦ ଦିନ ଧରି ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା କରିବ ବିଜେପି। ଏହି ଯାତ୍ରାରେ ଅପରେସନ ସିନ୍ଦୂରର ଉପଲବ୍ଧି ସମ୍ପର୍କରେ ସବୁ ଲୋକଙ୍କୁ ଅବଗତ କରାଯିବ। ଏହି ଅପରେସନ ମାଧ୍ୟମରେ ଭାରତ କିପରି ନିଜ ନାଗରିକଙ୍କ ସୁରକ୍ଷା ମଜଭୁତ କରିବା ସହ ଦେଶର ସ୍ୱାଭିମାନକୁ ସୁରକ୍ଷିତ ରଖିଛି ସେନେଇ ଲୋକଙ୍କୁ ଜଣାଯିବ । ଦେଶର ବରିଷ୍ଠ ନେତା ଓ ମନ୍ତ୍ରୀମାନେ ତ୍ରିରଙ୍ଗା ଯାତ୍ରା ପରିଚାଳନା କରିବେ। ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ କେନ୍ଦ୍ରମନ୍ତ୍ରୀ, ସାଂସଦ ଓ ନିର୍ବାଚିତ ପ୍ରତିନିଧି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଦ୍ୱାରା ଘୋଷିତ ଏହି ତ୍ରିରଙ୍ଗା ଯାତ୍ରାର ଉଦ୍ଦେଶ୍ୟ ଭାରତୀୟ ସେନାକୁ ସମ୍ମାନ ଦେବା ଓ ଅପରେସନ ସିନ୍ଦୂରର ସଫଳତା ବିଷୟରେ ଜଣାଇବା । ଏନେଇ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ତଥା ସାଂସଦ ସମ୍ବିତ ପାତ୍ର ସୋମବାର ପ୍ରେସମିଟ୍‌ରେ କହିଛନ୍ତି ଯେ, ଭାରତ ଆତଙ୍କବାଦ ବିରୋଧରେ ଲଢ଼େଇ କରିଛି ଏବଂ ସେନାର ସାହାସ ଏହି ଅପରେସନକୁ ସଫଳ କରିଛି। ଅପରେସନରେ ରାଫେଲ ଜେଟ୍ ବଡ଼ ଭୂମିକା ନେଇଥିଲା ଏବଂ ଆମର ସବୁ ପାଇଲଟ ସୁରକ୍ଷିତ ଫେରିଥିଲେ । ଆମର ଟାର୍ଗେଟ କେବଳ ଆତଙ୍କବାଦୀଙ୍କ ଠିକଣା ଥିଲା ଏବଂ ଆମର ସେନା ୯ଟି ଆତଙ୍କୀ ଆଡ୍ଡାସ୍ଥଳ ଧ୍ୱଂସ କରିଛନ୍ତି ।

# କାଶ୍ମୀରର ଅଣସୀମାବର୍ତ୍ତୀ ଜିଲ୍ଲାରେ ଖୋଲିଲା ସ୍କୁଲ, କଲେଜ



**ଶ୍ରୀନଗର, ୧୩।୫:** ପାକିସ୍ତାନ-ଭାରତ ମଧରେ ସାମରିକ ଉତ୍ତେଜନା ନେଇ ବନ୍ଦ ଥିବା ସ୍କୁଲକଲେଜ ଆଜି ଖୋଲିଛି। ସୀମାରେ ନଥିବା କଶ୍ମୀରର ସମସ୍ତ ସ୍କୁଲ ଏବଂ କଲେଜଗୁଡିକ ମଙ୍ଗଳବାର ପୁନଃ ଖୋଲା ଯାଇଛି। ତେବେ କୁପୱାରା ଏବଂ ବାରାମୁଲା ଜିଲ୍ଲା, ବାଣ୍ଡିପୋରାର ଗୁରେଜ ସେକ୍ଟରର ସ୍କୁଲ ଏବଂ କଲେଜ ଏବେ ବନ୍ଦ ରହିଥିବା କହିଛନ୍ତି ଜଣେ ଅଧିକାରୀ। ଅଧିକାରୀଙ୍କ ଅନୁସାରେ କାଶ୍ମୀର ବିଶ୍ୱବିଦ୍ୟାଳୟରେ ବୁଧବାରରୁ ପାଠ ପଢା ଆରମ୍ଭ ହେବ। ଜମ୍ମୁ-କାଶ୍ମୀରର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକ ଭାରତ-ପାକିସ୍ତାନ ମଧରେ ଉତ୍ତେଜନାକୁ ନେଇ ଗତ ସପ୍ତାହରେ ସାମୟିକ ଭାବେ ବନ୍ଦ କରାଯାଇଥିଲା। ତେବେ ଉଭୟ ଦେଶ ମଧରେ ଅସ୍ତ୍ର ବିରତି ଘୋଷଣା ପରେ ସୋମବାର ଜମ୍ମୁ-କାଶ୍ମୀର ସରକାର ସୀମା ବ୍ୟତୀତ ଅନ୍ୟ ଅଞ୍ଚଳରେ ରହିଥିବା ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ।

# ସୁରକ୍ଷା ସ୍ଥିତି ସମୀକ୍ଷା କଲେ ରାଜନାଥ

**ନୂଆଦିଲ୍ଲୀ, ୧୩।୫:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଦେଶର ସର୍ବୋଚ୍ଚ ସେନା ଅଧିକାରୀମାନେ ମଙ୍ଗଳବାର ଜାତୀୟ ସୁରକ୍ଷା ପରିଦୃଶ୍ୟ ସହ ପାକିସ୍ତାନ ସୀମାନ୍ତ ସ୍ଥିତି ନେଇ ଏକ ସଂପୂର୍ଣ୍ଣ ସମୀକ୍ଷା କରିଛନ୍ତି। ଭାରତ-ପାକିସ୍ତାନ ଅସ୍ତ୍ରବିରତି ପରେ ମଧ୍ୟ ଘନ ଘନ ସମୀକ୍ଷା ବୈଠକ ଜାରି ରହିଛି । ଆଜି ସାଉଥ୍ ବ୍ଲକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ସମୀକ୍ଷା ବୈଠକ କରିଛନ୍ତି ।ଏହି ବୈଠକରେ ମୁଖ୍ୟ ପ୍ରତିରକ୍ଷା ଷ୍ଟାଫ ଜେନେରାଲ ଅନୀଲ ଚୌହ୍ୱାନ, ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠୀ ଓ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଉପସ୍ଥିତ ଥିଲେ। ପଶ୍ଚିମ ସୀମାନ୍ତ ସୁରକ୍ଷା ପରିସ୍ଥିତି ଓ ସମ୍ବନ୍ଧିତ ମାମଲାଗୁଡିକର ପୁନଃ ମୂଲ୍ୟାଙ୍କନ କରାଯାଇଛି। ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବାସଭବନରେ ଭେଟିଛନ୍ତି ଏନଏସଜି ଅଜିତ ଡୋଭାଲ୍। ଅପରେସନ ସିନ୍ଦୂର ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ସୂଚନା ମିଳିଛି।



# ଏନ୍‌କାଉଣ୍ଟର୍‌ରେ ୩ ଆତଙ୍କବାଦୀ ନିପାତ

**ଶ୍ରୀନଗର, ୧୩।୫:** ଜମ୍ମୁ-କାଶ୍ମୀରର ସୋପିଆନାରେ ସୁରକ୍ଷା ବାହିନୀ ସହ ଏନକାଉଣ୍ଟରରେ ତିନି ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ମଙ୍ଗଳବାର ସକାଳୁ ଜଣେ ଲସ୍କର-ଇ-ତୋଇବାର ଆତଙ୍କବାଦୀ ନିପାତ ହୋଇଥିବା ଖବର ହସ୍ତଗତ ହୋଇଥିଲା। ଏବେ ଜାଣିବାକୁ ମିଳିଛି ୩ ଜଣ ଆତଙ୍କୀ ସଫା ହୋଇଛନ୍ତି। ତେବେ ଆହୁରି ଜଣେ ଆତଙ୍କବାଦୀ ଏବେ ବି ଲୁଚି ରହିଛି ବୋଲି ସନ୍ଦେହ କରାଯାଉଛି। ପ୍ରଥମେ ଏହି ଏନକାଉଣ୍ଟର କୁଲଗାମରୁ ଆରମ୍ଭ ହୋଇଥିଲା ଏବଂ ପରେ ସୋପିଆନର ଏକ ଜଙ୍ଗଲ ଅଞ୍ଚଳକୁ ସ୍ଥାନାନ୍ତରିତ ହୋଇଥିଲା। ଦକ୍ଷିଣ କାଶ୍ମୀର ସୋପିଆନା ଜିଲ୍ଲା ଶୁକ୍ରୁ ଜଙ୍ଗଲରେ ସେନା ଏବଂ ପାରାମିଲିଟାରୀର ସୁରକ୍ଷା କର୍ମୀମାନେ ପ୍ରାୟ ଦୁଇ ଘଣ୍ଟା ଧରି ଆତଙ୍କବାଦୀଙ୍କ ସହିତ ଲଢ଼େଇ କରିବା ପରେ ଏହି ସଫଳତା ପାଇଛନ୍ତି। ଏକ ଗୁପ୍ତ ସୂଚନା ପରେ ସୁରକ୍ଷା ବାହିନୀ ଆତଙ୍କବାଦୀମାନଙ୍କୁ ଖୋଜିବା ଆରମ୍ଭ କରିଥିଲା ଓ ପାଇବା ମାତ୍ରକେ ସେମାନଙ୍କୁ ଏନ୍‌କାଉଣ୍ଟର୍ କରି ଦିଆଯାଇଥିଲା। ମୃତକଙ୍କ ମଧରେ ଏଲଇଟିର ଟପ କମାଣ୍ଡର ସହିତ କୁଟ୍ଟେ ରହିଥିବା ଜଣାପଡିଛି। ଆଉ ଜଣେ ଆତଙ୍କବାଦୀ ହେଉଛି ଅଦାନନ ଶାଫି। ତୃତୀୟ ଆତଙ୍କବାଦୀକୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଭାରତୀୟ ସେନା ଏକ୍ସରେ ଏକ ପୋଷ୍ଟ କରି ସୂଚନା ଦେଇଛି ଯେ '୨୦୨୫ ମେ ୧୩ ତାରିଖରେ ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟର ନିର୍ଦ୍ଦିଷ୍ଟ ଗୁପ୍ତ ସୂଚନା ଆଧାରରେ ସୋପିଆନର ସୋକାଲ କେଲର ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ଜାଣିବାକୁ ମିଳିଲା। ଭାରତୀୟ ସେନା ଏକ ସନ୍ଧାନ କରି ଧ୍ୱଂସ ଅଭିଯାନ ଆରମ୍ଭ କରିଥିଲା। ଅଭିଯାନ ସମୟରେ ଆତଙ୍କବାଦୀମାନେ ପ୍ରବଳ ଗୁଳିଚାଳନା କରିଥିଲେ ଏବଂ ଭୟଙ୍କର ଗୁଳିବିନିମୟ ହୋଇଥିଲା। ଯାହାଫଳରେ ତିନି ଜଣ ଆତଙ୍କବାଦୀ ନିପାତ ହୋଇଛନ୍ତି। ଅଭିଯାନ ଏବେ ବି ଜାରି ରହିଛି।'

# ଆଜି ଶପଥ ନେବେ ପ୍ରଧାନ ବିଚାରପତି



**ନୂଆଦିଲ୍ଲୀ, ୧୩।୫:** ବୁଧବାର ଶପଥ ଗ୍ରହଣ କରିବେ ଦେଶର ନୂତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗବାଇ ତଥା ବିଆର ଗବାଇ। ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶପଥ ପାଠ କରାଇବେ। ସେ ଦେଶର ୫୨ତମ ପ୍ରଧାନ ବିଚାରପତି ହେବେ। ଏହା ପୂର୍ବରୁ ଆଜି ପ୍ରଧାନ ବିଚାରପତି ପଦରୁ ଅବସର ନେଇଛନ୍ତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା। ଭାରତର ପ୍ରଧାନ ବିଚାରପତି ସଞ୍ଜିବ ଖାନ୍ନା ଆଜି ସକାଳେ ଜଷ୍ଟିସ୍ ବି.ଆର. ଗବାଇଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ସୁପ୍ରିମକୋର୍ଟରେ ତାଙ୍କ ସହକର୍ମୀଙ୍କଠାରୁ ବିଦାୟ ନେଇଥିଲେ। ପ୍ରଧାନ ବିଚାରପତି ଭାବରେ ଜଷ୍ଟିସ୍ ଗବାଇଙ୍କ କାର୍ଯ୍ୟକାଳ ପ୍ରାୟ ଛଅ ମାସ ହେବ ଏବଂ ନଭେମ୍ବର ୨୦୨୫ରେ ତାଙ୍କର ଅବସର ସହିତ ଶେଷ ହେବ। ତାଙ୍କର ଜନ୍ମ ୧୯୬୦ ମସିହା ନଭେମ୍ବର ୨୪ ତାରିଖରେ ମହାରାଷ୍ଟ୍ରର ଅମରାବତୀରେ ହୋଇଥିଲା। ସେ ୧୯୮୫ ମସିହା ମାର୍ଚ୍ଚ ୧୬ ତାରିଖରେ ଓକିଲାତି କରିବା ଆରମ୍ଭ କରିଥିଲେ। ଏହା ପରେ ଜଷ୍ଟିସ୍ ବି.ଆର. ଗଭାଇଙ୍କୁ ୨୦୧୯ ମେରେ ଭାରତର ସୁପ୍ରିମକୋର୍ଟର ବିଚାରପତି ଭାବରେ ପଦୋନ୍ନତି ଦିଆଯାଇଥିଲା। ସେ ୨୦୨୫ ୨୩ ନଭେମ୍ବରରେ ଅବସର ଗ୍ରହଣ କରିବେ। ଗତ ଛଅ ବର୍ଷ ମଧରେ ଜଷ୍ଟିସ୍ ବି.ଆର. ଗବାଇ ସାମ୍ବିଧାନିକ ଏବଂ ପ୍ରଶାସନିକ ଆଇନ, ସିଭିଲ୍ ଆଇନ, ଫୌଜଦାରୀ ଆଇନ, ବାଣିଜ୍ୟିକ ବିବାଦ, ମଧ୍ୟସ୍ଥତା ଆଇନ, ବିଦ୍ୟୁତ୍ ଆଇନ, ଶିକ୍ଷା ମାମଲା, ପରିବେଶ ଆଇନ ଇତ୍ୟାଦି ବିଭିନ୍ନ ବିଷୟ ସହ ଜଡିତ ମାମଲାଗୁଡ଼ିକର ବିଚାର କରୁଥିବା ପ୍ରାୟ ୭୦୦ଖଣ୍ଡପୀଠର ଅଂଶ ଥିଲେ।

## ପାକିସ୍ତାନର ସାଇବର ଆଟାକ

# ଟାର୍ଗେଟରେ ୧୫ ଲକ୍ଷ ଭାରତୀୟ ୱେବସାଇଟ୍

**ନୂଆଦିଲ୍ଲୀ,୧୩।୫:** ମହାରାଷ୍ଟ୍ରରୁ ଆସିଛି ବଡ଼ ଖବର। ଭାରତୀୟ ୱେବସାଇଟ୍ ଉପରେ ପାକିସ୍ତାନର ନଜର। ଅପରେସନ ସିନ୍ଦୂର ପରେ ପାକିସ୍ତାନ ସାଇବର ଆଟାକ୍ କରିଥିବା ଜାଣିବାକୁ ପାଇଛି ମହାରାଷ୍ଟ୍ର ସାଇବର ସେଲ୍। ଆଡଭାନସଡ୍ ପରସିସଟେଣ୍ଟ ଥ୍ରେଟ୍ ବିଭିନ୍ନ ଭିତ୍ତିଭୂମିକୁ ଟାର୍ଗେଟ୍ କରି ୧୫ ଲକ୍ଷ ୱେବସାଇଟକୁ ଟାର୍ଗେଟ୍ କରିଥିବା ସୂଚନା ମିଳିଛି। ପ୍ରାଥମିକ ଭାବେ ଏହିସବୁ ଆକାଉଣ୍ଟ ପାକିସ୍ତାନ, ବାଙ୍ଗଲାଦେଶ, ଇଣ୍ଡୋନେସିଆ ଓ ମଧ୍ୟ ପ୍ରାଚ୍ୟ ସହିତ ଲିଙ୍କ ରହିଛି। ସେଥିମଧ୍ୟରୁ ହ୍ୟାକରମାନେ କେବଳ ୧୫୦ ଟି ଆଟାକରେ ସଫଳ ହୋଇଥିବା ନେଇ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅର୍ଥାତ୍ ସେମାନେ ୯୯.୯୯ ପ୍ରତିଶତ ବିଫଳ ହୋଇଛନ୍ତି। ତେବେ ପୁଲିସ ଡିଜିଙ୍କ ସମେତ ଗୁଇନ୍ଦା ସଂସ୍ଥାକୁ ଏନେଇ ଅବଗତ କରାଯାଇଥିବା କହିଛନ୍ତି ସାଇବର ସେଲ୍ ଅଧିକାରୀ। ମହାରାଷ୍ଟ୍ର ସାଇବର ପୁଲିସ ଏଡିଜି ଯଶସ୍ୱୀ ଯାଦବ କହିଛନ୍ତି, ସାଇବର ଅପରାଧୀମାନେ ଏହାଛଡା ଛତ୍ରପତି ଶିବାଜୀ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ମଧ୍ୟ ଟାର୍ଗେଟ୍ କରିଛନ୍ତି। ଏୟାରପୋର୍ଟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଇଲେକ୍ସନ କମିଶନ ୱେବସାଇଟ୍ ସମ୍ପର୍କୀୟ ସୂଚନା ଜାଣିବା ହ୍ୟାକରଙ୍କ ଲକ୍ଷ୍ୟ ଥିବା ସନ୍ଦେହ କରାଯାଉଛି ସବୁଠୁ ବଡ଼ କଥା ହେଉଛି, ଏ ଘଟଣା ନୂଆ ନୁହେଁ। ପୂର୍ବରୁ ମଧ୍ୟ ମାଲୱାର କ୍ୟାମ୍ପେନ, ଡିନାଏଲ ଅଫ୍ ସର୍ଭିସ ଆଟାକ୍, ୱେବସାଇଟ୍ ଆଦି ପାକିସ୍ତାନ ହ୍ୟାକ୍ କରିବାର ନଜିର ରହିଛି। ଅନ୍ୟପଟେ ମହାରାଷ୍ଟ୍ର ସାଇବର ସେଲ ତରଫରୁ ୫ହଜାର ଫେକ୍ ନ୍ୟୁଜ ବା ଭୁଲ ତଥ୍ୟ ଚିହ୍ନଟ କରାଯାଇ ସଂଶୋଧନ ହୋଇଛି। ଯାହାକି ଭାରତ-ପାକିସ୍ତାନ ଯୁଦ୍ଧ ସମ୍ପର୍କିତ ତଥ୍ୟ ଏବଂ ଏହା ସୋସିଆଲ ମିଡିଆରେ ଘୂରି ବୁଲୁଥିଲା। ଏହାସହ ୭ଟି ହ୍ୟାକର ଟିମ୍‌କୁ ଚିହ୍ନ କରାଯାଇଛି। ସେଗୁଡିକ ହେଉଛି ଏପିଟି-୩୬, ପାକିସ୍ତାନ ସାଇବର ଫୋର୍ସ, ଟିମ ଇନସେନ ପିକେ, ମିଷ୍ଟ୍ରିୟସ ବାଂଲାଦେଶ, ଇଣ୍ଡୋ ହକ୍ୟା ସେକ୍, ସାଇବର ଗ୍ରୁପ ହୋକ୍ସ ୧୩୩୭ ଏବଂ ନ୍ୟାସନାଲ ସାଇବର କ୍ରୁ। ଏହି ସଂସ୍ଥା ଗୁଡିକ ପାଖାପାଖି ୧.୫ ମିଲିୟନ ୱେବସାଇଟ ଓ ସଂସ୍ଥାକୁ ଟାର୍ଗେଟ୍ କରିଥିଲେ।

# ପାକିସ୍ତାନ ହାଇକମିଶନର ଅଧିକାରୀଙ୍କୁ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୩।୫:** ପାକିସ୍ତାନ ସହ ଜାରି ଉତ୍ତେଜନା ଭିତରେ ଭାରତ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ନୂଆଦିଲ୍ଲୀ ସ୍ଥିତ ପାକିସ୍ତାନୀ ଅଧିକାରୀଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ପାକିସ୍ତାନ ହାଇ କମିଶନରେ କାମ କରୁଥିବା ଜଣେ ପାକିସ୍ତାନୀ ଅଧିକାରୀଙ୍କୁ ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ସରକାର ଭାରତରେ ରହିବା ପାଇଁ ତାଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ପାକିସ୍ତାନ ଅଧିକାରୀ ଜଣକ ଗୁପ୍ତଚର କାମର ଲିପ୍ତ ଥିବା ଜଣାପଡ଼ିଛି। ସରକାର କହିଛନ୍ତି ଯେ ଅଧିକାରୀ ଜଣକ ଏପରି କିଛି କାର୍ଯ୍ୟକଳାପରେ ଜଡିତ ଥିଲେ ଯାହା ତାଙ୍କ ପଦବୀ ଅନୁଯାୟୀ ଠିକ୍ ନଥିଲା। ପାକିସ୍ତାନୀ ଅଧିକାରୀଙ୍କୁ ୨୪ ଘଣ୍ଟା ମଧରେ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ପାକିସ୍ତାନ ହାଇ କମିଶନର ଚାର୍ଜ ଡି' ଆଫେୟାର୍ସଙ୍କୁ ଏ ସମ୍ପର୍କରେ ଏକ ପ୍ରତିବାଦ ଜାରି କରାଯାଇଛି। ସରକାର ଏହି ବିଷୟରେ ପାକିସ୍ତାନକୁ ଆନୁଷ୍ଠାନିକ ଭାବରେ ପ୍ରତିବାଦ କରିଛନ୍ତି। ଏହି କାର୍ଯ୍ୟଗୁଡ଼ିକୁ ସହ୍ୟ କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

# ପହଲଗାମ ଆତଙ୍କୀଙ୍କ ପୋଷ୍ଟର ଜାରି, ୨୦ ଲକ୍ଷ ପୁରସ୍କାର

**ନୂଆଦିଲ୍ଲୀ, ୧୩।୫:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ କରିଥିବା ଆତଙ୍କବାଦୀମାନଙ୍କୁ ଏପର୍ଯ୍ୟନ୍ତ ଧରାଯାଇନାହିଁ। ସେଦିନର ଘଟଣା ଭିଆଇଥିବା ୨ ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କ ପୋଷ୍ଟର ଜାରି କରିଛନ୍ତି ଏଜେନ୍ସି। ସୋପିଆନ ଜିଲ୍ଲାର ଅନେକ ଅଞ୍ଚଳରେ ପୋଷ୍ଟର ଲଗାଯାଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଲୋକଙ୍କ ବିଷୟରେ ସୂଚନା ଦେଉଥିବା ବ୍ୟକ୍ତିଙ୍କୁ ୨୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି। ଏଥିସହିତ ଏହା ମଧ କୁହାଯାଇଛି ଯେ ଆକ୍ରମଣକାରୀଙ୍କ ବିଷୟରେ ସୂଚନା ଦେଉଥିବା ଲୋକଙ୍କ ପରିଚୟ ଗୁପ୍ତ ରଖାଯିବ।

ଗତ ମାସରେ ପହଲଗାମର ବୈସରନ ଘାଟିରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା। ୧୭ ଜଣ ଆହତ ହୋଇଥିଲେ। ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରିଥିଲେ। ବୁଧବାର ସକାଳଠାରୁ ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାରେ ସେନାଠାରୁ ଆରମ୍ଭ କରି ଏନଆଇଏ, ପୁଲିସ ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକୁ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି। ସୂତ୍ର ଅନୁସାରେ, ବୈସରନ ଆକ୍ରମଣରେ ସମ୍ପୃକ୍ତ ଦୁଇ ସ୍ଥାନୀୟ ଆତଙ୍କବାଦୀଙ୍କୁ ଚିହ୍ନଟ କରାଯାଇଛି। ଏହି ଆକ୍ରମଣରେ ଦୁଇ ଜଣ ପାକିସ୍ତାନୀ ଆତଙ୍କବାଦୀ ମଧ ସାମିଲ ଅଛନ୍ତି। ଏହି ଆତଙ୍କବାଦୀମାନେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତଏକେ-୪୭ ସହିତ ଲଗାତାର ଗୁଳି ଚଳାଇଥିଲେ। ଆକ୍ରମଣ କରିଥିବା ଦୁଇ ଆତଙ୍କବାଦୀ ପସ୍ତୁନ୍ ଭାଷାରେ କଥା ହେଉଥିଲେ, ଯାହା ସ୍ପଷ୍ଟ କରେ ଯେ ସେମାନେ ପାକିସ୍ତାନୀ ନାଗରିକ। ଦୁଇ ଜଣ ସ୍ଥାନୀୟ ଆତଙ୍କବାଦୀଙ୍କୁ ମଧ ଚିହ୍ନଟ କରାଯାଇଛି। ସେମାନଙ୍କ ନାମ ଆଦିଲ ଅହମ୍ମଦ ଠାକୁର ଏବଂ ଆସିଫ ଶେଖ ବୋଲି କୁହାଯାଇଛି। ଆଦିଲ ଠାକୁର ଲସ୍କର-ଏ-ତୋଇବା ସହିତ ଜଡିତ। ଜମ୍ମୁ ଏବଂ କାଶ୍ମୀରର ବିଜବେହାରାର ଗୁରିର ବାସିନ୍ଦା। ସେହିପରି ଆସିଫ୍ ଶେଖର ଜୈଶ୍-ଏ-ମହମ୍ମଦ ସହିତ ଲିଙ୍କ୍ ରହିଛି। ସେ ମୀର ମୋହଲ୍ଲାର ବାସିନ୍ଦା। ଆକ୍ରମଣ ସମୟରେ ଜଣେ କିମ୍ବା ଦୁଇଜଣ ଆତଙ୍କବାଦୀ ଶରୀରରେ କ୍ୟାମେରା ପିନ୍ଧିଥିଲେ। ସେମାନେ ସମ୍ପୂର୍ଣ୍ଣ ଆକ୍ରମଣକୁ ରେକର୍ଡ କରିଥିଲେ।



# ଦିନିକିଆ ବିଶ୍ୱକପ-୨୦୨୭ ଖେଳିବେନି ରୋହିତ-ବିରାଟ



**ନୂଆଦିଲ୍ଲୀ, ୧୩।୫:** ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ, ରୋହିତ ଶର୍ମା ଏବଂ ବିରାଟ କୋହଲି ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପରେ ଖେଳିପାରିବେ ନାହିଁ। ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ଏହା କହିଛନ୍ତି। ଗାଭାସ୍କର କହିଛନ୍ତି ଯେ, ଟି-୨୦ ଆନ୍ତର୍ଜାତୀୟ ଏବଂ ଏବେ ଟେଷ୍ଟ କ୍ରିକେଟରୁ ଅବସର ପରେ, ଦୁହିଁଙ୍କର ଦିନିକିଆ ବିଶ୍ୱକପରେ ଖେଳିବାର ସମ୍ଭାବନା ବହୁତ କମ ହୋଇଯାଇଛି। ଏକ ସାକ୍ଷାତକାରରେ ଏନେଇ ପ୍ରଶ୍ନ କରାଯିବାରୁ ସେ କହିଥିଲେ ଯେ, "ମୋତେ ଲାଗୁନାହିଁ ଦୁହେଁ ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପରେ ଖେଳିବେ। ସେପର୍ଯ୍ୟନ୍ତ ଦୁହେଁ ଖେଳୁଥିବେ ବୋଲି ମୋତେ ଲାଗୁନାହିଁ। କିନ୍ତୁ କିଏ ଜାଣିଲା, ଦୁହେଁ ଭଲ ଫର୍ମକୁ ଆସି ଶତକ ପରେ ଶତକ ମାରିଲେ ଭଗବାନ ବି ତାଙ୍କୁ ଖେଳିବାକୁ ରୋକିପାରିବେ ନାହିଁ।" ତେବେ ସୋମବାର ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ ଭାରତର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି।ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ସେ ଲେଖିଛନ୍ତି, "ଟେଷ୍ଟ କ୍ରିକେଟରେ ପ୍ରଥମ ଥର ପାଇଁ 'ବ୍ୟାଗି ବ୍ଲୁ' ଜର୍ସି ପିନ୍ଧିବାର ୧୪ ବର୍ଷ ବିତିଗଲାଣି। ସତ କହିବାକୁ ଗଲେ, ଏହି ଫର୍ମାଟ୍ ମୋତେ କେତେ ଦୂର ନେଇଯିବ ତାହା ମୁଁ କେବେ କଳ୍ପନା କରି ନଥିଲି। ଟେଷ୍ଟ କ୍ରିକେଟ ମୋର ଅନେକ ପରୀକ୍ଷା କରିଥିଲା, ମୋତେ ତିଆରି କରିଥିଲା ଏବଂ ମୋତେ ଏପରି ଶିକ୍ଷା ଦେଇଥିଲା ଯାହାକୁ ମୁଁ ଜୀବନସାରା ମୋ ସହିତ ରଖି ଆଗକୁ ବଢ଼ିବି। ଧଳା ପୋଷାକ ପିନ୍ଧି ଖେଳିବାର ଅନୁଭବ ଅତ୍ୟନ୍ତ ବ୍ୟକ୍ତିଗତ। କଠିନ ପରିଶ୍ରମ, ଲମ୍ବା ଦିନ, ଛୋଟ ମୁହୂର୍ତ୍ତ ଯାହା କେହି ଦେଖନ୍ତି ନାହିଁ କିନ୍ତୁ ସବୁଦିନ ପାଇଁ ଆପଣଙ୍କ ସହିତ ରହିଥାଏ। ଏହି ଫର୍ମାଟରୁ ଦୂରେଇ ଯିବା ମୋ ପାଇଁ ସହଜ ନୁହେଁ। କିନ୍ତୁ ଏବେ ପାଇଁ ଏହା କରିବା ହିଁ ଠିକ୍। ମୁଁ ଏହାକୁ ମୋର ସର୍ବସ୍ୱ ଦେଇଛି ଏବଂ ଏହା ମୋତେ ଆଶାଠାରୁ ଅଧିକ ଦେଇଛି।"

# ଭାରତୀୟ ମହିଳା ହକି ଦଳରେ ଜ୍ୟୋତି, ସୁଜାତା ଓ ସୁନେଲିତା



ଭୁବନେଶ୍ୱର, ୧୩।୫: ହକି ଇଣ୍ଡିଆ ସୋମବାର ଏଫ୍ଆଇଏଚ୍ ପ୍ରୋ ଲିଗ୍ର ୟୁରୋପୀୟ ଚରଣ ଲାଗି ୨୪ ଜଣିଆ ମହିଳା ଦଳ ଘୋଷଣା କରିଛି। ଏହି ଦଳରେ ଓଡ଼ିଶାରୁ ୩ ଖେଳାଳି ଜ୍ୟୋତି ଛତ୍ରୀ, ସୁଜାତା କୁଜୁର ଓ ସୁନେଲିତା ଟୋପ୍ପୋ ରହିଛନ୍ତି। ଆଉ ଜଣେ ଓଡ଼ିଆ ଖେଳାଳି ଅଜ୍ମିନା କୁଜୁର ଷ୍ଟାଣ୍ଡବାଇ ଭାବେ ଦଳରେ ସ୍ଥାନ ମିଳିଛି। ସଲିମା ଟେଟେଙ୍କୁ ନେତୃତ୍ୱ ଭାର ମିଳିଥିଲା ବେଳେ ନଭନୀତ କୌର ଉପଅଧିନାୟିକା ରହିଛନ୍ତି। ଭାରତ ଏହି ୟୁରୋପୀୟ ଚରଣରେ ଲଣ୍ଡନ, ଅନ୍ତର୍ପ ଓ ବର୍ଲିନ୍ରେ ୧୪ରୁ ୨୯ ତାରିଖ ପର୍ଯ୍ୟନ୍ତ ୪ ଦଳ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ବେଲ୍ଜିୟମ୍ ଓ ଚୀନ୍ ବିପକ୍ଷରେ ୨ଟି ଲେଖାଏଁ ମ୍ୟାଚ୍ ଖେଳିବ। ଭାରତ ୧୪ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଏହି ଲେଗ୍ରେ ଅଭିଯାନ ଆରମ୍ଭ କରିବ। ଭୁବନେଶ୍ୱର ଚରଣରେ ଭାରତ ୨ ବିଜୟ ଓ ୨ ଡ୍ର'ରୁ ୯ ପଏଣ୍ଟ ପାଇଁ ସଂପ୍ରତି ଟେବୁଲରେ ଷଷ୍ଠ ସ୍ଥାନରେ ରହିଛି। କଳିଙ୍ଗ ଷ୍ଟାଡିୟମ୍ରେ ଭାରତ ୩-୨ରେ ଇଂଲଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିଲା ବେଳେ ପାଲଟା ମ୍ୟାଚ୍କୁ ଡ୍ର' ରଖିଥିଲା। କିନ୍ତୁ ଲଗାତାର ୩ ମ୍ୟାଚ୍ ସ୍ପେନ୍ଠୁ ୨ଟି ଓ ଜର୍ମାନୀଠୁ ଥରେ ହାରିଥିଲା। ଏହାପରେ ପ୍ରତ୍ୟାବର୍ତ୍ତନ କରି ଜର୍ମାନୀକୁ ୧-୦ରେ ମାତ୍ ଦେଇଥିଲା। ଘରୋଇ ଲେଗ୍ର ଶେଷ ଲଢ଼େଇରେ ଭାରତ ବିଶ୍ୱର ୧ ନମ୍ବର ନେଦରଲାଣ୍ଡ୍ସ ବିପକ୍ଷ ପ୍ରଥମ ମ୍ୟାଚ୍ ୨-୪ରେ ହାରିଥିଲା ଏବଂ ଦ୍ୱିତୀୟକୁ ୨-୨ରେ ଡ୍ର' ରଖି ବୋନସ ପଏଣ୍ଟ୍ କରାୟତ୍ତ କରିଥିଲା।

**ଭାରତୀୟ ଦଳ: ଗୋଲି**-ସବିତା, ବିଚୁ ଦେବୀ ଖାରିବାମ, **ଡିଫେଣ୍ଡର**-ସୁଶୀଳା ଚାନୁ ପୁଖରାମବାମ, ଜ୍ୟୋତି, ସୁମନ ଦେବୀ ଥୌଡ଼ମ, ଜ୍ୟୋତି ସିଂହ, ଇଶିକା ଚୌଧୁରୀ, ଜ୍ୟୋତି ଛତ୍ରୀ, **ମିଡ୍ଫିଲ୍ଡର**-ସଲିମା ଟେଟେ, ଲାଲରେମସିଆମି, ଶର୍ମିଳା ଦେବୀ, ସୁନେଲିତା ଟୋପ୍ପୋ, ମହିମା ଟେଟେ, **ଫରୱାର୍ଡ**-ଦୀପିକା, ନଭନୀତ କୌର, ଦୀପିକା ସୋରେଙ୍ଗ, ବଳଜିତ କୌର, ଋତଜା ଦାଦାସୋ ପିସାଲ, ବିଉଟି ଡୁଙ୍ଗଡୁଙ୍ଗ, ସାକ୍ଷୀ ରାଣା।

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା

# ଟିକି ମୋହିନୀଙ୍କୁ ରୌପ୍ୟ



**ଭୁବନେଶ୍ୱର, ୧୩।୫:** ବିହାରରେ ଚାଲିଥିବା ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ସୋମବାର ଓଡ଼ିଶାକୁ ଭାରୋତ୍ତୋଳନରୁ ଆଉ ଗୋଟିଏ ରୌପ୍ୟ ପଦକ ମିଳିଛି। ଏହି ପଦକଟି ଟିକି ମୋହିନୀ ମଲ୍ଲିକ ଜିତିଛନ୍ତି। ୬୪ କେଜି ବାଳିକାରେ ସେ ୭୪ କେଜି ସ୍ନାଚ୍ ଏବଂ ୯୮ କେଜି କ୍ଲିନ୍ ଓ ଜର୍କ ସହ ମୋଟ ୧୭୨ କେଜି ଭାର ଉଠାଇ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପାଇଥିଲେ। ଆନ୍ଧ୍ରପ୍ରଦେଶର ଗୁଜଲା ବର୍ଷିତା (୭୯ କେଜି ସ୍ନାଚ୍ ଏବଂ ୯୫ କେଜି କ୍ଲିନ୍ ଓ ଜର୍କ) ମୋଟ୍ ୧୭୪ କେଜି ଉଠାଇ ସ୍ୱର୍ଣ୍ଣ ଏବଂ ଆସାମର ଶତାବ୍ଦୀ ଭୂୟାଁ (୭୩ କେଜି ସ୍ନାଚ୍ ଏବଂ ୯୫ କେଜି କ୍ଲିନ୍ ଓ ଜର୍କ) ମୋଟ ୧୭୧ କେଜି ଉଠାଇ କାଂସ୍ୟ ପାଇଥିଲେ। ଟିକି ମୋହିନୀଙ୍କ ଏହି ରୌପ୍ୟ ସହ ଭାରୋତ୍ତୋଳନରୁ ଓଡ଼ିଶାକୁ ୪ (୨ ସ୍ୱର୍ଣ୍ଣ, ୨ ରୌପ୍ୟ) ପଦକ ଆସିଛି। ସେହିପରି ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୮ (୩ ସ୍ୱର୍ଣ୍ଣ, ୫ ରୌପ୍ୟ)ରେ ପହଞ୍ଚିଛି। ଖୋ ଖୋରେ ଓଡ଼ିଶା ବାଳିକା ସ୍ୱର୍ଣ୍ଣ ଜିତିଥିଲା ବାଳକ ଦଳ ରୌପ୍ୟ ପାଇଥିଲା। ରଗ୍ବିରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ।

**ଫୁଟ୍ବଲ୍ ଓ ହକି ଫାଇନାଲ୍ରେ ଓଡ଼ିଶା**

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଓଡ଼ିଶା ବାଳକ ଫୁଟ୍ବଲ୍ ଏବଂ ବାଳିକା ହକି ଦଳ ଫାଇନାଲ୍ରେ ପହଞ୍ଚି ପଦକ ନିଶ୍ଚିତ କରିଛି। ସୋମବାର ଫୁଟ୍ବଲ୍ରେ ଓଡ଼ିଶା ୫-୧ ଗୋଲ୍ରେ ମିଜୋରାମକୁ ହରାଇ ଏହି ସ୍ଥାନ ପକ୍କା କରିଥିଲା। ଓଡ଼ିଶା ପକ୍ଷରୁ ଭେଙ୍କଟେଶ୍ୱର ଓରାମ (୫୯, ୮୨ ମିନିଟ୍) ଦୁଇଟି ଏବଂ ରୋନିକ ମାଝୀ (୨୭ ମିନିଟ୍), ଅବିନାଶ କିଶାନ (୩୩ ମିନିଟ୍), ସାଙ୍କୋଶେଖର ହେମ୍ବ୍ରମ (୪୩ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଓଡ଼ିଶା ସ୍ୱର୍ଣ୍ଣ ପଦକ ଲଢ଼େଇରେ ଝାଡ଼ଖଣ୍ଡକୁ ଭେଟିବ। ଝାଡ଼ଖଣ୍ଡ ୨-୧ ଗୋଲ୍ରେ ମେଘାଳୟକୁ ପରାସ୍ତ କରିଛି। ବାଳିକା ହକି ସେମିଫାଇନାଲ୍ରେ ଓଡ଼ିଶା ୨-୧ ଗୋଲ୍ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଚଞ୍ଚଳ ଯାଦବ (୭ ମିନିଟ୍) ଓ ରିତିକା ଆହିରବାର (୨୪ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ମଧ୍ୟପ୍ରଦେଶର ସଂଜନା କିରୋ (୩୬ ମିନିଟ୍) ଗୋଟିଏ ଗୋଲ୍ ଶୁଝିଥିଲେ। ଓଡ଼ିଶା ମଙ୍ଗଳବାର ଫାଇନାଲ୍ରେ ଝାଡ଼ଖଣ୍ଡକୁ ଭେଟିବ। ଝାଡ଼ଖଣ୍ଡ ୩-୦ ଗୋଲ୍ରେ ହରିୟାଣାକୁ ପରାସ୍ତ କରିଥିଲା। ବାଳକ ଦଳ ସେମିଫାଇନାଲ୍ରେ ୨-୩ ଗୋଲ୍ରେ ଉତ୍ତରପ୍ରଦେଶଠୁ ହାରି ଫାଇନାଲ୍ରୁ ବଞ୍ଚିତ ହୋଇଛି। ଏବେ ମଙ୍ଗଳବାର ଓଡ଼ିଶା କାଂସ୍ୟ ପାଇଁ ପଞ୍ଜାବକୁ ଭେଟିବ।

- ପଞ୍ଜାବ ମାଲିକାଣୀଙ୍କୁ ବିସିସିଆଇର ଝଟ୍କା

# ପୁନର୍ବାର ଖେଳାଯିବ ପଞ୍ଜାବ,ଦିଲ୍ଲୀ ମ୍ୟାଚ୍



ନୂଆଦିଲ୍ଲୀ,୧୩।୫: ଆଇପିଏଲ୍ ସ୍ଥଗିତ ହେବା ପୂର୍ବରୁ, ଧର୍ମଶାଳାରେ ଖେଳାଯାଉଥିବା ପଞ୍ଜାବ କିଙ୍ଗସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ ବନ୍ଦ କରିଦିଆଯାଇଥିଲା। ଏହି ମ୍ୟାଚ୍ରେ ପଞ୍ଜାବ କିଙ୍ଗ୍ସ ପ୍ରଥମେ ବ୍ୟାଟିଂ କରୁଥିଲା ଏବଂ ଯେତେବେଳେ ମ୍ୟାଚ ବନ୍ଦ ହୋଇଥିଲା, ସେମାନଙ୍କର ସ୍କୋର ୧୦.୧ ଓଭରରେ ୧୨୨ ରନ ଥିଲା। ଯଦି ପଞ୍ଜାବ ଏହି ମ୍ୟାଚ ଜିତିଥାନ୍ତା, ତେବେ ଏହା ପ୍ଲେଅଫରେ ନିଜର ସ୍ଥାନ ସୁରକ୍ଷିତ କରିବାରେ ପ୍ରଥମ ଦଳ ହୋଇଥାନ୍ତା। ଏବେ ଯେତେବେଳେ ବିସିସିଆଇ ନୂତନ କାର୍ଯ୍ୟସୂଚୀ ଘୋଷଣା କରିଛି, ଶ୍ରେୟସ ଆୟର ଏବଂ ଦଳକୁ ଏକ ବଡ଼ ଝଟକା ଲାଗିଛି। ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ପଞ୍ଜାବ କିଙ୍ଗ୍ସ ଚଳିତ ବର୍ଷ ଚମତ୍କାର ପ୍ରଦର୍ଶନ କରୁଛି। ଦଳ ୧୧ଟି ମ୍ୟାଚ ଖେଳିଛି, ଏଥିରୁ ୭ଟିରେ ବିଜୟୀ ହୋଇଛି ଏବଂ ୩ଟିରେ ପରାସ୍ତ ହୋଇଛି, ଗୋଟିଏ ମ୍ୟାଚ ଫଳାଫଳ ଆସିନାହିଁ। ପଞ୍ଜାବ ୧୫ ପଏଣ୍ଟ ସହିତ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ଅଛି। ଅକ୍ଷର ପଟେଲଙ୍କ ଅଧିନାୟକତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ମଧ ପ୍ଲେଅଫ ଦୌଡ଼ରେ ରହିଛି। ପ୍ରଶଂସକଙ୍କ ମନରେ ପ୍ରଶ୍ନ ଥିଲା ଯେ, ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ ଯେଉଁଠାରୁ ବନ୍ଦ ହୋଇଥିଲା ସେହିଠାରୁ ଆରମ୍ଭ ହେବ ନା ଏହାକୁ ପୁଣି ଥରେ ଆରମ୍ଭ କରାଯିବ। ବିସିସିଆଇ ନୂତନ କାର୍ଯ୍ୟସୂଚୀ ଘୋଷଣା କରିଛି, ଏହି ମ୍ୟାଚ ମଧ ଏଥିରେ ସାମିଲ ଅଛି। ଏହି ମ୍ୟାଚ ପ୍ରଥମ ବଲରୁ ଆରମ୍ଭ ହେବ, ଅର୍ଥାତ୍ ଏହା ପୁଣି ଥରେ ଖେଳାଯିବ। ଆଇପିଏଲ୍ର ବାକି ମ୍ୟାଚ ମେ ୧୭ରୁ ଆରମ୍ଭ ହେଉଛି। ପ୍ରଥମ ମ୍ୟାଚ ଆରସିବି ବନାମ କେକେଆର ହେବ। ଏହା ବେଙ୍ଗାଲୁରୁରେ ଖେଳାଯିବ। ଲିଗ ପର୍ଯ୍ୟାୟର ୧୩ଟି ମ୍ୟାଚ ୬ଟି ସ୍ଥାନରେ ଅନୁଷ୍ଠିତ ହେବ ଏବଂ ଏଥିରେ ୨ଟି ଡବଲ ହେଡର ରହିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶତ୍ରୁଙ୍କ ଦୁଃସାହସକୁ...

ଛଡ଼ାଇ ନିଆଯାଇଥିଲା, ଆମେ ଆତଙ୍କବାଦୀଙ୍କ ଘରେ ପଶି ସେମାନଙ୍କୁ ଧ୍ୱଂସ କରିଦେଲୁ । ସେମାନେ କାପୁରୁଷ ପରି ଲୁଚି ରହିଥିଲେ କିନ୍ତୁ ସେମାନେ ସେହି ଦିନକୁ ଭୁଲିଗଲେ ଯେତେବେଳେ ସେମାନେ ଭାରତୀୟ ସେନାକୁ ଚ୍ୟାଲେଞ୍ଜ କରିଥିଲେ। ସେମାନଙ୍କୁ ସାମ୍ନାରୁ ଆକ୍ରମଣ କରି ହତ୍ୟା କରାଯାଇଛି । ତୁମେ ଆତଙ୍କବାଦର ସମସ୍ତ ପ୍ରମୁଖ ଘାଟିକୁ ଧ୍ୱଂସ କରିଦେଲ। ୯ଟି ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରାଯାଇଥିଲା। ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ । ଆତଙ୍କର ମାଲିକମାନେ ଏବେ ବୁଝିପାରିଲେଣି। ଯଦି ଭାରତ ଆଖି ଉଠାଇବ, ତେବେ କେବଳ ଗୋଟିଏ ପରିଣାମ ହେବ ଏବଂ ତାହା ହେଉଛି ବିନାଶ । ସେ ଆହୁରି କହିଛନ୍ତି ଯେ ପାକିସ୍ତାନରେ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠି ଆତଙ୍କବାଦୀମାନେ ଶାନ୍ତିରେ ବସିପାରିବେ। ଆମେ ଘରେ ପଶି ହତ୍ୟା କରିବୁ। ଭାରତୀୟ ସେନା ପ୍ରତିଶୋଧ ନେବାର ସୁଯୋଗ ମଧ୍ୟ ଦିଅନ୍ତି ନାହିଁ। ଆମର ଡ୍ରୋନ୍, କ୍ଷେପଣାସ୍ତ୍ର ବିଷୟରେ ଭାବି ପାକିସ୍ତାନ ବହୁତ ଦିନ ପର୍ଯ୍ୟନ୍ତ ଶୋଇପାରିବ ନାହିଁ। ଆପଣ 'ଅପରେସନ ସିନ୍ଦୂର' ମାଧ୍ୟମରେ ଦେଶର ମନୋବଳ ବୃଦ୍ଧି କରିଛନ୍ତି। ଦେଶ ଏକତାର ସୂତ୍ରରେ ବାନ୍ଧି ହୋଇଛି। ତୁମେ ଭାରତର ସୀମାକୁ ସୁରକ୍ଷିତ ରଖିଛ। ଏହା ଭାରତର ସ୍ୱାଭିମାନକୁ ନୂତନ ଶିଖର ଦେଇଛି ବୋଲି ସେନାଙ୍କୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏଥିସହ ପାକିସ୍ତାନକୁ ଚେତାବନୀ ଦେଇ ମୋଦି କହିଛନ୍ତି ଯେ ଆତଙ୍କବାଦ ବିରୋଧରେ ଭାରତର ଲକ୍ଷ୍ମଣ ରେଖା ଏବେ ବେଶ୍ ସ୍ପଷ୍ଟ। ଏବେ ଯଦି ଆଉ ଏକ ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ଭାରତ ତା'ର ଦୃଢ଼ ଜବାବ ଦେବ। ଆମେ ସର୍ଜିକାଲ୍ ଷ୍ଟ୍ରାଇକ୍ ଓ ଏୟାର ଷ୍ଟ୍ରାଇକ୍ ସମୟରେ ଏହା ଦେଖିଛୁ। ଏବେ 'ଅପରେସନ ସିନ୍ଦୂର' ଭାରତର ନୂତନ ସ୍ୱାଭାବିକତା। ଭାରତ ଏବେ ୩ଟି ନୀତି ଉପରେ ନିଷ୍ପତ୍ତି ନେଇଛି। ପ୍ରଥମତଃ, ଯଦି ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ଆମେ ଆମ ନିଜସ୍ୱ ଉପାୟରେ, ନିଜସ୍ୱ ସର୍ତ୍ତରେ ଓ ନିଜସ୍ୱ ସମୟରେ ଜବାବ ଦେବୁ। ଦ୍ୱିତୀୟତଃ, ଭାରତ କୌଣସି ପରମାଣୁ ବ୍ଲାକମେଲ୍କୁ କଦାପି ସହ୍ୟ କରିବ ନାହିଁ। ତୃତୀୟତଃ, ଆମେ ଆତଙ୍କବାଦୀ-ପୃଷ୍ଠପୋଷକ ସରକାର ଓ ଏହାର ଆକ୍କାଙ୍କୁ ପୃଥକ ଭାବେ ଦେଖିବୁ ନାହିଁ। ବିଶ୍ୱ ମଧ୍ୟ ଭାରତର ଏହି ନୂତନ ରୂପ, ଏହି ନୂତନ ବ୍ୟବସ୍ଥାକୁ ବୁଝି ଆଗକୁ ବଢୁଛି।

ଯଦି ପାକିସ୍ତାନ ପୁଣିଥରେ ଆତଙ୍କବାଦୀ କାର୍ଯ୍ୟକଳାପ କିମ୍ବା ସାମରିକ ଦୁଃସାହସିକତା ଦେଖାଏ, ତା'ହେଲେ ଆମେ ତା'ର ଉଚିତ ଜବାବ ଦେବୁ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ଭାରତ ଏହାର ଉତ୍ତର ନିଜ ସର୍ତ୍ତରେ ଆଉ ନିଜ ଢଙ୍ଗରେ ହିଁ ଦେବ। ଆମକୁ ଶତ୍ରୁକୁ ବାରମ୍ବାର ମନେ ପକାଇବାକୁ ପଡ଼ିବ ଯେ ଏହା ଏକ ନୂତନ ଭାରତ। ଏହି ଭାରତ ଶାନ୍ତି ଚାହୁଁଛି। କିନ୍ତୁ ଯଦି ମାନବତା ଉପରେ ଆକ୍ରମଣ ହୁଏ, ତେବେ ଏହି ଭାରତ ଯୁଦ୍ଧ କ୍ଷେତ୍ରରେ ଶତ୍ରୁକୁ କିପରି ଚୂନା କରାଯିବ, ତାହା ବି ଭଲ ଭାବେ ଜାଣେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଆକ୍ରମଣରେ ପାକ୍...

ପାକିସ୍ତାନ। ଭାରତର ଆକ୍ରମଣରେ ୧୧ ପାକିସ୍ତାନୀ ସେନା ମରିଥିବା ବେଳେ ୭୮ ପାଖାପାଖି ଗୁରୁତର ଅଛନ୍ତି। ଆଉ ଏୟାର ବେସ୍ ମଧ୍ୟ ଧ୍ୱଂସ୍ ହୋଇଛି ବୋଲି କହିଛି ପାକିସ୍ତାନ। ଏହି ଯବାନମାନଙ୍କ ମଧ୍ୟରୁ ୫ ଜଣ ବାୟୁସେନାର ବୋଲି ପାକିସ୍ତାନ ତରଫରୁ କୁହାଯାଇଛି। ଏଥିସହ ଗତ ୬ ଓ ୭ ଭାରତ ଆକ୍ରମଣରେ ୪୦ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨୧ ଜଣ ଆହତ ହୋଇଥିବା କଥା ପାକିସ୍ତାନ ସେନାବାହିନୀ ପକ୍ଷରୁ କୁହାଯାଇଛି। ଏହି ଅବସରରେ ପାକିସ୍ତାନୀ ସେନା ପକ୍ଷରୁ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଦେଶର ସାର୍ବଭୌମତ୍ୱ ରକ୍ଷା ପାଇଁ ଶତ୍ରୁର ଯେକୌଣସି ଆକ୍ରମଣକୁ ପ୍ରତିହତ କରିବାର କ୍ଷମତା ଆମର ରହିଛି ବୋଲି ପାକିସ୍ତାନୀ ସେନା ପକ୍ଷରୁ କୁହାଯାଇଛି।

ଏପ୍ରିଲ ୨୨ ତାରିଖରେ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ନିରୀହ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା। ଏହାର ଜବାବରେ ଭାରତୀୟ ସେନା ମେ' ୬ ଓ ୭ ତାରିଖ ଦୁଇଦିନ ଧରି ପାକିସ୍ତାନ ଉପରେ ଜୋରଦାର ଆକ୍ରମଣ କରିଥିଲା। ଭାରତୀୟ ସେନା ପାକିସ୍ତାନ ଭିତରେ ପଶି ୯ଟି ଆତଙ୍କବାଦୀ ଠିକଣାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲା। ଏଥିରେ ୧୦୦ ରୁ ଅଧିକ ଆତଙ୍କବାଦୀଙ୍କର ମୃତ୍ୟୁ ହୋଇଥିଲା। ସେପଟେ ଭାରତ ଆକ୍ରମଣର ପ୍ରତିଜବାବରେ ପାକିସ୍ତାନ ମଧ୍ୟ ଡ୍ରୋନ ସହାୟତାରେ ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ହେଲେ ଭାରତର ଡିଫେନ୍ସ ସିଷ୍ଟମ ଏସ-୪୦୦ ସେହି ଡ୍ରୋନଗୁଡ଼ିକୁ ଆକାଶରେ ନଷ୍ଟ କରିଦେଇଥିଲା। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ୧୧ ଟି ଏୟାରବେସ୍ ମଧ୍ୟ ମାଟିରେ ମିଶିଯାଇଛି।

### ବର୍ଷପୂର୍ତ୍ତି ଅବଗଣନା...

କରିଛନ୍ତି, କାହାକୁ ଆଦୌ ପାଳନ କରିନାହାନ୍ତି, ତା'ର ତାଲିକା ମଧ୍ୟ ବିରୋଧୀଦଳ ପ୍ରସ୍ତୁତି ଚଳାଇଛନ୍ତି। ତେବେ ମୁଖ୍ୟ ବିରୋଧୀ ଦଳରେ ଲାଗି ରହିଥିବା ଆନ୍ତଃକନ୍ଦଳ ଏ କ୍ଷେତ୍ରରେ ବାଧକ ସାଜିଥିବା ଲକ୍ଷ୍ୟ କରାଯାଉଛି।

ଅନ୍ୟତମ ବିରୋଧୀଦଳ କଂଗ୍ରେସ ନିଜ ଘରସଜଡ଼ାରେ ବ୍ୟସ୍ତ ଥିବାରୁ ସରକାରୀ ଦଳର ବିଫଳତା ଖୋଜିବାକୁ ସମୟ ପାଉନାହିଁ। ତେବେ 'ଅପରେସନ ସିନ୍ଦୂର' ପରେ ଜାତୀୟ ସ୍ତରରେ କଂଗ୍ରେସ ସକ୍ରିୟ ହୋଇ ଉଠିଥିବାରୁ ଏହି ପ୍ରସଙ୍ଗକୁ ଆଳ କରି ରାଜ୍ୟରେ ସରକାରଙ୍କୁ ଘେରିବା ପାଇଁ ଦଳ ଯୋଜନା କରୁଛି। ତେବେ ଦଳର ରାଜ୍ୟ ସଭାପତି ନିଯୁକ୍ତି ପରେ ଅନ୍ୟ ଶାଖାଗୁଡ଼ିକ ଗଠନ ହୋଇପାରୁନଥିବାରୁ ଓ ଦଳର ପ୍ରଥମ ସରକାରୀ ବିରୋଧୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅନେକ ଯୁବନେତା ଆଇନ ଜାଲରେ ଛନ୍ଦି ହୋଇ ପଡ଼ିଥିବାରୁ ଦଳ ଆଗକୁ ବଢ଼ିବାକୁ ବଳ ପାଉନାହିଁ।

ତେବେ ସରକାରଙ୍କ ବର୍ଷପୂର୍ତ୍ତି ପାଳନକୁ ଚାହିଁ ରହିଥିବା ଓଡ଼ିଶାବାସୀ ଏବେ ତିନି ଦଳ ଉପରେ ନଜର ରଖିଛନ୍ତି। କାରଣ ଦୀର୍ଘଦିନ ପରେ ରାଜ୍ୟରେ ସରକାର ବଦଳିଥିବା ବେଳେ ସଶକ୍ତ ବିରୋଧୀଦଳ ରହିଛି। ତେଣୁ କିଏ ନିଜର ସଫଳତାକୁ କିଭଳି ବଖାଣୁଛି ଓ କିଏ ସଫଳତା ପଛର ବିଫଳତାକୁ କେତେ ଖୋଜି ବାହାର କରୁଛି, ତାହା ବର୍ଷପୂର୍ତ୍ତି ସମୟରେ ରାଜ୍ୟ ରାଜନୀତିରେ ରୋଚକ ସ୍ଥିତି ସୃଷ୍ଟି କରିବ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି।

### ବଦଳି ପାଇଁ ନେତା...

ପ୍ରଭାବିତ କରୁନଥିବା ଆବଶ୍ୟକ। ଏଥିରେ ଯେଉଁ ଶିକ୍ଷକଙ୍କ ବଦଳି ଅତ୍ୟନ୍ତ ଜରୁରୀ ଥିବ, ତାକୁ ବିଧାୟକ ଓ ସାଂସଦମାନେ ପ୍ରାଥମିକତା ଦେବା ଉଚିତ। ଗ୍ରାମାଞ୍ଚଳକୁ କୌଣସି ଶିକ୍ଷକଙ୍କୁ ସହରାଞ୍ଚଳକୁ ବଦଳି କରିବାକୁ ରାଜନେତାମାନେ ସୁପାରିସ୍ କରିବେ ନାହିଁ।

ବିଧାୟକମାନେ ବଦଳି ପାଇଁ ଜିଲ୍ଲାପାଳଙ୍କ ଜରିଆରେ ଯେଉଁ ସୁପାରିସ୍ କରିବେ, ତାକୁ ଜିଲ୍ଲାସ୍ତରୀୟ ବଦଳି କମିଟି ତର୍ଜମା କରିବ। ଲୋକସଭା ସାଂସଦଙ୍କ କ୍ଷେତ୍ରରେ ଏକାଧିକ ଜିଲ୍ଲା ଆସୁଥିବାରୁ ସେମାନେ ସମ୍ପୃକ୍ତ ସଂସଦୀୟ କ୍ଷେତ୍ରର ରିଟର୍ଣ୍ଣିଂ ଅଫିସରଙ୍କ ଜରିଆରେ ସୁପାରିସ୍ କରିବେ। ତେବେ ରାଜ୍ୟସଭା ସାଂସଦମାନେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଜରିଆରେ ନିଜର ସୁପାରିସ୍ପତ୍ର ପଠାଇବେ। ମେ' ୧୫ ତାରିଖରୁ ଜୁନ ୧୫ ତାରିଖ ମଧ୍ୟରେ ସବୁ ସୁପାରିସ୍ପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ନିର୍ଦ୍ଦେଶ କେବଳ ଚଳିତ ଶିକ୍ଷା ଋତୁ ପାଇଁ ଉଦ୍ଦିଷ୍ଟ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ମୟୂରଭଞ୍ଜକୁ...

ସୁବିଧା, ସ୍ୱାସ୍ଥ୍ୟକେନ୍ଦ୍ର, ସଡ଼କ ନିର୍ମାଣ ପ୍ରକଳ୍ପ, ଆଦିବାସୀ ସଂସ୍କୃତି ଭବନ ଓ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ସାମିଲ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ୧୧ ମାସରେ ଆମେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସକ୍ଷମ ହୋଇଛୁ। ସ୍ୱଳ୍ପ ସମୟ ମଧ୍ୟରେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ହେଉ କିମ୍ବା ମା'ମାନଙ୍କ ପାଇଁ ସୁଭଦ୍ରା ହେଉ, କି ଚାଷୀଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ହେଉ, ସବୁ ପ୍ରସଙ୍ଗରେ ମାତ୍ର ୨୪ ମିନିଟରେ ନିର୍ଣ୍ଣୟ ନେଇଥିଲୁ। ଯାହା ଗତ ୨୪ ବର୍ଷରେ ହୋଇ ପାରି ନଥିଲା। ସୁଭଦ୍ରା ଓ ଚାଷୀଙ୍କ ପାଇଁ ସହାୟତା ଆଜି ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜବୁତ୍ କରିଛି। ଆହୁରି ମଧ୍ୟ ଚାଷୀଙ୍କ ପାଇଁ ଆମେ ସିଏମ୍ କିଷାନ ଯୋଜନା ଆରମ୍ଭ କରିଛୁ। ସୁଭଦ୍ରା ଯୋଜନାରେ ଆଜି ରାଜ୍ୟର କୋଟିଏରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହୋଇଛନ୍ତି। ରାଜ୍ୟରେ ଆଜି ୧୭ ଲକ୍ଷ ମହିଳା ଆଜି ଲକ୍ଷପତି ଦିଦି ହୋଇଛନ୍ତି।

ଆଜି କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ। ସରକାର ରାଜ୍ୟର ପ୍ରତି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ ରଖିଛନ୍ତି। ଉତ୍କର୍ଷ ଓଡ଼ିଶାର ଅପାର ସଫଳତା ଆମ ପାଇଁ ଏହି ନୂଆ ସୁଯୋଗ ଆଣିଛି। ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ। ଜିଲ୍ଲାରେ ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବ। ଏହି ଶିଳ୍ପାୟନ ଜିଲ୍ଲାର ବିକାଶକୁ ଦ୍ୱିଗୁଣିତ କରିବା ସହ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ଆମ ସରକାର ଲୋକଙ୍କ ସରକାର। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ। ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ସରକାର ଓ ଜନପ୍ରତିନିଧିମାନେ ଶୁଣୁନଥିଲେ। ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ସେଥିପାଇଁ ନିର୍ବାଚିତ ଲୋକପ୍ରତିନିଧିମାନେ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣିବା ସହ ସମାଧାନ ବ୍ୟବସ୍ଥା କରୁଛନ୍ତି। ରାଜ୍ୟ ଗ୍ରାମାଞ୍ଚଳର ମହିଳା ଆଜି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ଓ ସ୍ୱାବଲମ୍ବୀ ହୋଇପାରିଛନ୍ତି। ରାଜ୍ୟର ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଏବେ ଏକ ଭଲ ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୩୬ ସୁଦ୍ଧା ଏହିସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ ଯାହାର ନାମ ରହିଛି '୩୬ ପାଇଁ ୩୬'। ରାଜ୍ୟବାସୀଙ୍କ ସହଯୋଗରେ ଆମେ ଗଢ଼ିବୁ ସମୃଦ୍ଧ ଓଡ଼ିଶା। ଏହା ହେବ ଆମ ସମସ୍ତଙ୍କ ସ୍ୱପ୍ନର ଓଡ଼ିଶା। ସମୃଦ୍ଧ ଓଡ଼ିଶାରେ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ରଖିଛୁ। ଏଥିସହ ସମାଜର ଶେଷଧାଡ଼ିରେ ରହୁଥିବା ଲୋକଙ୍କୁ ଯେପରି ସବୁପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ୍ୟ ଆମର ଉଦ୍ୟମ ରହିଛି। ସମସ୍ତଙ୍କୁ ବିଶୁଦ୍ଧ ପାଣି, ଉନ୍ନତ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ବିଜୁଳି, ଗମନାଗମନ ସୁବିଧା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ରାଶି, ଶ୍ରମିକଙ୍କ କନ୍ୟା ପାଇଁ ବିବାହ ପ୍ରୋତ୍ସାହନ ରାଶି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ମମତା ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସଞ୍ଜୀଳି ମୁର୍ମୁ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ଭାଦବ ହାଁସଦା ସ୍ୱାଗତ ଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଧନ୍ୟବାଦ ଦେଇଥିଲେ।

### ଶୁଭେଚ୍ଛା ଦେଲେ...

ଆଜିର ଦିନଟି ସ୍ମରଣୀୟ। ଉଲ୍ଲାସ, ପରିଶ୍ରମ, ସମର୍ପଣ ଓ ଧୈର୍ଯ୍ୟକୁ ଖୁସିରେ ପାଳନ କରିବାର ସମୟ ଇୟେ। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଛାତ୍ରୀମାନେ ଛାତ୍ରଙ୍କଠାରୁ ଅପେକ୍ଷାକୃତ ଭଲ ଫଳାଫଳ କରିଛନ୍ତି। ଏହା ଉଭା ହେଉଥିବା ନୂଆ ଭାରତର ଏକ ଶକ୍ତିଶାଳୀ ପ୍ରତିବିମ୍ବ, ଯେଉଁଥିରେ ଛାତ୍ରୀମାନଙ୍କର ଆଶା ସଫଳତାରେ ପରିଣତ ହେଉଛି। ସିବିଏସଇ ଦ୍ୱାଦଶରେ ପାସ ହାର ୮୮.୩୯ ପ୍ରତିଶତ ରହିଥିବା ବେଳେ ସିବିଏସଇ ଦଶମରେ ଏହା ୯୩.୬୬ ପ୍ରତିଶତ ରହିଛି। ଏହି ସଫଳତା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହା ଏକ ଶୁଭ ସଙ୍କେତ। ସମସ୍ତ ଛାତ୍ରଛାତ୍ରୀ ଆଗାମୀ ଦିନରେ ନିଜର କର୍ତ୍ତବ୍ୟ ପାଳନ କରିବାକୁ ପରାମର୍ଶ ଦେବା ସହ ଶ୍ରୀ ପ୍ରଧାନ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହାଛଡ଼ା ଶ୍ରୀ ପ୍ରଧାନ କହିଛନ୍ତି ଯେ ନୂଆ ଜାତୀୟ ଶିକ୍ଷା ନୀତି (ଏନ୍ଇପି)ର ପରାମର୍ଶ ଅନୁସାରେ ସିବିଏସଇ ବୋର୍ଡ ପରୀକ୍ଷାଗୁଡ଼ିକ ଆୟୋଜିତ ହେଉଛି। ଟେକ୍ନୋଲୋଜି ସୁବିଧା ଦ୍ୱାରା ଦକ୍ଷତା ଆଧାରିତ ମୂଲ୍ୟାଙ୍କନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

### ପୁଣି ଆଗରେ...

୬୩୬ ଛାତ୍ରଛାତ୍ରୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୁବନେଶ୍ୱର ରିଜିଅନରେ ଦଶମରେ ପାସ୍ ହାର ରହିଛି ୯୨.୬୪ ପ୍ରତିଶତ। ଝିଅଙ୍କ ପାସ୍ ହାର ୯୫ ପ୍ରତିଶତ ରହିଥିବା ବେଳେ ପୁଅଙ୍କ ପାସ୍ ହାର ରହିଛି ୯୨.୬୩ ପ୍ରତିଶତ। ଓଡ଼ିଶାରେ ପାସ ହାର ୭୮.୭୪ ପ୍ରତିଶତ ରହିଥିବା ଜଣାପଡ଼ିଛି। ଏହାଛଡ଼ା ଦ୍ୱାଦଶରେ ଭୁବନେଶ୍ୱର ଜୋନରେ ମୋଟ ୮୩.୬୪ ପ୍ରତିଶତ ପାସହାର ରହିଥିବା ବେଳେ ସେଥିମଧ୍ୟରୁ ୭୭.୦୫ ପ୍ରତିଶତ ଛାତ୍ରୀ ଏବଂ ୮୦.୭୭ ପ୍ରତିଶତ ଛାତ୍ର ପାସ କରିଛନ୍ତି। ଚଳିତ ବର୍ଷ ୪୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୩୨ ହଜାରରୁ ଅଧିକ ପାସ କରିଛନ୍ତି ।

ପ୍ରଥମେ ସିବିଏସଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏବେ ଦଶମ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ମୋଟ ପାସ୍ ହାର ୯୩.୬୬ ପ୍ରତିଶତ ରହିଛି। ଏଥର ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ୨.୩୭ ପ୍ରତିଶତ ଅଧିକ ରହିଛି। ସିବିଏସଇ ୱେବସାଇଟରେ ଏହି ପରୀକ୍ଷାଫଳ ଉପଲବ୍ଧ ହୋଇଛି। ଭୁବନେଶ୍ୱର ଜୋନରେ ପାସହାର୍ ୯୨.୬୪ ପ୍ରତିଶତ ରହିଛି। ଦଶମ ପରୀକ୍ଷାଫଳ ସଫଳତାରେ ତ୍ରିଭାନ୍ଦ୍ରମ ଆଗରେ ରହିଥିବା ବେଳେ ଏଠାରେ ପାସ ହାର ୯୯.୭୯ ପ୍ରତିଶତ ରହିଛି। ସେହିପରି ବିଜୟୱାଡାରେ ପାସ ହାର ୯୯.୭୯ ପ୍ରତିଶତ ଏବଂ ବେଙ୍ଗାଲୁରୁରେ ୯୮.୯୦ ପ୍ରତିଶତ ରହିଥିବା ଜଣାପଡ଼ିଛି। ଚଳିତ ବର୍ଷ ସିବିଏସଇ ଦଶମରେ ୨୩ ଲକ୍ଷ ୭୧ ହଜାର ୯୩୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

### ଗୁଳିର ଜବାବ...

ପାକିସ୍ତାନରୁ ଆସିଥିଲା ଫୋନ୍ କଲ୍। ସିନ୍ଧୁ ଚୁକ୍ତି ଏବେ ବି ରଦ୍ଦ ରହିବ। ହାରିକି ବି ସେଲିବ୍ରେସନ୍ ଡ୍ରାମା କରୁଛି ପାକିସ୍ତାନ। ଆମ ହମଲା ପରେ ବଦଳିଗଲା ପାକିସ୍ତାନର ସ୍ୱର। ପରମାଣୁ ଧମକ ଆଦୌ ସହିବନି ଭାରତ। ଅସ୍ତ୍ରବିରତି ପ୍ରସଙ୍ଗ ବେଳେ ବ୍ୟବସାୟ କଥା ଉଠିନି ବୋଲି ଜୟସ୍ୱାଲ୍ କହିଛନ୍ତି । ଜାମ୍ମୁ-କାଶ୍ମୀର କିମ୍ବା ପିଓକେ ପ୍ରସଙ୍ଗରେ କୌଣସି ତୃତୀୟ ପକ୍ଷକୁ ପ୍ରଶ୍ରୟ ଦେବନି ଭାରତ । ଜମ୍ମୁ-କାଶ୍ମୀର ସହିତ ଜଡ଼ିତ ଯେକୌଣସି ପ୍ରସଙ୍ଗ ଦ୍ୱିପାକ୍ଷିକ । ଆମର ଏକ ଦୀର୍ଘକାଳୀନ ଜାତୀୟ ନୀତି ଅଛି। ସେହି ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି କହିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର। ସେ କହିଛନ୍ତି ଯେ ଏବେ ଏହି ପ୍ରସଙ୍ଗରେ ଏକମାତ୍ର ବାକି ଥିବା ବିଷୟ ହେଉଛି ପାକିସ୍ତାନ ଦ୍ୱାରା ଅବୈଧ ଭାବେ ଅଧିକୃତ ଭାରତୀୟ ଅଞ୍ଚଳକୁ ମୁକ୍ତ କରିବା। ଅପରେସନ୍ ସିନ୍ଦୂର ଆରମ୍ଭ ହେବାଠୁ ଅସ୍ତ୍ରବିରତି ପର୍ଯ୍ୟନ୍ତ ଆମେରିକା ସହ ଟ୍ରେଡ୍ ବା ବାଣିଜ୍ୟ ବିଷୟରେ କୌଣସି ଆଲୋଚନା ହୋଇନି ବୋଲି ସେ ସ୍ପଷ୍ଟ କରିଛନ୍ତି ।

### ଗୋଟିଏ ଫଟୋରେ...

ଗୌରବର ସହ ମଥା ଟେକି ଛିଡା ହୋଇଥିଲା, ଭାରତର ଏସ ୪୦୦ ଏବଂ ମିଗ୍ ୨୯। ଯାହାକୁ ପାକିସ୍ତାନ ନଷ୍ଟ କରିଦେଇଥିବା ଦାବି କରୁଥିଲା। ଭାରତର ପଞ୍ଜାବର ଆଦମପୁର ଏୟାରବେସକୁ ଆକ୍ରମଣରେ ଧ୍ୱଂସ କରିଦେଇଛି ଏବଂ ଏଥିରେ ମଧ୍ୟ ପ୍ରବଳ କ୍ଷତି ପହଞ୍ଚାଇଛି। ହେଲେ ମଙ୍ଗଳବାର ସକାଳେ ପ୍ରଧାନମନ୍ତ୍ରୀ ମୋଦି ନିଜେ ଆଦମପୁର ଏୟାରବେସରେ ପହଞ୍ଚି ବିଶ୍ୱ ସମ୍ମୁଖରେ ପାକିସ୍ତାନର ମିଛକୁ ପଦାରେ ପକାଇଛନ୍ତି।

ଆଉ ସାରା ବିଶ୍ୱକୁ ବାର୍ତ୍ତା ଦେଇଛନ୍ତି ଆମର ଏସ୍ ୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଏଥିସହ ପ୍ରଧାନମନ୍ତ୍ରୀ ମୋଦି ଏହି ଗସ୍ତ ସମୟର ଅନେକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସୁରକ୍ଷିତ ଏବଂ ସକ୍ରିୟ ଦେଖାଯାଉଛି। ସେହିପରି, ଆଦମପୁର ଏୟାରବେସର ରାଡାର ସିଷ୍ଟମ ମଧ୍ୟ ଅକ୍ଷୁର୍ଣ୍ଣ ରହିଛି ଏବଂ ଶତ୍ରୁର ପ୍ରତ୍ୟେକ ଘୃଣ୍ୟ କାର୍ଯ୍ୟ ଉପରେ ନଜର ରଖିଛି। ବିଶେଷ କରି ଗୋଟିଏ ଫଟୋରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପଛରେ ଏକ ଭାରତୀୟ ଲଢୁଆ ବିମାନର ଫଟୋ ଅଛି। ଏହି ଫଟୋର କ୍ୟାପସନରେ ଲେଖାଯାଇଛି, "ଶତ୍ରୁପକ୍ଷର ପାଇଲଟମାନେ କାହିଁକି ଠିକ୍ ଭାବେ ଶୋଇପାରନ୍ତି ନାହିଁ?", ଆଉ ଏହି ଫଟୋଟି ପଡ଼ୋଶୀ ଦେଶକୁ ଏକ ସ୍ପଷ୍ଟ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଫଟୋ ପାକିସ୍ତାନକୁ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ଆଦମପୁର ଏୟାରବେସ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ପାକିସ୍ତାନର ଦାବି ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତ୍ତିହୀନ।

# ହାଇବ୍ରିଡ୍ ଆଗରେ ବଳି ପଡୁଛି ସରକାରୀ ବିହନ

## ଅସ୍ତରଙ୍ଗରେ ୨୮ଟି ବିହନ ବିକ୍ରୟ କେନ୍ଦ୍ର



**କାକଟପୁର/ଅସ୍ତରଙ୍ଗ, ୧୩।୫ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ଚାଷୀମାନେ ନିଜ ମନପସନ୍ଦର ଧାନ ବିହନ ଖୋଜୁଛନ୍ତି। ଏଥିପାଇଁ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବଜାର ଓ ବିଭିନ୍ନ ଗାଁ ଛକ ଦୋକାନୀଙ୍କୁ ଅର୍ଡର ଦେଇ ଆଣୁଛନ୍ତି ହାଇବ୍ରିଡ଼ ବିହନ। ଯାହାକୁ କହୁଛନ୍ତି ଫାଉଣ୍ଡେସନ ବିହନ। କିନ୍ତୁ ସରକାରୀ ଭାବେ ଯେଉଁ ବିହନ ମିଳୁଛି ଓ ତାହାକୁ ବେସରକାରୀ ସଂସ୍ଥା ଏବଂ ସମବାୟ ସମିତି ଗୁଡିକ ବିକିବାକୁ ଅନୁମତି ରହିଛି କୁହାଯାଇଛି ତାହାକୁ ସାର୍ଟିଫାଏଡ ବିହନ ବସ୍ତା ଉପରେ ନୀଳ ରଙ୍ଗର କାର୍ଡ ଝୁଲୁଛି। ଏହି ବିହନ କିଣିଲେ କୃଷି ବିଭାଗ ଚାଷୀଙ୍କୁ ପ୍ରତି ୨୦କେଜି ବସ୍ତା ପାଇଁ କିଛି ଟଙ୍କା ସବସିଡ଼ି ଦେଉଛନ୍ତି। ତଥାପି ମଧ ଚାଷୀଙ୍କର ଏହି ସାର୍ଟିଫାଏଡ ବିହନ ପ୍ରତି ଆଗ୍ରହ ନାହିଁ। କାରଣ ହାଇବ୍ରିଡ଼ ଯାହାକି ଫାଉଣ୍ଡେସନ ବିହନରେ ଚାଷ କଲେ ଗୋଟିଏ ଏକର ଜମିରେ ୨୫ରୁ ୨୭କୁଇଣ୍ଟାଲ ଧାନ ଅମଳ ହେଉଛି। ଅନ୍ୟ ପକ୍ଷରେ ଅଖିମୁଠି ଅନୁକୂଳ ଠାରୁ ଚାଷୀ ବିହନ ଓ ତଳି ପକେଇବା ପାଇଁ କସରତ କରୁଛି। ଚାଷୀ ଏ ଗରମରେ ସକାଳୁ ଯାଇ ହୁଡ଼ା ଟେକିବା ବା ଖରାଟିଆ ହଳ କରି ମାଟିକୁ ସମାନ କରି ରଖିବାରେ ଲାଗିଛି ଆଗାମୀ ରଜ ଭିତରେ ବିହନ ବୁଣା ପାଇଁ ଚାଷୀଟିଏ ଅଣ୍ଟା ଭିଡୁଛି। ବିହନ ନିଗମରେ ମିଳୁଥିବା ବିହନ ଭେରାଇଟି ସେମିତି ଅଧିକ ନାହିଁ। ଯେଉଁ ଗୁଡିକ ବି ଅଛି ସେଗୁଡିକ ସାର୍ଟିଫାଏଡ ଯାହାକୁ ଚାଷୀ ନେବାକୁ କୁନ୍ଥୁକୁନ୍ଥୁ।

ଏ ପଟେ ସରକାରୀ ସ୍ତରରେ ବିହନ ଲାଇସେନ୍ସ ଧରି ବସିଛନ୍ତି ସମବାୟ ସମିତିର ଅଧିକାରୀ। ହେଲେ ବିହନ ଆଣିବାକୁ ନାରାଜ। ବିହନ ୨୦କେଜି ୨୫କେଜି ବିହନକୁ ଆଣି ସରକାରୀ ଦରରେ ବିକିବେ ତାକୁ ଅନଲାଇନି ସେଲ କଲେ ସେମିତି ସବସିଡ଼ି ପାଇବ। ମାତ୍ର ଏତେ ସବୁ ଗୋଳିଆ ଭିତରେ ସମବାୟ ସଂସ୍ଥା ପଶିବାକୁ ଚାହୁଁନଥିବା ଜଣା ପଡିଛି। ତେଣୁ ସରକାରୀ ସ୍ତରରେ ସ୍ୱର୍ଣ୍ଣ, କଳାଚମ୍ପା, ସ୍ୱର୍ଣ୍ଣ ସବ (୧)ପୂଜା ଆଦି ୪ରୁ ୫ଜାତିର ବିହନ ଦୋକାନୀ ମାନେ ୧୨ରୁ ୧୫କିସମର ବିହନ ତାହା ପୁଣି ଫାଉଣ୍ଡେସନ ବିହନ ଆଣି ଚାଷୀଙ୍କୁ ଯୋଗାଉଛନ୍ତି। ଆଉ କିଛି ଧାନ ବେପାରୀ ମଧ ବିହନ ମଧ ୧୦କେଜି ଓ ୨୦କେଜି ବିହନ ବିଭିନ୍ନ ଭେରାଇଟିରେ ରଖି ଚାଷୀଙ୍କୁ ଆଗୁଆ ସାହାଯ୍ୟ କରୁଥିବା ନଜର ଏବେ ଗାଁ ଗୁଡିକରେ ଦେଖା ଯାଉଛି। ମୋଟ ଉପରେ ପୁରୀ ଜିଲ୍ଲାରେ କୃଷି ବିଭାଗ ତରଫରୁ ୧୫ଗୋଟି ପଞ୍ଚାୟତ ରେ ୧୮ଟି ବିହନ କେନ୍ଦ୍ର ସରକାରୀ ଭାବେ ଖୋଲାଯାଇଛି। ଏହା ସହ ସମବାୟ ତରଫରୁ ତାଳଦା, ନଞ୍ଚଗୁଆଁ, ଏଡ଼ବାଂଶ, ଚକରପଡ଼ା, ନଗର, ଅଠଡିରା, କେନ୍ଦ୍ରାପଟି, ଶିଶୁଅ, କନ୍ତପହଁରା ଓ ବନ୍ତିଲୋ ସୋସାଇଟି ଧାନ ବିହନ ବିକି ପାରିବେ ବୋଲି ଅନୁମତି ରହିଛି। ଏହା ସହ କେତେକ ସ୍ଥାନରେ ବିନା ଲାଇସେନ୍ସ ମଧ ବିକ୍ରି ହେଉଛି। କିନ୍ତୁ ଫାଉଣ୍ଡେସନ ବିହନକୁ ଚାଷୀ ବେଶୀ ପସନ୍ଦ କରୁଛନ୍ତି।



## ଆଉଁଳି ପାର୍କରେ ବୁଦ୍ଧ ଜୟନ୍ତୀ ପାଳିତ

**ବୋରିଗୁମ୍ମା, ୧୩।୫ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅଧୀନ ଆଉଁଳି ପଞ୍ଚାୟତ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ତତ୍କାଳୀନ ବ୍ଲକ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରାଙ୍କ ଦ୍ୱାରା ଗଢି ଉଠିଥିବା ଓଡିଶାର ପ୍ରଥମ ଫୁଡ ପାର୍କ ଠାରେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ ତଥା ବୌଦ୍ଧ ଧର୍ମର ପ୍ରତିଷ୍ଠାତା ତଥାଗତ ବୁଦ୍ଧଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଆଉଁଳି ଛକ ପାର୍କ ରେ ଥିବା ବୁଦ୍ଧ ମୂର୍ତ୍ତି ନିକଟରେ ଆଉଁଳି ସମେତ ଆଖପାଖ ଅଞ୍ଚଳର ବହୁ ଲୋକ ଜୟନ୍ତୀ ପାଳନ କରିଥିଲେ।ଏନେଇ ଆଉଁଳି ଗ୍ରାମ ଭକ୍ତିମୟ ପରିବେଶରେ ପରିଣତ ହୋଇଛି। ବୁଦ୍ଧ ହେଉଛନ୍ତି ଶାନ୍ତି, ମୈତ୍ରୀ ପ୍ରତୀକ। ଆଉଁଳି ପାର୍କରେ ଉପସ୍ଥିତ ବୁଦ୍ଧଙ୍କର ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ ଭଗବାନ ବୁଦ୍ଧଙ୍କ ସ୍ମୃତି ଚାରଣ କରିଥିଲେ। ବୁଦ୍ଧ ଜୟନ୍ତୀରେ ଆଉଁଳି ସରପଞ୍ଚ ଖୀରମଣି ପୂଜାରୀ, ପ୍ରକାଶ ନାଗ, ବୃନ୍ଦାବନ ଖରା,ମଙ୍ଗଳ କିଷାନ, ସୁରେନ୍ଦ୍ର ଖରା, ହରେକୃଷ୍ଣ ଅନକା,ଅଲେଖ ନାୟକ, ମନଧର ଭତ୍ରା,ଚନ୍ଦ୍ରଶେଖର ହିଆଲ, ପର୍ଶୁରାମ ହିଆଲ, ପରମାନନ୍ଦ, କରେଶ ନାୟକ, ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଥାଲାସେମିଆ ଦିବସ



**ବାଲିଅନ୍ତା, ୧୩।୫ (ସଂଚାର ବ୍ୟୁରୋ) :** ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ତନ୍ମୟ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆଜି 'ବିଶ୍ୱ ଥାଲାସେମିଆ ଦିବସ' ପାଳିତ ହୋଇଯାଇଛି । ଥାଲାସେମିଆ ଏକ ଜନ୍ମଗତ ଓ ବଂଶଗତ ରକ୍ତଜନିତ ରୋଗ । ଏଥିରେ ଲୌହ ରକ୍ତାକଣିକା ଗୁଡିକ କମ ଏବଂ ବିକୃତ ଭାବେ ତିଆରି ହେଇ ଶୀଘ୍ର ନଷ୍ଟ ହୋଇଯାଏ। ତାହା ଦ୍ୱାରା ରକ୍ତହୀନତା, କାମଳ ରୋଗ, ହୃଦରୋଗ ଓ ଫୁସ ଫୁସ ଜନିତ ରୋଗ ଦ୍ୱାରା ଅମ୍ଳଜାନ ପର୍ଯ୍ୟାପ୍ତ ମାତ୍ରାରେ ରୋଗୀ ଗ୍ରହଣ କରିପାରିନଥାଏ । ଯାହା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଏ । ନିୟମିତ ରକ୍ତ ନେବା, ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା, ପରୀକ୍ଷା, ଓ ଅନ୍ୟ ଅଙ୍ଗ ପ୍ରତ୍ୟଙ୍ଗର ପରୀକ୍ଷା କରାଇବା ନିହାତି ଜରୁରୀ ବୋଲି ଡାକ୍ତରମାନେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଛନ୍ତି । ଏନେଇ ୮ ରୋଗୀଙ୍କୁ ଚିହ୍ନଟ କରାଯାଉ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଚିକିତ୍ସା କରାଯାଇଥିଲା । ଚିହ୍ନଟ ରୋଗୀମାନଙ୍କୁ ମାସିକ ୫ ଶହ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ ଏବଂ ଆଶାକର୍ମୀ ଉପସ୍ଥିତ ଥିଲେ ।

## କୋଷାଗୁମୁଡ଼ାରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

**ନବରଙ୍ଗପୁର, ୧୩।୫ (ସଂଚାର ବ୍ୟୁରୋ) :** ଆଜି କୋଷାଗୁମୁଡ଼ା ପଂଚାୟତ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଟକୃଷ୍ଣ ମିଶ୍ର,ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୪ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୪ଟି ଅଭିଯୋଗର ସମାଧାନ ତତ୍ କ୍ଷଣାତ କରାଯାଇଥିଲା।ସାମାଜିକ ସୁରକ୍ଷା ବିଭାଗ ତରଫରୁ ୫ ଜଣ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

## ଗୋପ ମୁକ୍ତି ନର୍ସିଂ କଲେଜ ତରଫରୁ ଆନ୍ତର୍ଜାତିକ ସେବିକା ଦିବସ ପାଳିତ

**ଗୋପ, ୧୩।୫ (ସଂଚାର ବ୍ୟୁରୋ) :** ଗୋପ ଗଣେଶରପୁର ଅଞ୍ଚଳରେ ଥିବା ଅଗ୍ରଣୀ ଅନୁଷ୍ଠାନ ମୁକ୍ତି ନର୍ସିଙ୍ଗ କଲେଜ ତରଫରୁ ଆଜି ଅପରାହ୍ନରେ ଅନ୍ତର୍ଜାତିକ ସେବୀକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁକ୍ତି ନର୍ସିଙ୍ଗ କଲେଜ ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରକୁ ଉଦଘାଟନ କରିଥିଲେ। ଅନ୍ତର୍ଜାତିକ ସେବୀକା ଦିବସ ସଭାରେ ସମ୍ମାନିତ ଅତିଥିଭାବେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲିକ, ଗୋପ ମହାବିଦ୍ୟାଳୟ ପୂର୍ବତନ ପ୍ରିନ୍ସପାଲ ପ୍ରକାଶ ଚନ୍ଦ୍ର ଖଟୋଇ, ମୁକ୍ତି ନର୍ସିଙ୍ଗ କଲେଜ ପ୍ରିନ୍ସପାଲ ମନୋଶ୍ୱନୀ ପୃଷ୍ଟି, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟନାୟକ ଗଣେଶ୍ୱର ପୁର ପଞ୍ଚାୟତ ସରପଞ୍ଚ ପ୍ରଭାତ ବେହେରା, ମୁକ୍ତି ନର୍ସିଙ୍ଗ କଲେଜ ଅଧ୍ୟକ୍ଷ ଗଣେଶ ଦାଶ,ସମାଜସେବୀ ପ୍ରଶାନ୍ତ ସେନାପତି,ସାମ୍ବାଦିକ ମିଳନ ମହାନ୍ତି, କାଳୁରାମ ଜେନା ପ୍ରମୁଖ ଯୋଗଦେଇ ଏଠାରେ ଅଧ୍ୟୟନ କରିଥିବା ସମସ୍ତ ଛାତ୍ରୀ ମାନଙ୍କୁ ଭବିଷ୍ୟତରେ ଜଣେ ଭଲ ସେବିକା ଭାବେ କିପରି ନିଜର କାର୍ଯ୍ୟ ଓ କର୍ତ୍ତବ୍ୟ ତୁଲାଇବେ ସେ ବିଷୟରେ ଆଲୋକପାତ୍ କରିଥିଲେ। ମୁକ୍ତି ନର୍ସିଙ୍ଗ କଲେଜ ତରଫରୁ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି

**ଖୋର୍ଦ୍ଧା, ୧୩।୫ (ସଂଚାର ବ୍ୟୁରୋ) :** ଆଜି ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକ ଅନ୍ତର୍ଗତ, କୁଞ୍ଜୁରି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ବେଗୁନିଆ ପଂଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, କୁଞ୍ଜୁରୀ ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀମତୀ ପ୍ରଣତି ସାହୁ,ବି ଡି ଓ ଶ୍ରୀମତୀ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ତାପସ କୁମାର ବିଶୀ, ଡେପୁଟି କଲେକ୍ଟର, ଅଭିଯୋଗ ଶ୍ରୀ ଆର୍ତ୍ତତ୍ରାଣ ମଲ୍ଲିକ, ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୨୦୦ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୫୭ ଗୋଟି ଅଭିଯୋଗ ବ୍ୟକ୍ତିଗତ, ୩୨ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା। ୮ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ । ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ କୁଞ୍ଜୁରୀ ଗ୍ରାମ ପଞ୍ଚାୟତର ବନିତା ଚମ୍ପତିଙ୍କୁ ୨୫ ହଜାର, ସସ୍ମିତା ବେହେରାଙ୍କୁ ୨୦ ହଜାର ଏବଂ ଶୁଭମ ରଣସିଂହଙ୍କୁ ୧୫ ହଜାର ଲେଖାଏଁ ମୋଟ ୩ ଜଣ ଅଭିଯୋଗ କାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୬୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପରେ ଜିଲ୍ଲାପାଳ ଶ୍ରୀ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି , ଓଡିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସ୍ୱଚ୍ଛତା ଷ୍ଟଲ୍, ଉଦ୍ୟାନ କୃଷି, ମତ୍ସ୍ୟ, ଏସ ଏସ ଇ ପି ଡି , ଆୟୁଷ୍ମାନ ଆରୋଗ୍ୟ ଶିବିର ଆଦି ସଚେତନତା ଷ୍ଟଲ୍ ବୁଲି ଦେଖିଥିଲେ ।

### ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ

## କିଟ୍ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା




**ଭୁବନେଶ୍ୱର, ୧୩।୫ (ସଂଚାର ବ୍ୟୁରୋ) :** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି । ଏଥିରେ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଦ୍ୱାଦଶରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତ୍ରିଶା ରଥ କଳାରେ ସର୍ବାଧିକ ୯୯.୪ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହେବା ସହ ଆଞ୍ଚଳିକ ଟପ୍ପର ହୋଇଛନ୍ତି। ସେହିପରି ହଂସ ଦାରୁକା ବିଜ୍ଞାନରେ ସର୍ବାଧିକ ୯୮.୮ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଥିବା ବେଳେ ବାଣିଜ୍ୟରେ ଦୀପ୍ତି ସାହୁ ସର୍ବାଧିକ ୯୮.୬ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ଚଳିତବର୍ଷ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ୪୦ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଉତ୍କର୍ଷ ବଜାୟ ରଖିଛନ୍ତି। ଦଶମରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସ୍କୁଲ୍ର ଉଶ୍ୱସ୍ତି ଉବିକା ପାଟଶାଣୀ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି ।

### ସେନ୍ ଗ୍ଲୋବ୍ର ସବୁ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ରେ ସ୍ପେଶିଆଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବ୍ରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ମଧ ଏକ ପ୍ରଭାବଶାଳୀ ଫଳାଫଳ ରେକର୍ଡ କରିଛନ୍ତି । ସେନ୍ ଗ୍ଲୋବର ଚାରି ଜଣ ଛାତ୍ର ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଜଣେ ଛାତ୍ର ୯୫ ପ୍ରତିଶତ ନମ୍ବର ରଖିଛନ୍ତି । ସେହିପରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀ ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ ସ୍କୁଲ୍ ପାଇଁ ଗୌରବ ଆଣିପାରିଛନ୍ତି । ଏଥିରେ ୭ଜଣ ଛାତ୍ରଛାତ୍ରୀ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ଜଣେ ୮୭ ପ୍ରତିଶତ ନମ୍ବର ରଖିବାରେ ସମର୍ଥ ହୋଇଛନ୍ତି । ସ୍କୁଲ୍ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦାବି



**କାକଟପୁର/ଅସ୍ତରଙ୍ଗ, ୧୩।୫ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତ ଅନ୍ତର୍ଗତ ଡିହକରଡ଼ା ଠାରୁ ଡିଆକୁ ସଂଯୋଗ କରୁଥିବା ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଭାଗୀୟ ଅଧିକାରୀ କିଛି ମାସ ପୂର୍ବେ ତଦାରଖ କରିଥିବା ବେଳେ ରାସ୍ତା କାର୍ଯ୍ୟ କିନ୍ତୁ ଅଗ୍ରଗତି ହୋଇପାରୁନି। ଖବର ମୁତାବକ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ ତାଳଦା ପଂଚାୟତ ଡିହକରଡ଼ା ଠାରୁ ଡିଆ ପର୍ଯ୍ୟନ୍ତ ନିମାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଭାଗୀୟ ଅଧିକାରୀ ଙ୍କ ତଦାରଖ ସହ ଠିକାଦାର କାମ କରିବାକୁ ଚୁକ୍ତି ନାମା କରିଛନ୍ତି। କିନ୍ତୁ ସଂଯୋଗୀ କରଣ ମଧରେ କିଛି ସ୍ଥାନ ଜମିଜମା ସମସ୍ୟା ଥିବାରୁ ରାସ୍ତା ନିର୍ମାଣ ହୋଇପାରୁନି ଅଥବା ରାସ୍ତା ନିର୍ମାଣ ପାଇଁ ବାଧକ ସାଜୁଛି ଜମିଜମା ସମସ୍ୟା। ଯାହା ଫଳରେ ବର୍ଷା ଦିନ ହେଉ ଅବା ଅନେକ ସମୟରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। କାରଣ ଆଗକୁ ବର୍ଷା ଦିନ ଆସୁଛି ତୁରନ୍ତ ଯାହା କିଛି ସମସ୍ୟା ରହିଛି ସମାଧାନ କରି ରାସ୍ତା ନିର୍ମାଣ ପାଇଁ ଦାବୀ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏ ନେଇ ସ୍ଥାନୀୟ ଅଧିବାସୀଙ୍କ ସହ ତାଳଦା ପଂଚାୟତବାସୀ ମଙ୍ଗଳବାର ପୂର୍ବାହ୍ନ ସମୟରେ ତହସିଲ କାର୍ଯ୍ୟାଳୟରେ ପହଂଚି ରାସ୍ତା ସମସ୍ୟା ଦୂର କରିବା ପାଇଁ ଏକ ଲିଖିତ ଦାବୀ ପତ୍ର ଦେଇଛନ୍ତି।

## ଜନଶୁଣାଣିରେ ୩୫ ଅଭିଯୋଗ ପଞ୍ଜିକୃତ




**ନାଉଗାଁ, ୧୩।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଜ୍ୟୋତି ଫେଡରେସନ ସମ୍ମିଳନୀ କକ୍ଷରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ସମୁଦାୟ ୩୫ଟି ଅଭିଯୋଗ ପଂଜିକୃତ ହୋଇଥିଲା। ସେଥିମଧ୍ୟରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୮ଟି ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୭ଟି ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୧ଟି ଏବଂ ଅନ୍ୟାନ୍ୟ ୧୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଅଭିଯୋଗ ଗୁଡିକର ସମାଧାନ କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ଏହି ଶିବିରରେ ବଛାଲୋ ପଞ୍ଚାୟତର ସମିତି ସଭ୍ୟ ଚନ୍ଦନ ଲେଙ୍କା ବ୍ଲକରେ ସ୍ଥାୟୀ ବିଡିଓ ନଥିବାରୁ ଜନସାଧାରଣ ଅସୁବିଧାରେ ସମ୍ମୁଖୀନ ହେବା ସହ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁ ନଥିବା ଅଭିଯୋଗ କରିଥିଲେ। ମଦ ଦୋକାନ ସ୍ଥାନାନ୍ତର ପାଇଁ ଘୋଡାଂଶ ପଞ୍ଚାୟତର ଆଲୋକ ମହାନ୍ତି ଅଭିଯୋଗ କରିଥିଲେ। ମୁଗ ମଣ୍ଡି ଖୋଲିବା ବିଳମ୍ବ ଯୋଗୁଁ ଚାଷୀ ଅଭାବି ବିକ୍ରିର ଶିକାର ହେଉଥିବା ନବ ନିମାଣ କୃଷକ ସଙ୍ଗଠନ ପକ୍ଷରୁ ଅଶୋକ ସ୍ୱାଇଁ, କୈଳାସ ଚନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ ପରିଡ଼ା, ନବକିଶୋର ମହାନ୍ତି ଆଦି ଅଭିଯୋଗ କରିଥିଲେ। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍ଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ଦାସ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଭାରାପ୍ରାପ୍ତ ବିଡିଓ ଆଶୁତୋଷ ମିଶ୍ର, ଭାରାପ୍ରାପ୍ତ ତହସିଲଦାର ଅଜୟ ମହାନ୍ତିଙ୍କ ସହିତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଓ କ୍ଷେତ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଜନଶୁଣାଣି



**ବୋରିଗୁମ୍ମା, ୧୩।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମିଳିତ ଅଭିଯୋଗ ଶୁଣାଣୀରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରାପୁଟ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଯୋଗ ଦେଇଥିଲେ। ଏହି ଶିବିରରେ ଜିଲ୍ଲାପାଳ ମୋଟ ୩୭ ଗୋଟି ଅଭିଯୋଗର ଶୁଣାଣୀ କରିଥିଲେ। କାମରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋପୀ ଗାଦବା ପର୍ଲି ପର୍ଯ୍ୟନ୍ତ ଜମିକୁ ପାଣି ପହଂଚୁନାହିଁ ବୋଲି ଅଭିଯୋଗ କରିଥିଲେ। ପୂର୍ବରୁ ଏହି ସବୁ ଅଞ୍ଚଳର ଜମିକୁ ପାଣି ଆସୁଥିଲା। କିନ୍ତୁ ଗତ ତିନି ବର୍ଷ ହେଲା ଜମିକୁ ପାଣି ଆସୁନାହିଁ। ଏପଟେ ପାଣି ଆସୁ ନ ଥିବା ଜମିକୁ ଜଳ କର ଦେଇ ଆସୁଛୁ ବୋଲି ଅଭିଯୋଗ କରିଥିଲେ। ସେହିଭଳି ବଡପଡା ଗ୍ରାମର ଜମି ବିବାଦକୁ ନେଇ ଗ୍ରାମବାସୀ ମିଳିତ ଅଭିଯୋଗ ଜନଶୁଣାଣୀରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଜିଲ୍ଲାପାଳ ଶ୍ରୀ ଭାସନ ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ଦୁଇ ଜଣ ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ଼, ୧୧ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଥିଲେ।

### ସିବିଏସଇ ପରୀକ୍ଷା ଫଳ ପ୍ରକାଶ

## ଆଦର୍ଶ ବିଦ୍ୟାଳୟର ୩ ଛାତ୍ରଙ୍କୁ ୯୭.୨ ପ୍ରତିଶତ

**ନୟାଗଡ଼, ୧୩।୫ (ସଂଚାର ବ୍ୟୁରୋ):** ସିବିଏସି ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ନୟାଗଡ଼ ବ୍ଲକ ନୋତର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ସଫଳତାର ସହ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି । ଉକ୍ତ ବିଦ୍ୟାଳୟର ୩ ଜଣ ଛାତ୍ର ସମାନ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ବିଦ୍ୟାଳୟର ପ୍ରଭୂଦତ୍ତ ଗୌଡ଼, କମଲଜିତ୍ ସିଂ, ସ୍ୱସ୍ତିକ ସୂର୍ଯ୍ୟନାରାୟଣ ୪୮୬ ମାର୍କ ତଥା ୯୭.୨ ପ୍ରତିଶତ ମାର୍କ ରଖି ଗୌରବ ଅର୍ଜ୍ଜନ କରିଛନ୍ତି। ନୋତର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୮୪ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୮୧ ଜଣ ପାସ କରିଛନ୍ତି। ବିଦ୍ୟାଳୟର ପାସ ହାର ୯୬.୪୩ ପ୍ରତିଶତ ରହିଛି । ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରେ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ୬ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ୮ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ରହିଛନ୍ତି । ୨୫ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୧୮ ଜଣ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୯ ଜଣ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୧୫ ଜଣ ୬୦ ପ୍ରତିଶତରୁ କମ ମାର୍କ ରଖି ପାସ କରିଛନ୍ତି । ବିଦ୍ୟାଳୟ ଅଧକ୍ଷା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରୀକ୍ଷା ଫଳକୁ ନେଇ ଖୁସି ହୋଇଥିବା ବେଳେ ସଫଳତା ଅର୍ଜ୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିଭଳି ଭାବେ +୨ ବିଜ୍ଞାନରେ ୪୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୮ ଜଣ ପାସ କରିଛନ୍ତି । ପାସହାର ୮୬.୩୬ ପ୍ରତିଶତ ରହିଛି । ବିଦ୍ୟାଳୟର ସୁଚିସ୍ମିତା ପ୍ରଧାନ, ଶିବ ପ୍ରସାଦ ନାୟକ ୪୫୬ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସେହିଭଳି ଭାବେ ବିଦ୍ୟାଳୟ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ୭ ଜଣ ଛାତ୍ରଛାତ୍ରୀ ରଖିଥିବା ବେଳେ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ୯ ଜଣ, ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ୧୭ ଜଣ, ୬୦ ପ୍ରତିଶତରୁ କମ ୩ ଜଣ ରହିଥିବା ସୂଚନା ମିଳିଛି ।

## ନ୍ୟାସ୍ନାଲ ଟେକ୍ନୋଲଜି ଡେ' ପାଇଁ ୧୭ରୁ ବକ୍ତୃତାମାଳା




**ଭୁବନେଶ୍ୱର, ୧୩।୫ (ସଂଚାର ବ୍ୟୁରୋ) :** ପ୍ରତିବର୍ଷ ମେ ୧୧ ତାରିଖ ଦିନ ୧୯୯୮ ମସିହାରେ ଭାରତ ଦ୍ୱାରା ସଫଳତାର ସହ କରାଯାଇଥିବା ପରମାଣୁ ବିସ୍ଫୋରଣକୁ ସ୍ମରଣ କରି ଦେଶରେ ନ୍ୟାସନାଲ ଟେକ୍ନୋଲୋଜି ଡେ ପାଳନ କରାଯାଏ। ଏହି ଦିନଟିକୁ ଭାରତର ବୈଜ୍ଞାନିକ, ଗବେଷକ ଓ ଇଞ୍ଜିନିୟର ମାନଙ୍କର ସଫଳତାକୁ ମନେ ପକାଇ ଏକ ଉତ୍ସବ ଭାବେ ପାଳନ କରାଯାଇଥାଏ।

ଏହି ଉପଲକ୍ଷେ ଇଣ୍ଡିଆ ନ୍ୟାସନାଲ ଏକାଡେମୀ ଅଫ୍ ଇଞ୍ଜିନିୟରଂ (ଆଇଏନଏଇ) ଭୁବନେଶ୍ୱର ଶାଖା ପକ୍ଷରୁ ମେ ୧୭ରୁ ୨୩ ମଧ୍ୟରେ ଭୁବନେଶ୍ୱର ଠାରେ ଏକ ବିଶେଷ ବକ୍ତୃତାମାଳା ଆୟୋଜନ କରାଯାଇଛି। ଏଥିରେ ଦେଶର ବିଶିଷ୍ଟ ତଥା ପ୍ରତିଷ୍ଠିତ ବୈଜ୍ଞାନିକ/ଟେକ୍ନୋଲୋଜିଷ୍ଟମାନେ ଯୋଗ ଦେଇ ବକ୍ତବ୍ୟ ରଖିବେ। ଏହି ବିଷୟରେ ସୂଚନା ଦେଇ ଆଇଏନ୍ଏଇ ଭୁବନେଶ୍ୱର ଶାଖାର ଅଧକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ମଙ୍ଗଳବାର ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଦେଶର ଚାରି ଜଣ ବିଖ୍ୟାତ ଓ ପ୍ରତିଷ୍ଠିତ ବୈଜ୍ଞାନିକ ଏହି ବକ୍ତୃତାମାଳାରେ ଭାଗ ନେବେ। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ସୋଆ ବିଶ୍ୱବିଦ୍ୟାଳୟ, ଆଇଆଇଟି ଭୁବନେଶ୍ୱର, ନାଇଜର ଭୁବନେଶ୍ୱର ଓ ଆଇଆଇଏମ୍ଟି, ଭୁବନେଶ୍ୱର ଦ୍ୱାରା ପରିଚାଳିତ ହେବ।

ଚଳିତ ମାସ ୧୭ ତାରିଖରେ ସୋଆ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ-୨ ପ୍ରେକ୍ଷାଳୟରେ ହୋମି ଭାବା ନ୍ୟାସ୍ନାଲ ଇନ୍ଷ୍ଟିଚ୍ୟୁଟ, ମୁମ୍ବାଇର ଡିନ୍ ତଥା ବରିଷ୍ଠ ପ୍ରଫେସର ଡ.ଏ.କେ. ତ୍ୟାଗୀ ବକ୍ତୃତା ଦେବେ। ୧୯ ତାରିଖରେ ଆଇଏମଏମଟି, ଭୁବନେଶ୍ୱର ଠାରେ ଆଇଆଇଟି (ବିଏଚ୍ୟୁ)ର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ତଥା ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଡ. କୋଟା ହରିନାରାୟଣ ବକ୍ତୃତା ଦେବେ। ଡ. ହରିନାରାୟଣ ଭାରତର ନିଜସ୍ୱ ଲାଇଟ୍ କମ୍ବାଟ ଏୟାରକ୍ରାଫ୍ଟ (ଏଲ୍ସିଏର ପୂର୍ବତନ ପ୍ରୋଜେକ୍ଟ ଡାଇରେକ୍ଟର ତଥା ମୁଖ୍ୟ ଡିଜାଇନର ଅଟନ୍ତି। ସେହିପରି ମେ ୨୧ ତାରିଖରେ ଭୁବନେଶ୍ୱର ନାଇଜର ଠାରେ ଇଣ୍ଡିଆନ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ (ଇସ୍ରୋ)ର ଅଧକ୍ଷ ଡ. ଭି. ନାରାୟଣନ ତାଙ୍କର ବକ୍ତବ୍ୟ ରଖିବେ। ୨୩ ତାରିଖରେ ଭୁବନେଶ୍ୱର ଆଇଆଇଟି ଠାରେ ଡିଆରଡିଓର ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ସିଷ୍ଟମ୍ର ଡାଇରେକ୍ଟର ଜେନେରାଲ ଡ. ବିନୟ କୁମାର ଦାସ ଏହି ବକ୍ତୃତାମାଳାର ଶେଷ ବକ୍ତୃତା ପ୍ରଦାନ କରିବେ। ସବୁ ବକ୍ତୃତା ଅପରାହ୍ନ ୩. ୩୦ ସମୟରେ ଆରମ୍ଭ ହେବ।

ଏହି ସାମ୍ବାଦିକ ସମ୍ମିଳନୀରେ ଏନଆଇଟି ରାଉରକେଲାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ, ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ତଥା ଆଇଇଇଇର ଭୁବନେଶ୍ୱର ସେକସନ୍ ଚେୟାର ପ୍ରଫେସର ଶୁଭ୍ରାଂଶୁ ଶେଖର ସାମନ୍ତରାୟ ଉପସ୍ଥିତ ଥିଲେ।



# ସିଙ୍ଗାପୁରରେ ସବ୍ୟସାଚୀ ସମ୍ମାନିତ

ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ଜଣାଶୁଣା ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ବିଦେଶ ମାଟିରେ ସମ୍ମାନିତ ହୋଇଛନ୍ତି। ନିକଟରେ ସିଙ୍ଗାପୁର ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ 'ସିଙ୍ଗାପୁର ଫିଲ୍ମ ଆୱାର୍ଡ ୨୦୨୫' ସିଜିନ୍-୬ରେ ତାଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ୍ ଆୱାର୍ଡ ପ୍ରଦାନ କରାଯାଇଛି। ୧୯୫୦ ଅଗଷ୍ଟ ୨୭ରେ ସୁବର୍ଣ୍ଣପୁରରେ ଜନ୍ମଗ୍ରହଣ କରିଥିବା ସବ୍ୟସାଚୀ ଓଡ଼ିଆ ଶିଳ୍ପକୁ ଅନେକଗୁଡ଼ିଏ ସଫଳ ଚଳଚ୍ଚିତ୍ର ଭେଟି ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶିତ ପାହାଡ଼ର ଲୁହ, ଶଳାବୁଢ଼ା, ଜୟ ଜଗନ୍ନାଥ, ବାହୁଡ଼ିବେ ମୋ ଜଗାବଳିଆ, ବୋଉ, ଭୁଖା, ସବୁ ମାୟାରେ ବାୟା, ଝିଲ୍ଲି ଆଦି ଚଳଚ୍ଚିତ୍ର ଦର୍ଶକଙ୍କ ଦ୍ୱାରା ବେଶ ଆଦୃତି ଲାଭ କରିପାରିଛି। ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଅବଦାନକୁ ଦୃଷ୍ଟିରେ ରଖି ଗତ ୨୦୧୬ରେ ସବ୍ୟସାଚୀଙ୍କୁ 'କଳିଙ୍ଗ ରତ୍ନ' ଉପାଧି ମିଳିଛି। ଏହାଛଡ଼ା ୨୦୧୪ରେ ଆଦିମ ବିଚାର ଓ ୨୦୧୫ରେ ପାହାଡ଼ର ଲୁହ ପାଇଁ ତାଙ୍କୁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। 'ସିଙ୍ଗାପୁର ଫିଲ୍ମ ଆୱାର୍ଡ ୨୦୨୫' ସିଜିନ୍-୬ରେ ଚଳିତ ଥର ମୋଟ ୩୨ଟି ବର୍ଗରେ ବିଭିନ୍ନ ଷ୍ଟାର୍‌ମାନଙ୍କୁ ପୁରସ୍କୃତ କରାଯାଇଛି। ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ପାବାର୍' ପୁରସ୍କୃତ ହୋଇଥିବା ବେଳେ ଏହି ଚଳଚ୍ଚିତ୍ର ଲାଗି ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅଶୋକ ପତି, ସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦ, ଅଭିନେତା ବାବୁସାନ୍ ଏବଂ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ମାହୋଲ୍ ଦେଖିବାକୁ ମିଳିଥିଲା। ଏଥିରେ ଓଡ଼ିଆ ଚଳଚ୍ଚିତ୍ରଜ ଜଗତର ଅନେକ ନାମୀଦାମୀ ତାରକା ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ମହାଶ୍ୱେତା ରାୟ, ଆକାଶ ଦାସ ନାୟକ, ସ୍ନିଗ୍ଧା ମହାନ୍ତି ପ୍ରମୁଖ ଅନ୍ୟତମ। ଏହି ଆୱାର୍ଡ କାର୍ଯ୍ୟକ୍ରମ ଗତବର୍ଷ ଦୁବାଇରେ ହୋଇଥିବା ବେଳେ ଏଥର ସିଙ୍ଗାପୁରରେ ସଫଳତାର ସହ ଅନୁଷ୍ଠିତ ହୋଇଛି। ଏଥିସହ ଆସନ୍ତା ବର୍ଷ ଏହାର ଆୟୋଜନ ଲଣ୍ଡନରେ ହେବ ବୋଲି ଜଣାପଡ଼ିଛି।

# ଦୁର୍ନୀତି ଅଭିଯୋଗରେ ୫ ବନ କର୍ମଚାରୀ ଗିରଫ

## ବନୀକରଣ ନାଁରେ ୮୦ ଲକ୍ଷ ଲୁଟ୍



ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ବନୀକରଣ ନାଁରେ ହୋଇଥିଲା ବଡ଼ ଦୁର୍ନୀତି। କଳାହାଣ୍ଡି ଜୟପାଟଣା ରେଞ୍ଜରେ ହୋଇଥିବା ଏହି ଦୁର୍ନୀତି ନେଇ ଆଜି ଭିଜିଲାନ୍ସ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବନୀକରଣ ଦୁର୍ନୀତି ଅଭିଯୋଗରେ ବନ ବିଭାଗର ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ଏହି ଅଭିଯୁକ୍ତମାନଙ୍କ ବିରୋଧରେ ପ୍ରାୟ ୮୦ ଲକ୍ଷ ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ କରିଛନ୍ତି। କ୍ଷତିପୂରଣ ଓ ଆର୍ଥିକ ସହାୟତା ଯୋଜନାରେ ଅର୍ଥ ହେରଫେର ନେଇ ଅଭିଯୋଗ ଆସିଥିଲା। ଗିରଫ ହୋଇଥିବା ବନ ବିଭାଗର କର୍ମଚାରୀମାନେ ଜୟପାଟଣା ଡେପୁଟି ରେଞ୍ଜର ସୌରେନ୍ଦ୍ରୀ ବାଗ୍, ଫରେଷ୍ଟର ଉମେଶ ରାଉତ, ଦେବରାଜ ସୁନାନୀ ଏବଂ ଫରେଷ୍ଟ ଗାର୍ଡ ଅଶୋକ କୁମାର ସାହୁ ଓ ଲଳିତ ନାଏକ। ମିଳିଥିବା ସୂଚନାନୁଯାୟୀ, ଚାରା ରୋପଣ ନାଁରେ ସରକାରୀ ଟଙ୍କାକୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିବା ବେଳେ ଏହାକୁ ଭିତ୍ତି କରି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକ ୨୫ ଜଣିଆ ଟିମ୍ ଅନୁସନ୍ଧାନ କରିଥିଲା। ଚାରା ରୋପଣ ହୋଇଥିବା ସ୍ଥାନଗୁଡ଼ିକରେ ଟିମ୍ ପକ୍ଷରୁ ଯାଞ୍ଚ କରାଯାଇଥିଲା। ତେବେ ଏହି ଅନୁସନ୍ଧାନ ସମୟରେ ଚାରା ରୋପଣ ନାଁରେ ସବୁ ଟଙ୍କା ଆତ୍ମସାତ୍ ହୋଇଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ଚାରା ରୋପଣ ବାବଦରେ ଆସିଥିବା ଅନୁଦାନକୁ ବେନାମୀ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ପରବର୍ତ୍ତୀ ସମୟରେ ତାହାକୁ ଉଠାଇ ନେଇଥିବା ଅନୁସନ୍ଧାନ କରୁଥିବା ଟିମ୍ ଜାଣିବାକୁ ପାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଚମ୍ପାଚୁଆ-୧ରେ ୧୬ ଶହ ଚାରା ବାବଦରେ ୪୩ ଲକ୍ଷ ୭୫ ହଜାର ୬୩୪ ଟଙ୍କା, ଚମ୍ପାଚୁଆ-୨ରେ ୧୬ ଶହ ଚାରା ବାବଦରେ ୬ ଲକ୍ଷ ୬୭ ହଜାର ୪୪୬ ଟଙ୍କା, ଖମାରପଦର ବଡ଼ହିଲରେ ୮ ଶହ ଚାରା ବାବଦରେ ୧୨ ଲକ୍ଷ ୭୬ ହଜାର ୨୯୧ ଟଙ୍କା, ଖମାରପଦର ଏଏନଆରରେ ୪ ଶହ ଚାରା ବାବଦରେ ୫ ଲକ୍ଷ ୧୨ ହଜାର ୫୧୯ ଟଙ୍କା ଏହିପରି ସର୍ବମୋଟ ୭୯ ଲକ୍ଷ ୫୪ ହଜାର ୬୩୫ ଟଙ୍କା ଆତ୍ମସାତ୍ ହୋଇଥିବା ଜଣାପଡ଼ିଛି। ଏନେଇ ଭିଜିଲାନ୍ସ ପକ୍ଷରୁ ୧୯/୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ଯେ ନିକଟରେ ଜୟପାଟଣା ରେଞ୍ଜରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ମଧ୍ୟ ତଦନ୍ତ ହୋଇଥିବା ବେଳେ ଏହି ମାମଲାରେ ଫରେଷ୍ଟ ଗାର୍ଡ ଅଶୋକ ସାହୁ ଗିରଫ ହୋଇଥିଲେ।

### ନର୍ସିଂହୋମରେ ଚିକିତ୍ସାଜନିତ ଅବହେଳା ଅଭିଯୋଗ

# ଚାଲିଗଲା ମା' ଓ ନବଜାତ ଶିଶୁର ଜୀବନ



ବ୍ରହ୍ମପୁର,୧୩।୫(ସଂଚାର ବ୍ୟୁରୋ): ଦୁନିଆ ନ ଦେଖିବା ଆଗରୁ ଆଖି ବୁଜିଲା କଅଁଳ ଶିଶୁ। ପର କରି ଚାଲିଗଲା ବର୍ଷେ ତଳେ ହାତ ଧରି ଜୀବନର ସବୁ ସୁଖଦୁଃଖରେ ସାଥୀ ହୋଇ ଚାଲିବ ବୋଲି ପ୍ରତିଶ୍ରୁତି ଦେଇଥିବା ପତ୍ନୀ। ଏସବୁ କେମିତି ସହିବ ହତଭାଗା ସ୍ୱାମୀ? ସମ୍ଭାଳି ପାରୁନି କୋହ। କ୍ଲିନିକ୍ ବାହାରେ ଚିତ୍କାର କରୁଛି ସ୍ୱାମୀ, ତା' ସ୍ତ୍ରୀ ଓ ଛୁଆକୁ ଫେରାଇ ଦେବାକୁ କରୁଛି ନିବେଦନ। ବାହାଘର ଆଲବମ୍‌କୁ ଛାତିରେ ଜାବୁଡ଼ି ଧରି ଲୁହ ଗଡ଼ାଉଛି। କିନ୍ତୁ ଯେତେ କାନ୍ଦିଲେ କି ନେହୁରା ହେଲେ ଯିଏ ଅଫେରା ରାଇଜର ଯାତ୍ରୀ ହୋଇଛି, ସେ କି ଆଉ ଫେରିଆସିବ? ମିଳିଥିବା ସୂଚନାନୁସାରେ, ପତ୍ନୀ ଗର୍ଭଯନ୍ତ୍ରଣା ପାଇବାରୁ ପରିବାର ଲୋକେ ତାଙ୍କୁ ଗଞ୍ଜାମ ଡେଙ୍ଗାଓସ୍ତାରେ ଥିବା ଘରୋଇ କ୍ଲିନିକ୍‌କୁ ନେଇଆସିଥିଲେ। କିନ୍ତୁ ଏଠାରେ ପରିବାରକୁ ନୂଆ ସଦସ୍ୟ ଆସିବା ତ ଦୂରର କଥା, ବରଂ ଘରୁ ଆସିଥିବା ପତ୍ନୀ ମଧ୍ୟ ଆଉ ଫେରିନଥିଲେ। କାରଣ ଚିକିତ୍ସାଜନିତ ଅବହେଳାରୁ ପତ୍ନୀ ସହ ନବଜାତ ଶିଶୁ ମଧ୍ୟ ଆର ପାରିକୁ ଚାଲିଯାଇଥିବା ଅଭିଯୋଗ ହୋଇଛି। ଏହି ହତଭାଗା ଜଣଙ୍କ ହେଉଛନ୍ତି ଗଞ୍ଜାମ ସାନଖେମୁଣ୍ଡି ଅଞ୍ଚଳ କରାଖଣ୍ଡି ଗାଁର ବାବୁ ନାୟକ। ବର୍ଷେ ତଳେ ସେ ସିଙ୍ଗିପୁରର ରୋଜି ନାୟକଙ୍କୁ ବିବାହ କରିଥିଲେ। ବାବୁ ଗୁଜରାଟରେ କାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଗର୍ଭବତୀ ହେବା ପରେ ବାପଘରକୁ ଚାଲିଯାଇଥିଲେ। ୯ ମାସର ଗର୍ଭବତୀ ଝିଅର ସମ୍ପୂର୍ଣ୍ଣ ଦାୟିତ୍ୱ ନେଉଥିଲେ ପରିବାର ଲୋକେ। ତେବେ ହଠାତ୍ ଗତକାଲି ରୋଜିଙ୍କର ଗର୍ଭଯନ୍ତ୍ରଣା ହୋଇଥିଲା। ତେଣୁ ତାଙ୍କୁ ଡେଙ୍ଗାଉସ୍ତାରେ ଥିବା ସାହାରା ନର୍ସିଂହୋମ୍‌କୁ ଅଲ୍‌ଟ୍ରା ସାଉଣ୍ଡ କରିବା ସକାଶେ ପରିବାର ଲୋକେ ଆଣିଥିଲେ। ଉକ୍ତ କ୍ଲିନିକ୍‌ରେ ଅଲ୍‌ଟ୍ରା ସାଉଣ୍ଡ୍ ପରେ ନର୍ମାଲ୍ ଡେଲିଭରି ହେବ ବୋଲି କହି ଡାକ୍ତର ଆଡମିଶନ୍ କରାଇଥିଲେ। କିନ୍ତୁ ସେଠାରେ ଡାକ୍ତରଙ୍କ ଅନୁପସ୍ଥିତିରେ କ୍ଲିନିକର କର୍ମଚାରୀମାନେ ଅସ୍ତ୍ରୋପଚାର ବି କରାଇଥିଲେ। କିନ୍ତୁ ପ୍ରଥମେ ନବଜାତ ଓ ପରେ ରୋଜିଙ୍କର ମୃତ୍ୟୁ ହୋଇଥିବା ନେଇ କ୍ଲିନିକ୍ କର୍ମଚାରୀମାନେ କହିବାରୁ ପରିବାର ଲୋକଙ୍କ ମୁଣ୍ଡରେ ଯେପରି ବଜ୍ର ପଡ଼ିଥିଲା। କିନ୍ତୁ ଏ ସମସ୍ତ ଅଭିଯୋଗକୁ ନର୍ସିଂହୋମ ମାଲିକ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକେ ପୁଲିସ୍‌ରେ ଏକ ମାମଲା ରୁଜୁ କରିବା ପରେ ନର୍ସିଂହୋମ୍‌ରେ ଛାନ୍‌ଭିନ୍ କରିବା ପରେ ପୁଲିସ୍ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଟ୍ରକ୍ ସହ ୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ



ମୋହନା,୧୩।୫(ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ଅଡବା ଥାନା ଯୁଡାଆମ୍ବ ଗାଁ ନିକଟରେ ଟ୍ରକ୍ ସହ ୬ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଏନେଇ ପୁଲିସ ଏହି ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଞ୍ଜାବର ଦିଲୱାର୍ଡ ସିଂ (୬୨) ଓ ଅଡ଼ବା ଥାନା ପରମାଗୁଡା ଗାଁର ବିଜୟ ନାୟକ (୩୮)। ତେବେ ପୁଲିସର ଚଢ଼ାଉ ବେଳେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ୍ ମାରିଛି ବୋଲି ଜଣାପଡ଼ିଛି। ଖୁବଶୀଘ୍ର ତାକୁ ଗିରଫ କରାଯିବ ବୋଲି ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି। ସୂଚନାନୁସାରେ, ମଙ୍ଗଳବାର ସକାଳେ ଅଡ଼ବା ଥାନା ପକ୍ଷରୁ ଯୁଡ଼ାଆମ୍ବ ଗାଁ ନିକଟରେ ପେଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ଟ୍ରକ (ନଂ.ପିବି ୦୭ ଏଏସ ୧୮୦୫) ରାସ୍ତାରେ ଛିଡ଼ା ହୋଇଥିଲା। ସେଥିରେ କିଛି ବସ୍ତା ଭର୍ତ୍ତି କରାଯାଉଥିବା ପୁଲିସ ଦେଖିବାକୁ ପାଇଥିଲା। ଏନେଇ ପୁଲିସ ଚଢ଼ାଉ କରିବା ପରେ ଏଥିରେ ୬ କ୍ୱିଣ୍ଟାଲ ୧୪ କିଲୋ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏହି ଗଞ୍ଜେଇ ପରମାଗୁଡ଼ାରୁ ପଞ୍ଜାବ ଚାଲାଣ ହେଉଥିଲା। ଜବତ ଗଞ୍ଜେଇର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ। ଏନେଇ ଅଡ଼ବା ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି ।

## ସଚିବାଳୟ ସେବା ସଂଘର କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ଗତ ୭ ତାରିଖରେ ଓଡିଶା ସଚିବାଳୟ ସେବା ସଂଘର କର୍ମକର୍ତ୍ତା ଚୟନ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଛି। ୮ ତାରିଖ ଭୋର ୩ଟା ସମୟରେ ନିର୍ବାଚନର ଫଳାଫଳ ସାମ୍ନାକୁ ଆସିଥିବା ବେଳେ ସଦସ୍ୟମାନଙ୍କୁ ୨ ବର୍ଷ ପାଇଁ ନିର୍ବାଚିତ କରାଯାଇଛି। ନିର୍ବାଚନ ରଣାଙ୍ଗନରେ ୯ଟି ପଦ ପାଇଁ ମୋଟ ୨୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଦ୍ୱିମୁଖୀ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ବିବେକାନନ୍ଦ ସାମଲ ସଭାପତି ନିର୍ବାଚିତ ହୋଇଥିବା ବେଳେ ବିଜୟ ସ୍ୱରୂପ ପଣ୍ଡା ଓ ମାନସ ସୂତାର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରତ୍ୟୁଷ କୁମାର କଅଁର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ୪ ଜଣ ସମ୍ପାଦକ ଭାବେ ଯଥା ସ୍ମିତା ପୃଷ୍ଟି, ନଳିନୀକାନ୍ତ ଶର୍ମା, ମୋନାଲି ସାହୁ ଓ ସଂଗ୍ରାମ ଖଟେଇ ନିର୍ବାଚିତ ହୋଇଛନ୍ତି। ସ୍ମିତା ସମାପ୍ତିକା ପଟ୍ଟନାୟକ ସମୀକ୍ଷକ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଥମ ଥର ପାଇଁ ଓଡିଶା ସଚିବାଳୟ ସେବା ସଂଘରେ ୩ ଜଣ ମହିଳା କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଭାବେ ମନୋଜ କୁମାର ପଟ୍ଟନାୟକ ସାଥୀ ନିର୍ବାଚନ କମିଶନର ସୂରଜ କୁମାର ଯତି ଓ ବିକ୍ରମ କୁମାର ସାହୁଙ୍କୁ ନିର୍ବାଚନ ପରିଚାଳନା କରିଥିଲେ। ଇତିମଧ୍ୟରେ ଗତ ୯ ତାରିଖରେ ସଚିବାଳୟ ସେବା ସଂଘ ପରିସରରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଓଡ଼ିଶା ସଚିବାଳୟ ସେବାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ଓ ନୂତନ କର୍ମକର୍ତ୍ତା ସଂଘକୁ ନୂଆ ସୋପାନକୁ ନେଇ ଯିବେ ବୋଲି ଆଶା ବ୍ୟକ୍ତ କରିଥିଲେ।

## ବାଇକ୍‌ରେ ଫୁଟିଲା ବୋମା, ୨ ମୃତ



ଯାଜପୁର,୧୩।୫(ସଂଚାର ବ୍ୟୁରୋ): ଯାଜପୁର ଛତିଆ ନିକଟରେ ଆଜି ଏକ ପଲ୍‌ସର ବାଇକ୍ (ନଂ.ଓଡି୦୪ଭି ୭୭୪୭)ରେ ବୋମା ବିସ୍ଫୋରଣ ଘଟିବା ଫଳରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଏଥିସହ ଜଣେ ଗୁରୁତର ଭାବେ ଆହତ ହୋଇଥିବା ମଧ୍ୟ ଜଣାପଡ଼ିଛି। ସେହିପରି ଏହି ବିସ୍ଫୋରଣରେ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଛି। ଗୁରୁତର ଭାବେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମୃତକଙ୍କ ଖଣ୍ଡବିଖଣ୍ଡିତ ଶରୀର ଏଣେତେଣେ ପଡ଼ିଥିଲା। ବିସ୍ଫୋରଣ ଖବର ପାଇବା ପରେ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ତେବେ କେଉଁ ପରିସ୍ଥିତିରେ ବିସ୍ଫୋରଣ ହେଲା, ତା'ର କାରଣ ନେଇ କିଛି ବି ସ୍ପଷ୍ଟ ହୋଇନାହିଁ। ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

### ଆଦିବାସୀ ହଷ୍ଟେଲ୍‌ରେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲା

# ଗୃହ ସଚିବଙ୍କ ସମେତ ୩ ଅଧିକାରୀଙ୍କୁ ନୋଟିସ୍

- ୭ ଦିନରେ ଉତ୍ତର ମାଗିଲା ଏସଟି କମିଶନ

ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): କୋରାପୁଟ ଲମତାପୁଟସ୍ଥିତ ଆଦିବାସୀ ହଷ୍ଟେଲରେ ଜନୈକା ୮ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ବେଳେ ଏହି ଘଟଣାରେ ଆଜି ଅନୁସୂଚିତ ଜନଜାତି (ଏସ୍‌ଟି) କମିଶନ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ୩ ବରିଷ୍ଠ ଅଧିକାରୀଙ୍କୁ ନୋଟିସ୍ କରିଛନ୍ତି। ଏହି ଅଧିକାରୀଙ୍କ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି ଏସ୍‌ଟି) କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଓ ପୁଲିସ ଡିଜି ରହିଛନ୍ତି। ଏହି ସମସ୍ତ ଅଧିକାରୀଙ୍କୁ ଆସନ୍ତା ୭ ଦିନ ଭିତରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ମାସ ୧୩ ତାରିଖ ରାତି ପ୍ରାୟ ୧୨ଟା ସମୟରେ କେତେକ ଦୁର୍ବୃତ୍ତ ଆବାସିକ ବିଦ୍ୟାଳୟ ଭିତରେ ପଶି କିଛି ଛାତ୍ରୀଙ୍କୁ ପ୍ରଥମେ ଆକ୍ରମଣ କରିଥିଲେ। ପରେ ଜଣେ ଅଭିଯୁକ୍ତ ଛାତ୍ରୀ ନିବାସରେ ଥିବା ଜନୈକା ୮ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା। ଛାତ୍ରୀମାନେ ପାଟି କରିବାରୁ ହଷ୍ଟେଲରୁ ଉକ୍ତ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଏହାକୁ ଚପାଇଦେବା ସକାଶେ ଉଦ୍ୟମ କରିଥିଲେ। କିନ୍ତୁ ଗତ ଏପ୍ରିଲ ୩୦ ତାରିଖରେ ହଷ୍ଟେଲ ଛୁଟି ହେବାରୁ ନାବାଳିକା ଜଣଙ୍କ ଘରକୁ ଯାଇଥିବା ସମୟରେ ତାଙ୍କ ପ୍ରତି ହୋଇଥିବା ଦୁଷ୍କର୍ମ ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତୁରନ୍ତ ଏନେଇ ମାଛକୁଣ୍ଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ବିଜେଡିର ଏକ ଟିମ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ନିକଟରେ ଫେରାଦ ହୋଇ ରାଜ୍ୟ ସରକାର ଓ ପୁଲିସର ବିଫଳତାକୁ ଦାୟୀ କରିଥିଲା। ହଷ୍ଟେଲରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ହେଉଥିବା ବେଳେ ପୁଲିସ ମଧ୍ୟ ଯେପରି ସମ୍ବେଦନଶୀଳତା ପ୍ରଦର୍ଶନ କରିବା କଥା, ତାହା କରିନଥିବା ଟିମ୍ ଅଭିଯୋଗ କରିଥିଲା। ଏହି ପ୍ରସଙ୍ଗରେ ବିଜେଡି ଟିମ୍ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲା। ଏଥିସହ ଗତ ୧୦ ମାସରେ ଆଦିବାସୀ ହଷ୍ଟେଲରେ ଏପରି ୨୬ଟି ଘଟଣା ଘଟିଥିବା ବେଳେ ୬ ଜଣ ଆତ୍ମହତ୍ୟା କରିଥିଲେ ହେଁ ସରକାର ନିଦାବିଷ୍ଣୁ ସାଜିଛନ୍ତି ବୋଲି ଟିମ୍ ଅଭିଯୋଗ କରିଥିଲା। ଏଥିସହ ଆଦିବାସୀ ହଷ୍ଟେଲରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏପରି ଅଘଟଣରେ ବ୍ରେକ୍ ଲଗାଇବା ଦିଗରେ ପଦକ୍ଷେପ ନେବାକୁ ବିଜେଡି ପକ୍ଷରୁ ପରାମର୍ଶ ଦିଆଯାଇଥିଲା।

## ବୋଲେରୋରେ ଆସିଲେ, ଲୁଟିନେଲେ ୧୧ କିଲୋ ସୁନା

- ଆକ୍ରମଣରେ ଘର ମାଲିକ ଆହତ



ରାୟଗଡ଼ା,୧୩।୫(ସଂଚାର ବ୍ୟୁରୋ): ଘରେ ପଶି ସ୍ୱାମୀ-ସ୍ତ୍ରୀଙ୍କୁ ହାଣି ସୁନାଗହଣା ଲୁଟିନେଇଛନ୍ତି ଦୁର୍ବୃତ୍ତ। ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଗହଣା ସହ ଦୁର୍ବୃତ୍ତମାନେ ଘରୁ ଏକ ଆଲମିରା ଟେକି ନେଇଯାଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ପାଖାପାଖି ୧୧ କିଲୋ ଓଜନର ସୁନାଗହଣା ଲୁଟିନେଇଥିବା ଅଭିଯୋଗ ହୋଇଛି। ଗତକାଲି ବିଳମ୍ବିତ ରାତିରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଶିକରପାଇ ଗାଁରେ ଏହି ବଡ଼ ଧରଣର ଲୁଟ୍ ଘଟଣା ଘଟିଛି। ପ୍ରାୟ ୧୦ ଜଣ ଦୁର୍ବୃତ୍ତ ସିକରପାଇ ଗାଁର ବ୍ୟବସାୟୀ ଗୋପାଳଚେଟି ଉପେନ୍ଦ୍ରଙ୍କ ଘରେ ପଶି ଦମ୍ପତିଙ୍କୁ ଭୁଜାଲିରେ ଆକ୍ରମଣ କରି ଏପରି କାଣ୍ଡ ଭିଆଇଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଏକ ବୋଲୋରେରେ ଦୁର୍ବୃତ୍ତମାନେ ପହଞ୍ଚି ମାରଣାସ୍ତ୍ର ସହ ଉପେନ୍ଦ୍ରଙ୍କ ଘରେ ପଶିଥିଲେ। ସେମାନେ ଉପେନ୍ଦ୍ର ଓ ତାଙ୍କ ପତ୍ନୀଙ୍କୁ ଭୁଜାଲିରେ ଆକ୍ରମଣ କରି ଘରୁ ଲୁଟପାଟ୍ କରିଥିଲେ। ଦୁର୍ବୃତ୍ତମାନେ ଉପେନ୍ଦ୍ରଙ୍କ ପତ୍ନୀ ପିନ୍ଧିଥିବା ପ୍ରାୟ ୧୪ ଭରି ଓଜନର ସୁନା ଅଳଙ୍କାର ଲୁଟ୍ କରିବା ସହ ଘରେ ଥିବା ଏକ ପୁରୁଣା ଆଲମିରା ମଧ୍ୟ ଉଠାଇ ନେଇଛନ୍ତି। ସେଥିରେ ପ୍ରାୟ ୧୧ କିଗ୍ରା ଓଜନର ସୁନା ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଦୁର୍ବୃତ୍ତଙ୍କ ଭୁଜାଲି ଆକ୍ରମଣରେ ଉପେନ୍ଦ୍ର ସାମାନ୍ୟ ଆହତ ହୋଇଛନ୍ତି। ଏନେଇ ଖବର ପାଇ ରାୟଗଡ଼ା ଏସଡିପିଓ ଗୌରହରୀ ସାହୁ ଓ କଲ୍ୟାଣସିଂହପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରୁଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଲୁଟେରାଙ୍କ ସମ୍ପର୍କରେ କୌଣସି ପ୍ରକାର ସୂତ୍ର ପାଇପାରିନାହାନ୍ତି। ଏନେଇ ପୁଲିସ ପକ୍ଷରୁ ମଧ୍ୟ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

## 'ଆମ ବସ୍' ଡ୍ରାଇଭର-କଣ୍ଡକ୍ଟରଙ୍କ ଆନ୍ଦୋଳନ



ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ରାଜଧାନୀରେ ଠପ୍ ହୋଇଛି 'ଆମ ବସ୍' ସେବା। କାରଣ 'ଆମ ବସ୍' ସେବା ସହ ଜଡ଼ିତ ଡ୍ରାଇଭର୍ ଓ କଣ୍ଡକ୍ଟରମାନେ ଡିପୋରେ ବସ୍ ଛିଡ଼ା କରି ଆନ୍ଦୋଳନରେ ବସିଛନ୍ତି। ବିନା କାରଣରେ ଅନେକ ସମୟରେ ସ୍ଥାନୀୟ ଲୋକେ ଡ୍ରାଇଭର ଓ କଣ୍ଡକ୍ଟରକୁ ମାଡ଼ ମାରିବା ଘଟଣାର ସମାଧାନ ଦାବି ନେଇ ଏହି ଡ୍ରାଇଭର୍ ଓ କଣ୍ଡକ୍ଟରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟ ସରକାର ସୁରକ୍ଷା ଦେଲେ ହିଁ ସେମାନେ ଗାଡ଼ି ଚଲାଇବେ ବୋଲି ଜିଦ୍ ଧରିଛନ୍ତି। ନଚେତ୍ ଗାଡ଼ି ଗଡିବ ନାହିଁ ବୋଲି ସେମାନେ ରୋକ୍‌ଠୋକ୍ କହିଛନ୍ତି। ଯାହାଫଳରେ ରାଜଧାନୀରେ ଯାତ୍ରୀମାନେ ଆଜି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।
ମିଳିଥିବା ସୂଚନାନୁସାରେ, ଗତକାଲି ସମ୍ ହସ୍ପିଟାଲ ଡିପୋରେ ଜଣେ 'ଆମ ବସ୍' କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ବସ୍ ଯାଉଥିବା ସମୟରେ ଧୂଳି ଉଡିବାରୁ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଡିପୋରେ ପଶି କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ 'ଆମ ବସ୍' କର୍ମଚାରୀମାନେ ପ୍ରତିକ୍ରିୟାଶୀଳ ହେବା ସହ ସେମାନଙ୍କୁ ସରକାର ସୁରକ୍ଷା ଦେବା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀଙ୍କ ଯୋଗଦାନ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୫-୨୬ ବର୍ଷରେ ବଜେଟ୍ ପ୍ରାବଧାନ ଅନୁସାରେ ରାଜ୍ୟ ସରକାରଙ୍କ ବିଭିନ୍ନ ନୂତନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଛି। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଯେଉଁସବୁ ସ୍ଥାନରେ ପାନୀୟ ଜଳ ସମସ୍ୟା ରହିଛି, ତା'ର ତୁରନ୍ତ ସମାଧାନ ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖୋଲାଯାଇଥିବା ଜଳଛତ୍ର ଯେପରି ଠିକ୍ ଭାବେ କାର୍ଯ୍ୟକ୍ଷମ ହୁଏ, ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦେବା ସକାଶେ ବୈଠକରେ ଆଲୋଚନା ହୋଇଛି। ବିଭିନ୍ନ ଗଣମାଧ୍ୟମରେ ସାମ୍ନାକୁ ଆସୁଥିବା ପାନୀୟ ଜଳ ସମ୍ପର୍କିତ ଖବର ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ସମସ୍ୟାର ସମାଧାନ କରିବା ସକାଶେ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗରେ ଖାଲି ଥିବା ପଦବୀ ସମ୍ପର୍କରେ ବିଭାଗରେ ନିୟମିତ ସମୀକ୍ଷା କରାଯିବା ସହ ସେସବୁ ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହାଛଡ଼ା ସରକାରୀ କର୍ମଚାରୀଙ୍କ ଅବସରକାଳୀନ ପ୍ରାପ୍ୟ ଓ ପେନସନ ପ୍ରଦାନକୁ ସହଜ କରିବାକୁ ଜନଶୁଣାଣି ପୋର୍ଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥାର ମଧ୍ୟ ବିକଶିତ କରାଯାଇଛି। ଏହାକୁ କର୍ମଚାରୀମାନେ ବ୍ୟବହାର କରିବା ସକାଶେ ପରାମର୍ଶ ଦେବା ସହ ଏଥିରେ କି କି ସମସ୍ୟା ରହୁଛି, ତା'ର ତର୍ଜମା କରି ଅଧିକ ସହାୟତା ପାଇଁ ପଦକ୍ଷେପ ନେବା ସକାଶେ ମୁଖ୍ୟ ସଚିବ ପରାମର୍ଶ ଦେଇଥିଲେ। ଆଗାମୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଭିଜନ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ବିଭାଗ ସାମଗ୍ରିକ ନିଷ୍ପତ୍ତି ନେବାର ଆବଶ୍ୟକତା ସମ୍ପର୍କରେ ମଧ୍ୟ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗୀୟ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ଜିଲ୍ଲାଗସ୍ତ ପର୍ଯ୍ୟବେକ୍ଷଣ ସମ୍ପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେବା ସହ ଏ ସମ୍ପର୍କିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ଜିଲ୍ଲାରେ ସମ୍ପୂର୍ଣ୍ଣ ହୋଇଥିବା କ୍ରୀଡ଼ା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି, ଛାତ୍ରାବାସ ଭଳି ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯିବା ଏବଂ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ନେଇ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ନିଷ୍ପତ୍ତି ନେବା ପ୍ରକ୍ରିୟା ଆଦିରେ ତଥ୍ୟର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହୁଥିବା ଦୃଷ୍ଟିରୁ ପ୍ରତି ବିଭାଗରେ ଡାଟା ଅଧିକାରୀମାନଙ୍କୁ ପଦନାମିତ କରାଯିବା ସହ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ରାଜ୍ୟରେ ଅଧିକରୁ ଅଧିକ ବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀ (ସିଭିଲ ଡିଫେନ୍ସ ଭଲ୍ୟୁଣ୍ଟିୟର)ଙ୍କ ଯୋଗଦାନ ନେଇ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ରାଜ୍ୟରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ବର୍ତ୍ତମାନର ସ୍ଥିତି, ଜରୁରୀକାଳୀନ ସହାୟତା ସହ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସେମାନଙ୍କର ଭୂମିକା ଓ ଆବଶ୍ୟକତା ସମ୍ପର୍କରେ ଉପସ୍ଥାପନ କରି ଅଧିକ ସ୍ୱେଚ୍ଛାସେବୀ ମୁତୟନ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପମାନ ଉପସ୍ଥାପନ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ୟୁପିଆଇ ସେବାର ପୁଣି ବିଭ୍ରାଟ

ନୂଆଦିଲ୍ଲୀ: ଭାରତ ଏକ ଡିଜିଟାଲ୍ ଅର୍ଥନୀତିରେ ପରିଣତ ହୋଇଥିବା ବେଳେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ପେମେଣ୍ଟ ଲୋକମାନଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶରେ ପରିଣତ ହୋଇଛି। ସୋମବାର ସନ୍ଧ୍ୟାରେ ପୁଣି ଏହି ସେବାରେ ବଡ଼ ଧରଣର ବିଭ୍ରାଟ ଘଟିଥିଲା ଯାହା ଚଳିତ ମାସରେ ତୃତୀୟ ଥର ପାଇଁ ଦେଖିବାକୁ ମିଳିଛି। ଗୁଗୁଲ୍‌ପେ, ଫୋନ୍‌ପେ, ପେଟିଏମ୍ ଭଳି ଲୋକପ୍ରିୟ ୟୁପିଆଇ ଆପ୍‌ଗୁଡ଼ିକୁ ବ୍ୟବହାର କରୁଥିବା ଲୋକମାନେ ଜିନିଷ କିଣାକିଣି କରି ପେମେଣ୍ଟ କରିବା ବେଳେ ଅସୁବିଧା ଭୋଗିଥିଲେ। ବ୍ୟବସାୟୀମାନେ ମଧ ବେଶ୍ ହଇରାଣ ହୋଇଥିଲେ। ୟୁପିଆଇ ସେବା ଡାଉନ୍ ଥିବା ଡାଉନ୍‌ଡିଟେକ୍ଟର ୱେବସାଇଟ୍‌ରୁ ଜଣାପଡ଼ିଥିଲା। ସୋସିଆଲ୍ ମିଡ଼ିଆ ପ୍ଲାଟଫର୍ମଗୁଡ଼ିକରେ ମଧ ଲୋକମାନେ ଏନେଇ ଅଭିଯୋଗ କରିଥିଲେ। ଭାରତରେ ହେଉଥିବା ଡିଜିଟାଲ୍ ପେମେଣ୍ଟର ସର୍ବାଧିକ ୪୭.୨୫ ପ୍ରତିଶତ ଫୋନ୍‌ପେ ପ୍ରକ୍ରିୟାକରଣ କରୁଛି।



## ବଜାରକୁ ଆସିଲା 'ହାଇଫାଇ' ଇଲେକ୍ଟ୍ରିକ୍ ସ୍କୁଟର

### ଦାମ ମାତ୍ର ୪୨ ହଜାର



ମୁମ୍ବାଇ, ୧୩ା୫: ମୁମ୍ବାଇର ଇଭି କମ୍ପାନୀ ଓଡେଶୀ ଇଲେକ୍ଟ୍ରିକ୍ ଏହି କମ୍-ସ୍ପିଡ୍ ଇଲେକ୍ଟ୍ରିକ୍ ସ୍କୁଟରକୁ ମାତ୍ର ୪୨,୦୦୦ ଟଙ୍କା (ଏକ୍ସ-ଶୋରୁମ୍) ର ପ୍ରାରମ୍ଭିକ ମୂଲ୍ୟରେ ଲଞ୍ଚ କରିଛି। ମୂଲ୍ୟ ଏବଂ ଫିଚର୍ସ ଦୃଷ୍ଟିରୁ ଏହାକୁ ଏକ ବହୁତ ବଡ଼ କଥା ବୋଲି ବିବେଚନା କରାଯାଏ। ଓଡେଶୀ ହାଇଫାଇ ବିଶେଷ ଭାବରେ ସହରାଞ୍ଚଳ ଯାତ୍ରୀଙ୍କ ପାଇଁ ଡିଜାଇନ୍ କରାଯାଇଛି। ଏହାର ସର୍ବାଧିକ ଗତି ୨୫ କିଲୋମିଟର ପ୍ରତି ଘଣ୍ଟା, ଯାହା ଯୋଗୁଁ ଏହାକୁ ଆରଟିଓ ପଞ୍ଜୀକରଣ କିମ୍ବା ଡ୍ରାଇଭିଂ ଲାଇସେନ୍ସର ଆବଶ୍ୟକତା ନାହିଁ, ଅର୍ଥାତ୍ ଆପଣ ଏହାକୁ କମ୍ ଖର୍ଚ୍ଚରେ ଏବଂ କୌଣସି ଆଇନଗତ ଅସୁବିଧା ବିନା ଚଲାଇପାରିବେ। ଥରେ ଫୁଲ୍ ଚାର୍ଜ ହେବା ପରେ, ଏହି ସ୍କୁଟରଟି ୭୦ ରୁ ୮୯ କିଲୋମିଟରର ଦୂରତା ଅତିକ୍ରମ କରିପାରିବ। ଯାହା ସହର ମଧ୍ୟରେ ଦୈନନ୍ଦିନ ବ୍ୟବହାର ପାଇଁ ଉପଯୁକ୍ତ। ହାଇଫାଇ ଏକ ୨୫୦ଡବ୍ଲ୍ୟୁ ମୋଟର ସହିତ ସଜ୍ଜିତ। ଏଥିରେ ଦୁଇଟି ବ୍ୟାଟେରୀ ଅପ୍ସନ ଅଛି: ୪୮ଭି ଏବଂ ୬୦ଭି। ଏହି ବ୍ୟାଟେରୀଗୁଡ଼ିକୁ ଚାର୍ଜ କରିବାକୁ ୪ ରୁ ୮ ଘଣ୍ଟା ସମୟ ଲାଗେ। ଏହି ସ୍କୁଟରଟି ଅଧିକ ଶବ୍ଦ ବିନା ଚାଲିଥାଏ। ଓଡେଶୀ ହାଇଫାଇ କୁ କେବଳ ଏକ ବଜେଟ୍ ସ୍କୁଟର ଭାବରେ ବିଚାର କରିବା ଭୁଲ ହେବ, କାରଣ ଏହାକୁ ଏକ ସ୍ମାର୍ଟ ମୋବିଲିଟି ସଲ୍ୟୁସନ ଭାବରେ ପ୍ରଚଳନ କରାଯାଇଛି। ଏଥିରେ ଏପରି ଅନେକ ଆଡ଼ଭାନ୍ସ ଫିଚର୍ସ ରହିଛି ଯାହା ସାଧାରଣତଃ କେବଳ ମହଙ୍ଗା ସ୍କୁଟରରେ ଦେଖାଯାଏ। ଏହି ସ୍କୁଟରଟି କି'ଲେସ୍ ଷ୍ଟାର୍ଟ ଏବଂ ଷ୍ଟାର୍ଟ/ଷ୍ଟପ୍ ବଟନ୍ ସହିତ ଦିଆଯାଇଛି, ଯାହା ଏହାକୁ ଅନ୍ ଏବଂ ଅଫ୍ କରିବା ବହୁତ ସହଜ କରିଥାଏ। ଏଥିରେ ସିଟି ରାଇଡ୍ ମୋଡ୍, ରିଭର୍ସ ମୋଡ୍ ଏବଂ ପାର୍କିଂ ମୋଡ୍ ଭଳି ସ୍ମାର୍ଟ ମୋଡ୍ ଅଛି। ଦୀର୍ଘ ଯାତ୍ରା ପାଇଁ ଏଥିରେ କ୍ରୁଜ୍ କଣ୍ଟ୍ରୋଲ ଭଳି ଏକ ଫିଚର୍ସ ମଧ ପ୍ରଦାନ କରାଯାଇଛି। ଯାହା ଦ୍ୱାରା ରାଇଡର୍ କ୍ଲାନ୍ତ ଅନୁଭବ କରିବେ ନାହିଁ। ଏହା ବ୍ୟତୀତ ଏଥିରେ ଏକ ଏଲଇଡି ଡିଜିଟାଲ୍ ମିଟର ଅଛି, ଯାହା ବ୍ୟାଟେରୀ ଲେଭେଲ, ସ୍ପିଡ୍ ଏବଂ ରାଇଡ୍ ମୋଡ୍ ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ଏକ ନଜରରେ ଦେଖାଏ। ଏହା ସହିତ ସିଟ୍ ତଳେ ଷ୍ଟୋରେଜ୍ ମଧ ଉପଲବ୍ଧ। ଯେଉଁଠାରେ ଆପଣ ହେଲମେଟ୍ କିମ୍ବା ଅନ୍ୟାନ୍ୟ ଜିନିଷ ରଖିପାରିବେ। ଯଦି ଆମେ ଲୁକ୍ ବିଷୟରେ କଥା ହେବା, ତେବେ କମ୍ପାନୀ ପାଞ୍ଚଟି ଆକର୍ଷଣୀୟ କଲରରେ ଓଡେଶୀ ହାଇଫାଇ ପ୍ରଚଳନ କରିଛି। ଏଥିରେ ରୟାଲ ମେଟ୍ ବ୍ଲୁ, ସେରାମିକ ସିଲଭର, ୱୋରୋ ମେଟ ବ୍ଲାକ୍, ଫ୍ଲେର ରେଡ ଏବଂ ଜେଡ୍ ଗ୍ରୀନ ସାମିଲ ରହିଛି। ଏହି ସମସ୍ତ କଲର୍ ଅପ୍ସନ୍ ସହିତ ଏହି ସ୍କୁଟରଟି ପ୍ରତ୍ୟେକ ବୟସ ଏବଂ ରୁଚିର ଲୋକଙ୍କୁ ଆକର୍ଷିତ କରେ। ଓଡେଶୀ ହାଇଫାଇର ସେଲ୍ ୧୦ ମଇ, ୨୦୨୫ ରୁ ଆରମ୍ଭ ହେବା ଗ୍ରାହକମାନେ ଏହାକୁ ଦେଶବ୍ୟାପୀ ଓଡେଶୀ ଡିଲରସିପ୍ ନେଟୱାର୍କ କିମ୍ବା ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମରୁ ସହଜରେ ବୁକ୍ କରିପାରିବେ। ଏହା ବ୍ୟତୀତ କମ୍ପାନୀ ପ୍ରାରମ୍ଭିକ ଗ୍ରାହକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ଅଫର ମଧ ଘୋଷଣା କରିଛି ଯେଉଁଥିରେ ସ୍ୱତନ୍ତ୍ର ଡିସକାଉଣ୍ଟ ଏବଂ ଏକ୍ସଟ୍ରା ୱାରେଣ୍ଟି ସୁବିଧା ସାମିଲ ଥାଏ। ଯଦି ଆପଣ ଏକ ସୁଲଭ, ସ୍ମାର୍ଟ ଏବଂ ନିର୍ଭରଯୋଗ୍ୟ ଇଲେକ୍ଟ୍ରିକ୍ ସ୍କୁଟର କିଣିବାକୁ ଚାହୁଁଛନ୍ତି ତେବେ ଏହି ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ।

## ବିଭିନ୍ନ ସହରକୁ ବିମାନ ଚଳାଚଳ ବନ୍ଦ କଲେ ଏୟାର୍ ଇଣ୍ଡିଆ ଓ ଇଣ୍ଡିଗୋ



ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ ମେ ୧୩ ପାଇଁ ଉତ୍ତର ଏବଂ ପଶ୍ଚିମ ଭାରତର ଅନେକ ସହରକୁ ବିମାନ ଚଳାଚଳ ସ୍ଥଗିତ ରଖିଛନ୍ତି। କାରଣ ଗତକାଲି ରାତିରେ ପାକିସ୍ତାନ ପୁଣି ଥରେ ସୀମାରେ ଡ୍ରୋନ୍ ଛାଡ଼ିଥିବା ରିପୋର୍ଟ ହୋଇଛି। ଇଣ୍ଡିଗୋ ଶନିବାର ରାତି ୧୧:୫୯ ପର୍ଯ୍ୟନ୍ତ ଶ୍ରୀନଗର, ଜମ୍ମୁ, ଅମୃତସର, ଲେହ, ଚଣ୍ଡିଗଡ଼ ଏବଂ ରାଜକୋଟକୁ ସମସ୍ତ ବିମାନ ଚଳାଚଳ ବାତିଲ କରିଛି। ଏକ ବିବୃତି ଜାରି କରି ବିମାନ କମ୍ପାନୀ ଇଣ୍ଡିଗୋ କହିଛି, "ଏହା କିପରି ଆପଣଙ୍କ ଯାତ୍ରା ଯୋଜନାକୁ ବାଧା ଦେଉପାରେ ତାହା ଆମେ ବୁଝିପାରୁଛୁ। ଅସୁବିଧା ପାଇଁ ଆମେ ଦୁଃଖିତ। ଆମର ଟିମ୍ ସକ୍ରିୟ ଭାବରେ ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ଆପଣଙ୍କୁ ପରବର୍ତ୍ତୀ ଅପଡେଟ୍ ବିଷୟରେ ତୁରନ୍ତ ସୂଚନା ଦେବେ।" ସେହିପରି ଏୟାର ଇଣ୍ଡିଆ ଜମ୍ମୁ, ଲେହ, ଯୋଧପୁର, ଅମୃତସର, ଭୁଜ, ଜାମନଗର, ଚଣ୍ଡିଗଡ଼ ଏବଂ ରାଜକୋଟକୁ ଦୁଇ-ପାଖ ବିମାନ ବାତିଲ କରିବାର ଘୋଷଣା ମଧ କରିଛି। ଏୟାରଲାଇନ୍ସ ଏକ୍ସରେ ଅପଡେଟ୍ ସେୟାର କରି କହିଛି, "ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ଆପଣଙ୍କ ସୁରକ୍ଷାକୁ ଧ୍ୟାନରେ ରଖି, ମଙ୍ଗଳବାର (୧୩ ମେ) ପାଇଁ ଜମ୍ମୁ, ଲେହ, ଯୋଧପୁର, ଅମୃତସର, ଭୁଜ, ଜାମନଗର, ଚଣ୍ଡିଗଡ଼ ଏବଂ ରାଜକୋଟକୁ ବିମାନ ଚଳାଚଳ ବାତିଲ କରାଯାଇଛି। ଆମେ ପରିସ୍ଥିତି ଉପରେ ନଜର ରଖୁଛୁ ଏବଂ ଆପଣଙ୍କୁ ଅପଡେଟ୍ ରଖିବୁ।" ସୋମବାର ସନ୍ଧ୍ୟାରେ ସମ୍ବାଦ ସଂସ୍ଥା ପିଟିଆଇ ରିପୋର୍ଟ ଅନୁଯାୟୀ, ଅମୃତସରରେ ସତର୍କତାମୂଳକ ବ୍ଲାକଆଉଟ୍ ବ୍ୟବସ୍ଥା ଲାଗୁ କରାଯିବା ପରେ ଅମୃତସର ଅଭିମୁଖେ ଯାଉଥିବା ଏକ ଇଣ୍ଡିଗୋ ବିମାନ ଦିଲ୍ଲୀ ଫେରି ଆସିଥିଲା। ସାମ୍ବା, ଅଖନୁର, ଜୈସଲମେର ଏବଂ କାଠୁଆରେ ଡ୍ରୋନ୍ ଦେଖାଯିବା ପରେ ଏୟାରଲାଇନ୍ସ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତଥାପି, ଭାରତୀୟ ସେନା ମଙ୍ଗଳବାର ସ୍ପଷ୍ଟ କରିଛି ଯେ ସମ୍ପ୍ରତି କୌଣସି ଡ୍ରୋନ୍ କାର୍ଯ୍ୟକଳାପ ଚିହ୍ନଟ ହୋଇନାହିଁ ଏବଂ ଯୁଦ୍ଧବିରତି ଅକ୍ଷୁର୍ଣ୍ଣ ରହିଛି।

## ସେନ୍‌ସେକ୍ସରେ ୨୯୭୫ ପଏଣ୍ଟ ବୃଦ୍ଧି

### ନିବେଶକଙ୍କୁ ୧୩ଲକ୍ଷ କୋଟି ଫାଇଦା



ନୂଆଦିଲ୍ଲୀ, ୧୩ା୫: ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗିରହିଥିବା ଉତ୍ତେଜନା ପ୍ରଶମିତ କରିବା ଲାଗି ଅସ୍ତ୍ରବିରତି ଘୋଷଣା ହେବା ପରେ ନିବେଶକମାନେ ଉଲ୍ଲସିତ ହୋଇପଡ଼ିଛନ୍ତି। ଏକ ବଡ଼ ଧରଣର ସଙ୍କଟ ଟଳିଯାଇଥିବାରୁ ସେମାନେ ମନ ଖୋଲି ସେୟାର କିଣିବାରେ ନିବେଶ କରିଛନ୍ତି। ତାହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୨୯୭୫ ପଏଣ୍ଟ ବୃଦ୍ଧି ପାଇ ୮୨,୪୨୯ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ ୯୧୭ ପଏଣ୍ଟ ବୃଦ୍ଧି ପାଇ ୨୪,୯୨୪ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ହୋଇଥିବା ବୃଦ୍ଧି ଗତ ଚାରି ବର୍ଷ ମଧ୍ୟରେ ଗୋଟିଏ ଦିନ ଘଟିଥିବା ସର୍ବୋଚ୍ଚ ବୃଦ୍ଧି। ସେନ୍‌ସେକ୍ସରେ ଘଟିଥିବା ବୃଦ୍ଧି ପ୍ରଭାବରେ ନିବେଶକମାନଙ୍କୁ ୧୩.୧ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଛି। ଷ୍ଟକ୍ ବଜାରରେ ତାଲିକାଭୁକ୍ତ ଥିବା କମ୍ପାନିଗୁଡ଼ିକର ମୋଟ୍ ବଜାର ପୁଞ୍ଜି ପରିମାଣ ୪୨୯.୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବୈଦେଶିକ ସଂସ୍ଥାଗତ ନିବେଶକମାନେ ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ବଜାଜ୍ ଫାଇନାନ୍ସ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏଲ୍‌ଆଣ୍ଡ୍‌ଟି, ଭାରତୀ, ଅଲ୍‌ଟ୍ରାଟେକ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଓ ଆଇସର୍ ସେୟାରକୁ ପସନ୍ଦ କରିଥିଲେ। ଏହା ବ୍ୟତୀତ ନିବେଶକମାନେ ସୂଚନା ପ୍ରଯୁକ୍ତି ଓ ଡିଜିଟାଲ୍ କମ୍ପାନିଗୁଡ଼ିକର ଷ୍ଟକ୍‌ରେ ମଧ ନିବେଶ କରିଛନ୍ତି। ଅସ୍ତ୍ରବିରତି ଘୋଷଣା କେବଳ ଭାରତ ନୁହେଁ, ପାକିସ୍ତାନ ଷ୍ଟକ୍ ବଜାରରେ ମଧ ଉତ୍ସାହ ଫେରାଇ ଆଣିଛି। କରାଚି ଷ୍ଟକ୍ ଏକ୍ସଚେଞ୍ଜର ସୂଚୀ କେଏସ୍‌ଇ-୧୦୦ ସୋମବାର ଗୋଟିଏ ଦିନରେ ୧୦,୧୧୨ ପଏଣ୍ଟ ବୃଦ୍ଧି ପାଇ ୧,୧୭,୨୮୭ ପଏଣ୍ଟରେ ବନ୍ଦ ହୋଇଛି। ପାକିସ୍ତାନରେ ଥିବା ଆତଙ୍କବାଦୀ ଘାଟିଗୁଡ଼ିକ ଉପରେ ଭାରତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଏହି ସୂଚୀ ୧,୨୦,୦୦୦ ପଏଣ୍ଟ ଉପରେ ଥିଲା। ଉତ୍ତେଜନା ବଢ଼ିବା ସହିତ ସେଥିରେ ୧୩ ହଜାର ପଏଣ୍ଟ ହ୍ରାସ ଘଟିଥିଲା, ଯାହାର ପ୍ରଭାବରେ ସେଠାକାର ନିବେଶକମାନେ ପ୍ରାୟ ୮୨ ହଜାର କୋଟି ଟଙ୍କା ହରାଇଥିଲେ।

## ଆମେରିକା-ଚୀନ୍ ଟାରିଫ୍ ଯୁଦ୍ଧରେ ବିରାମ

## ପରସ୍ପର ଉପରୁ ଶୁଳ୍କ ୧୧୫% କମାଇଲେ




ନୂଆଦିଲ୍ଲୀ: ଆମେରିକା ଓ ଚୀନ୍ ମଧ୍ୟରେ ଶୁଳ୍କକୁ ନେଇ ଐତିହାସିକ ସହମତି ହେବା ସହ ସମଗ୍ର ବିଶ୍ୱ ଉପରେ ଶୁଳ୍କ ଲଢ଼େଇର ଯେଉଁ କଳାବାଦଲ ରହିଥିଲା ତାହା ଦୂର ହୋଇଛି। ସମଗ୍ର ବିଶ୍ୱର ଅର୍ଥନୀତି ଅନିଶ୍ଚିତତାରୁ ବାହାରି ସ୍ଥିରତା ଆଡ଼କୁ ଫେରିଛି। ନିରପେକ୍ଷ ସ୍ଥାନ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଉଭୟ ଦେଶର ପ୍ରତିନିଧି ଶୁଳ୍କକୁ ନେଇ ଆଲୋଚନା କରିଥିଲେ। ଦୁଇ ଦିନ ମଧ୍ୟରେ ସେମାନଙ୍କ ଭିତରେ ସହମତି ହୋଇଛି। ଉଭୟ ଦେଶ ପରସ୍ପର ଉପରୁ ଶୁଳ୍କରେ ୧୧୫ ପ୍ରତିଶତ ହ୍ରାସ ଘୋଷଣା କରିଛନ୍ତି। ତେବେ ୯୦ ଦିନ ପାଇଁ ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଆଲୋଚନା ପରେ ଆମେରିକା ଉପରେ ଚୀନ୍ ଲଗାଇଥିବା ଶୁଳ୍କ ପରିମାଣ ୧୦ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ଚୀନ୍ ଉପରେ ଆମେରିକା ଲଗାଇଥିବା ଶୁଳ୍କ ୩୦ ପ୍ରତିଶତକୁ ଖସିଆସିଛି। ଚଳିତ ବର୍ଷ ଏପ୍ରିଲ୍ ୨ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ପାଲଟା ଶୁଳ୍କ ଲଗାଇବା ବେଳେ ଚୀନ୍ ଉପରେ ସର୍ବାଧିକ ୩୪ ପ୍ରତିଶତ ଟିକସ ଲଗାଇଥିଲେ ଓ ଜବାବୀ ଟିକସ ଲଗାଇଲେ ଶୁଳ୍କ ଆହୁରି ବଢ଼ିବ ବୋଲି ସେ ଧମକ ଦେଇଥିଲେ। ତାଙ୍କ କଥାକୁ ନ ଶୁଣି ଚୀନ୍ ଜବାବୀ ଶୁଳ୍କ ଲଗାଇଥିଲା। ବିଭିନ୍ନ ପର୍ଯ୍ୟାୟରେ ଶୁଳ୍କ ବଢ଼ାଇ ଚୀନ୍ ଉପରେ ଆମେରିକା ଏହାର ଶୁଳ୍କକୁ ୧୪୫ ପ୍ରତିଶତ ଓ ଆମେରିକା ଉପରେ ଚୀନ୍ ତାହାର ଶୁଳ୍କକୁ ୧୨୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇଥିଲା।




## ଅଲ୍ଟୋ, ୱାଗନ ଆର ଓ ସେଲେରିଓ କାରରେ ଦିଆଯିବ ୬ଟି ଏୟାରବ୍ୟାଗ

ନୂଆଦିଲ୍ଲୀ, ୧୩ା୫: ଅଗ୍ରଣୀ ଅଟୋମୋବାଇଲ୍ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ସୋମବାର କହିଛି ଯେ ଏହା ଅଲ୍ଟୋ କେ୧୦, ୱାଗନ ଆର, ସେଲେରିଓ ଏବଂ ଇକୋ ମଡେଲର ସମସ୍ତ ପ୍ରକାରରେ ଗ୍ରାହକମାନଙ୍କୁ ଛଅଟି ଏୟାରବ୍ୟାଗ୍ ପ୍ରଦାନ କରିବ। ଦେଶର ସର୍ବବୃହତ କାର୍ ନିର୍ମାତା ଏକ ବିବୃତ୍ତିରେ କହିଛନ୍ତି ଯେ ଏହି ପଦକ୍ଷେପ ବିଭିନ୍ନ କ୍ଷେତ୍ରର ଗ୍ରାହକମାନଙ୍କୁ ଉନ୍ନତ ସୁରକ୍ଷା ପ୍ରଦାନ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ମାରୁତି ସୁଜୁକି ଇଣ୍ଡିଆର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ (ମାର୍କେଟିଂ ଏବଂ ବିକ୍ରୟ) ପାର୍ଥୋ ବାନାର୍ଜୀ ଏକ ବିବୃତ୍ତିରେ କହିଛନ୍ତି, "ଭାରତର ଦ୍ରୁତ ଗତିରେ ବିସ୍ତାରିତ ଆଧୁନିକ ସଡ଼କ ଭିତ୍ତିଭୂମି, ହାଇ-ସ୍ପିଡ୍ ଏକ୍ସପ୍ରେସ୍ ୱେ ଏବଂ ଗତିଶୀଳତା ଧାରା ଦର୍ଶାଉଛି ଯେ ଦୃଢ଼ ସୁରକ୍ଷା ପଦକ୍ଷେପର ଆବଶ୍ୟକତା ପୂର୍ବରୁ କେବେ ଅଧିକ ହୋଇନଥିଲା।" ପାର୍ଥୋ ବାନାର୍ଜୀ କହିଛନ୍ତି ଯେ ୱାଗନ୍ ଆର୍, ଅଲ୍ଟୋ କେ୧୦, ସେଲେରିଓ ଏବଂ ଇକୋରେ ୬ଟି ଏୟାରବ୍ୟାଗ୍ ମାନକ କରିବାର ନିଷ୍ପତ୍ତି ସହିତ, କମ୍ପାନୀ ସମସ୍ତଙ୍କ ପାଇଁ ଉନ୍ନତ ସୁରକ୍ଷା ଉପଲବ୍ଧ ହେବା ସୁନିଶ୍ଚିତ କରୁଛି। ବାନାର୍ଜୀ କହିଛନ୍ତି, "ଏହି ମଡେଲଗୁଡ଼ିକର ବିପୁଳ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି, ଏହି ପଦକ୍ଷେପ ବହୁ ସଂଖ୍ୟକ ଗାଡ଼ି ଚାଳକଙ୍କ ପାଇଁ ସୁରକ୍ଷା ମାନଦଣ୍ଡକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ।" କମ୍ପାନୀ ଏହାର ଆରେନା ବିକ୍ରୟ ନେଟୱାର୍କ ମାଧ୍ୟମରେ ୱାଗନ ଆର, ଅଲ୍ଟୋ କେ୧୦, ସେଲେରିଓ ଏବଂ ଇକୋ ଭଳି ମଡେଲ ବିକ୍ରି କରୁଥିବା ବେଳେ ଏହା ନେକ୍ସା ନେଟୱାର୍କ ମାଧ୍ୟମରେ ବାଲେନୋ, ଗ୍ରାଣ୍ଡ ଭିଟାରା ଏବଂ ଇନଭିକ୍ଟୋ ଭଳି ପ୍ରିମିୟମ୍ ମଡେଲ ବିକ୍ରି କରେ। ଜାପାନୀ ଅଟୋମୋବାଇଲ୍ ପ୍ରମୁଖ ସୁଜୁକି ମୋଟର କର୍ପୋରେସନ ସୋମବାର କହିଛି ଯେ ଏହା ଆଶା କରୁଛି ଯେ ୨୦୨୫-୨୬ରେ ଭାରତୀୟ ବଜାରରେ ଏହାର ଯାତ୍ରୀବାହୀ ଯାନର ମୋଟ ବିକ୍ରୟ ପ୍ରାୟ ୧-୨ ପ୍ରତିଶତ ବୃଦ୍ଧି ପାଇବ।




### ଇକ୍ରା ରିପୋର୍ଟ

ଭୁବନେଶ୍ୱର, ୧୩ା୫: ଗତ ଦଶନ୍ଧିରେ ଅର୍ଥନୈତିକ ଅଭିବୃଦ୍ଧିରେ ଦେଶର ବିଭିନ୍ନ ରାଜ୍ୟ ଗୁଡ଼ିକ ମଧ୍ୟରେ ବଡ଼ ପାର୍ଥକ୍ୟ ରହିଛି। ଏଭଳି ସ୍ଥିତିରେ ଅର୍ଥନୀତିର ବିଭିନ୍ନ ମାନକକୁ ଦେଖିଲେ କର୍ଣ୍ଣାଟକ, ଓଡ଼ିଶା ଏବଂ ତେଲଙ୍ଗାନା ଭଳି ରାଜ୍ୟ ଗୁଡ଼ିକ ଟପ୍ ପରଫର୍ମର ଭାବେ ଉଭା ହୋଇଛନ୍ତି। ଗୁଜରାଟ ଏବଂ ଓଡ଼ିଶା ଶିଳ୍ପ ଭିତ୍ତିକ ଅଭିବୃଦ୍ଧି ଉପରେ ଏବେ ଫୋକସ କରିଛନ୍ତି। ଦଶନ୍ଧି ଧରି ଓଡ଼ିଶାର ଶିଳ୍ପ କ୍ଷେତ୍ର ବାର୍ଷିକ ୧୦% ହାରରେ ବଢ଼ିଛି। ଏ କ୍ଷେତ୍ରରେ ସବୁ ରାଜ୍ୟକୁ ପଛରେ ପକାଇ ଦେଇଥିବା ଇକ୍ରା ରିପୋର୍ଟରେ ପ୍ରକାଶ ପାଇଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ରାଜ୍ୟ ଜିଡିପିରେ ଶିଳ୍ପର ଯୋଗଦାନ ୫୧% ଛୁଇଁଛି। ଏହା ମଧ ସାରା ଦେଶରେ ସର୍ବାଧିକ। ବିନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଯୋଗୁ ଏହା ହୋଇପାରିଛି। ସ୍ଥାୟୀ ମୂଲ୍ୟକୁ ଦେଖିଲେ ମୋଟ ରାଜ୍ୟ ମୂଲ୍ୟ ସଂଯୋଗ (ଜିଏସ୍‌ଭିଏ) ଅଭିବୃଦ୍ଧି ୭%। ଏ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଏହି ସମୟରେ ଜାତୀୟ ଅର୍ଥନୀତି ୫.୮% ହାରରେ ବଢ଼ିଛି। ଅର୍ଥାତ ଓଡ଼ିଶାର ପ୍ରଦର୍ଶନ ଜାତୀୟ ସ୍ତର ଠାରୁ ଉନ୍ନତ। ରାଜ୍ୟ ସରକାର ଓଡ଼ିଶାକୁ ନିବେଶର ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ି ତୋଳିବାକୁ ନିରନ୍ତର ଉଦ୍ୟମ କରୁଛନ୍ତି। ମେକ୍ ଇନ୍ ଓଡିଶା ଭଳି ନିବେଶକ ସମ୍ମିଳନୀ ଏବଂ ଶିଳ୍ପ ବାତାବରଣକୁ ଉନ୍ନତ କରିବା ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ନିରନ୍ତର ଶିଳ୍ପ ଅଭିବୃଦ୍ଧି କେବଳ ରାଜ୍ୟର ରୂପାନ୍ତରଣରେ ସହାୟକ ହେଉନି। ଏହା ରାଜ୍ୟବାସୀଙ୍କ ଲାଗି ସମୃଦ୍ଧି ଏବଂ ନୂଆ ସମ୍ଭାବନା ଆଣିବାରେ ସହାୟକ ହେଉଛି।

୨୦୧୪-୧୫ରୁ ୨୦୨୪-୨୫ ଡାଟାକୁ ଦେଖିଲେ କର୍ଣ୍ଣାଟକର ମୋଟ ରାଜ୍ୟ ମୂଲ୍ୟ ସଂଯୋଗ (ଜିଏସ୍‌ଭିଏ) ବାର୍ଷିକ ସର୍ବାଧିକ ୭.୫% ହାରରେ ବଢ଼ିଛି। ୧୯ ରାଜ୍ୟ ମଧ୍ୟରେ ଏହା ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭା ହୋଇଛି। ସେବା କ୍ଷେତ୍ରର ଆଖିଦୃଶିଆ ଅଭିବୃଦ୍ଧି ଯୋଗୁ କର୍ଣ୍ଣାଟକ ଏହି ସଫଳତା ପାଇଛି। ଏହି ଅବଧିରେ କର୍ଣ୍ଣାଟକର ସେବା କ୍ଷେତ୍ର ୮.୩% ବଢ଼ିଛି। ରିୟଲ ଇଷ୍ଟେଟ, ବ୍ୟକ୍ତିଗତ ସେବା ଭଳି କ୍ଷେତ୍ରର ଅଭିବୃଦ୍ଧି ଯୋଗୁ ରାଜ୍ୟ ଏଭଳି ସଫଳତା ପାଇଛି। ଆର୍ଥିକ ବର୍ଷ ୨୦୨୩-୨୩ରେ ଦେଶର ଅର୍ଥନୀତିରେ ସେବା କ୍ଷେତ୍ରରେ ଅଂଶ ୫୫% ଥିବା ବେଳେ ଶିଳ୍ପ ୩୧% ଏବଂ କୃଷିର ଅଂଶ ୧୫% ରହିଥିଲା। ରାଜ୍ୟ ଗୁଡ଼ିକୁ ଦେଖିଲେ ବିଭିନ୍ନ କ୍ଷେତ୍ରରେ ଏହି ତାରତମ୍ୟ ଭିନ୍ନ ରହିଛି। ମଧ୍ୟପ୍ରଦେଶର ରାଜ୍ୟ ଅର୍ଥନୀତିକୁ କୃଷି କ୍ଷେତ୍ରର ଅଂଶ ୩୩% ରହିଛି। ଯାହା ରାଜ୍ୟ ଗୁଡ଼ିକ ମଧ ସର୍ବାଧିକ। ସହିଭଳି କର୍ଣ୍ଣାଟକର ରାଜ୍ୟ ଜିଡିପିରେ ସେବା କ୍ଷେତ୍ରର ଅଂଶ ୬୬%। ଏହା ଅନ୍ୟ କୌଣସି ରାଜ୍ୟ ତୁଳନାରେ ସର୍ବାଧିକ। ଆନ୍ଧ୍ରପ୍ରଦେଶର କୃଷି ଉତ୍ପାଦନ ସର୍ବାଧିକ ୭.୨% ରହିଛି। ମାଛ ଏବଂ ଜଳ ସମ୍ପଦ କ୍ଷେତ୍ରରେ ଦୃଢ଼ ପରଫରମାନ୍ସ ଏହି ରାଜ୍ୟରେ ରହିଛି। ୨୦୨୩-୨୪ରେ ମୁଣ୍ଡପିଛା ଆୟ କ୍ଷେତ୍ରରେ ରାଜ୍ୟ ଗୁଡ଼ିକ ମଧ୍ୟରେ ତେଲଙ୍ଗାନା, କର୍ଣ୍ଣାଟକ ଏବଂ ତାମିଲନାଡୁ ଆଗରେ ରହିଛନ୍ତି। ପୂର୍ବରୁ ଶୀର୍ଷ ତାଲିକାରେ ଥିବା ହରିଆଣା, ଉତ୍ତରାଖଣ୍ଡ ଏବଂ କେରଳକୁ ଏମାନେ ପଛରେ ପକାଇ ଦେଇଛନ୍ତି।

## ଆଜିର ସୁନା ଦର



ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସେନସେକ୍ସରେ ୩ହଜାର ପଏଣ୍ଟ ବୃଦ୍ଧି ପାଇଥିବାବେଳେ ସୁନା ମୂଲ୍ୟ ଦିନକରେ ୩ହଜାର ହ୍ରାସ ପାଇଛି। ଗତ କିଛି ଦିନ ହେବ ହୁ ହୁ ହୋଇ ବଢ଼ୁଥିବା ସୁନା ଦର ହ୍ରାସ ପାଇଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୬୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୪୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୬୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୪୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୬୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୮୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦, ୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୬୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୬୮୦ ଓ ୯୦,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୧,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲର ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ମରଣଯନ୍ତା ପାଲଟିଛି ରଜୁଆ ସେତୁ

**କଣାସ,୧୩।୫ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟର ପ୍ରଗତି ପାଇଁ ରାସ୍ତା ଘାଟ ସେତୁ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ରାସ୍ତା ଘାଟ ଓ ସେତୁ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ ଦୃଷ୍ଟି ଦେଉନଥିବାରୁ ରାସ୍ତାଘାଟ ଓ ସେତୁ ଅର୍ଦ୍ଧ ଭାଗ୍ନାଂଶରେ ପଡ଼ିଥିବାରୁ ଲୋକମାନେ ନାହିଁନଥିବା ଅସୁବାଧାର ସମ୍ମୁଖୀନ ହେଉଛନ୍ତି।

କଣାସ ବ୍ଲକର ଗଡ଼ବଡପୁଟ ଗ୍ରାମ ନିକଟରେ ଥିବା ରାଜୁଆ ନଦୀ ସେତୁର ସୁରକ୍ଷା ବାଡ ଭାଙ୍ଗି ଯିବା ସହ ଏଥିରେ ବାଉଁଶ ବନ୍ଧାଯାଇଥିବା ବେଳେ ସେତୁର ଉପରି ଭାଗରୁ କଂକ୍ରିଟ ଛାଡି ଲୁହା ରଡ ଦେଖାଯାଉଛି। ସେତୁଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବାରୁ କିପରି ଅଧିକାରୀମାନଙ୍କୁ ଦେଖାଯାଉନାହିଁ ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି। ଏହି ସେତୁ ଦେଇ କଣାସ, ଡେଲାଙ୍ଗ, ସତ୍ୟବାଦୀ ବ୍ଲକର ୪୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଅଧିବାସୀମାନେ ଖୋର୍ଦ୍ଧାକୁ ଯାତାୟତ କରନ୍ତି। ସେତୁଟିକୁ ମରାମତି କରିବା ପାଇଁ ଲୋକମାନେ ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବୀ କରିଛନ୍ତି।

# ରେଳପଥ କାମରେ ଚୋରା ମୋରମ ଉପଯୋଗ !



**କଳିଙ୍ଗନଗର,୧୩।୫ (ସଂଚାର ବ୍ୟୁରୋ):** ଜଖପୁରା-ବାଂଶପାଣି ରେଳପଥର ଦ୍ୱିତୀୟ ଲାଇନ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାମ ପାଇଥିବା ଠିକା ସଂସ୍ଥା ପି. କେ ମିଶ୍ର ରେଳ ପଥ ନିର୍ମାଣରେ ନୀତିନିୟମ ମାନୁନାହାନ୍ତି। ଆଇନଗତ ଭାବେ ଲିଜ ନେଇ ସେଠାରୁ ମାଟି ମୋରମ ଆଣି ରାସ୍ତା ନିର୍ମାଣ ନିୟମ ହୋଇଥିବା ବେଳେ ଗତ କିଛି ଦିନ ମଧ୍ୟରେ ପାଖପାଖି ୧ ହଜାର ହାଇୱା ଗାଡ଼ିରେ ଚୋରା ମୋରମ ଆଣି ଏଠାରେ କାମ ପାଇଁ ବ୍ୟବହାର କରାଯାଉଛି। ମାଣତୀରା ରାଜସ୍ୱ ସର୍କଲ ଅଞ୍ଚଳରୁ ସମସ୍ତ ମୋରମ ଚୋରି ହୋଇ ଏଠାକୁ ଆସୁଥିଲେ ମଧ୍ୟ ଏ ବାବଦରେ ପ୍ରଶାସନ ନୀରବ ରହିଛି। ପ୍ରତ୍ୟହ ବିଳମ୍ବିତ ରାତିରେ ଅତି ସନ୍ତର୍ପଣରେ ମୋରମ ଚୋରା ଚାଲାଣ ଜାରି ରହିଥିଲେ ମଧ୍ୟ ତହସିଲ୍ କର୍ତ୍ତୃପକ୍ଷ, ଲଘୁ ଖଣିଜ ବିଭାଗ, ଲଘୁ ଖଣିଜ ସ୍କ୍ୱାର୍ଡ ଓ ସ୍ଥାନୀୟ ପୁଲିସ ଏହି ଲୁଟ ସମ୍ପର୍କରେ ନୀରବ ରହି ଆସିଛନ୍ତି। ରେଲବାଇ ମଧ୍ୟ ଏପରି ବେଆଇନ କାର୍ଯ୍ୟକୁ କିପରି ପ୍ରଶ୍ରୟ ଦେଉଛି ବୁଝା ପଡୁନାହିଁ। ମୋରମ ଓ ବ୍ଲାଙ୍କେଟ୍ ମିଶାଇ ରେଳ ପଥ ପାଇଁ ସଜ୍ଜା ପ୍ରସ୍ତୁତ କରିବା ନିୟମକୁ ଠିକାଦାର ମାନୁ ନାହାଁନ୍ତି। ଅଧିକ ବିଲ ଆଶାରେ ଠିକା ସଂସ୍ଥା ଏଠାରୁ ମାଗଣା ପାଉଥିବା ମୋରମକୁ ବହୁଳ ଭାବେ କାର୍ଯ୍ୟରେ ବ୍ୟବହାର କରି ଅଧିକ ବିଲ ଦେଖାଉଥିବା କୁହଯାଉଛି। କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ ହେଉଥିବାରୁ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ଘଟଣାସ୍ଥଳ ଅନୁଧାନ କରି ଠିକା ସଂସ୍ଥା ଠାରୁ ଜରିମାନା ଅକାରରେ ରାଜସ୍ୱ ଆଦାୟ କରିବା ଆବଶ୍ୟକ ହୋଇପଡିଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ



**କଣାସ,୧୩।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ିଶାଗୋଡା ଥାନା ପରିସରଭୁକ୍ତ ସାହୁପଡ଼ା ପଞ୍ଚାୟତର ବନ୍ଧମୁଣ୍ଡା ଗ୍ରାମର ପ୍ରତାପ ସୁନ୍ଦରାୟ ୩୫ ବର୍ଷଙ୍କୁ ପୂର୍ବ ବିବାଦକୁ କେନ୍ଦ୍ରକରି ହତ୍ୟା କରାଯାଇଥିବା ତାଙ୍କ ପତ୍ନୀ ଗଡ଼ିଶାଗୋଡା ଥାନାରେ ଅଭି ଯୋଗ କରିଥିବା ଜଣାପଡ଼ିଛି। ଗତ କାଲି ସଂନ୍ଧ୍ୟାରେ ପ୍ରତାପ ଚୁପୁରିଙ୍ଗି ଜେସିବି ଚଲାଇବା ପାଇଁ ଯାଇଥିଲେ ରାତ୍ର ୧୦ଟା ସମୟରେ ଘରକୁ ଫେରୁଥିବାବେଳେ ପୂର୍ବରୁ ବିବାଦ ଲାଗିରହିଥିବା ଏବଂ କେତେକ ବ୍ୟକ୍ତି ମାରିଦେବା ପାଇଁ ଧମକ ଦେଇଥିବା ତାଙ୍କର ପତ୍ନୀ ଥାନାରେ ଅଭି ଯୋଗ କରିଛନ୍ତି। ପ୍ରତାପ ଘରକୁ ନଫେରିବାରୁ ରାତିରେ ପରିବାର ଲୋକ ବହୁ ଖୋଜଖୋଜି କରି ପାଇ ନଥିଲେ। ପ୍ରଭାତରୁ ପ୍ରତାପର ମୃତ ଦେହ ପାହିଲୁଣ୍ଡି ଗହିରରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଗଡ଼ିଶାଗୋଡା ଥାନା ଆଇଆଇସି ସୁଧିର କୁମାର ଦାସ, ପୁରୀ ସଦର ଏସଡିପିଓ ରବୀନ୍ଦ୍ର କୁମାର ଭଞ୍ଜ, ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଁଚି ତଦନ୍ତ କରିବା ପରେ ଗଡ଼ିଶାଗୋଡା ଥାନାଙ୍କର ଏକ ମକଦମା ରୁଜ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ହତ୍ୟାକାରୀମାନେ ଫେରାର ହୋଇଯାଇଥିବା ପୁଲିସ ଠାରୁ ପ୍ରକାଶ।

# ରିଜର୍ଭ ପୁଲିସ ହାବିଲଦାରଙ୍କ ଆତ୍ମହତ୍ୟା

**ସୁବର୍ଣ୍ଣପୁର,୧୩।୫ (ସଂଚାର ବ୍ୟୁରୋ):** ସୋନପୁର ରିଜର୍ଭ ପୁଲିସରେ କାର୍ଯ୍ୟରତ ୨୦୧୩ ବ୍ୟାଚର ହାବିଲଦାର ନିମାଇଁ ଚରଣ ଖଣ୍ଡଗିରି (୩୩) ଗତକାଲି ତାଙ୍କ ଗ୍ରାମ ଲୁପୁରସିଂହାରେ ଆତ୍ମହତ୍ୟା କରିଛନ୍ତି। ଏ ନେଇ ସ୍ଥାନୀୟ ଲଛିପୁର ଥାନାରେ ଅଭିଯୋଗ ହୋଇଥିବା ବେଳେ ସୂଚନା ଅନୁସାରେ ସେ ଗତକାଲି ରାତି ପ୍ରାୟ ୧୦ ଟା ସମୟରେ ନିଜ ଘରେ କବାଟ ବନ୍ଦ କରି ରହିଥିଲେ। ପରିବାର ଲୋକେ ତାଙ୍କୁ ଡାକିଥିଲେ କିନ୍ତୁ ନ ଶୁଣିବାରୁ କବାଟ ଭାଙ୍ଗି ଭିତରକୁ ଗଲା ବେଳକୁ ସେ ପଙ୍ଖାରେ ଝୁଲି ରହିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନିମାଇଁ ଜଣେ ଅତି ସରଳ, ଭଦ୍ରା ତଥା ମିଷ୍ଟଭାଷୀ ପିଲା ଥିବାବେଳେ ସେ ଗତ ଫେବୃଆରୀ ମାସରେ ବିବାହ କରିଥିବା ଜଣାପଡିଛି।



# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

● ୪୫ଟି ଅଭିଯୋଗର ଦରଖାସ୍ତ ଗ୍ରହଣ




**ସୁବର୍ଣ୍ଣପୁର,୧୩।୫ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୩ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୨ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ମଣ୍ଟୁ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଦୀପ କୁମାର ଗୁରୁ, ଉପଜିଲ୍ଲାପାଳ ସୋନପୁର ଶ୍ରୀମତୀ ସୌମ୍ୟାରୁପା ରଥ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହିଥିଲେ ।



# ସିଏମସି ମେୟରଙ୍କୁ ଜଗନ୍ନାଥ ରୋଡ ବସ୍ତି ବାସିନ୍ଦାଙ୍କ ସ୍ମାରକପତ୍ର ପ୍ରଦାନ

**କଟକ,୧୩।୫ (ସଂଚାର ବ୍ୟୁରୋ):** କର୍ମସ୍ଥଳୀରେ ଥଇଥାନ ଦାବିରେ ଜଗନ୍ନାଥ ରୋଡ ବସ୍ତି ବାସିନ୍ଦାଙ୍କ ପକ୍ଷରୁ ସିଏମସି ମେୟରଙ୍କୁ ୨ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୫୪ ନଂ ୱାର୍ଡ ସ୍ଥିତ ନୂଆବଜାର ଜଗନ୍ନାଥ ରୋଡ ବସ୍ତି ଦିର୍ଘ ଦଶନ୍ଧି ଧରି ଶ୍ରମଜୀବୀ ଲୋକମାନେ ଜରିପାଲ କୁଡ଼ିଆ କରି ରହିଆସୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ମୂଲମଜୁରୀ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମହିଳାମାନେ ସ୍ଥାନୀୟ ବାବୁ ଘରେ ବୁଲି ପାଇଟି କରିଥାନ୍ତି। ତାଙ୍କର ପିଲାମାନେ ସ୍ଥାନୀୟ ସରକାରୀ ସ୍କୁଲମାନଙ୍କରେ ପଢୁଛନ୍ତି। ସେହି ବସ୍ତି ବାସିନ୍ଦାଙ୍କ ପକ୍ଷରୁ ବହୁବାର ସିଏମସି କର୍ତ୍ତୃପକ୍ଷଙ୍କୁ ଜାଗା ମିଶନରେ ଥଇଥାନ ପାଇଁ ଦାବି କରାଯାଇଛି। ଦୁଃଖର ବିଷୟ ନୂଆ ସରକାର ଆସିବା ଦିନରୁ ବସ୍ତିବାସିନ୍ଦାଙ୍କ କୌଣସି ଯୋଜନା କରାଯାଉନାହିଁ। ଆଜି ବସ୍ତି ବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ବସ୍ତି ନେତା ଦିପକ ଦାସ, ସୁକାନ୍ତ ନାୟକ, ଲକ୍ଷ୍ମୀ ସିଂ, ଉଦୟ ଟୁଡୁ ପ୍ରମୁଖ ମେୟରଙ୍କୁ ଭେଟି ଦୁଇ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବସ୍ତି ବାସିନ୍ଦାମାନଙ୍କୁ ସେହି ସ୍ଥାନରେ କିମ୍ବା ସେହି ନିକଟରେ ଜାଗା ମିଶନରେ ଥଇଥାନ କରିବା, ସମସ୍ତ ବସ୍ତି ବାସିନ୍ଦାମାନଙ୍କୁ ପଟ୍ଟା ଦେବା ପ୍ରମୁଖ ଦାବି କରାଯାଇଛି।

# ମଧୁସ୍ମିତାଙ୍କ ମାଉଣ୍ଟ ଲବୁଚେ ଶୃଙ୍ଗ ଆରୋହଣ

**ଗଞ୍ଜାମ,୧୩।୫ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଗୋଷାଣିନୂଆଗାଁ, ବ୍ରହ୍ମପୁର ନିବାସୀ ମଧୁସ୍ମିତା ପାତ୍ର ନେପାଳର ଆଉଏକ ପର୍ବତ ମାଉଣ୍ଟ ଲବୁଚେ ୬,୧୧୯ମିକୁ ୯ ତାରିଖ ସକାଳ ୭.୪୪ମିରେ ସଫଳତାର ସହ ଆରୋହଣ କରିଛନ୍ତି। ମଧୁସ୍ମିତା ଗତ ୫ତାରିଖରେ ନେପାଳର ମାଉଣ୍ଟ ଆଇଲାଣ୍ଡ (୬,୧୬୩ମି)କୁ ସଫଳତାର ସହ ଆରୋହଣ କରିବା ପରେ ଚୁକୁଙ୍ଗ ଏବଂ ପରେ ଲବୁଚେ ବେଶକ୍ୟାମ୍ପ, ଲବୁଚେ ଏଡଭାନ୍ସ କ୍ୟାମ୍ପରେ ୮ତାରିଖରେ ପହଞ୍ଚି ଥିଲେ। ୮ତାରିଖ ମଧ୍ୟ ରାତ୍ରିରେ ମଧୁସ୍ମିତା ଲବୁଚେ ସମିଟ ଅଭିଯା ରେ ବାହାରିଥିଲେ। ୯ ତାରିଖ ସକାଳ ୭.୪୪ ମିନିଟ ସମୟରେ ମଧୁସ୍ମିତା ସଫଳତାର ସହ ଲବୁଚେ ଶିଖରରେ ପହଞ୍ଚିଥିଲେ। ଚଳିତ ସିଜନରେ ଏହା ମଧୁସ୍ମିତାଙ୍କର ତୃତୀୟ ଆରୋହଣ ଥିଲା। ପ୍ରଥମେ ୨୯ ଏପ୍ରିଲରେ ସେ ମାଉଣ୍ଟ ମୀରା(୬, ୪୭୬ମି), ଦ୍ୱିତୀୟରେ ମାଉଣ୍ଟ ଆଇଲାଣ୍ଡ (୬,୧୬୩ମି), ଏବଂ ତୃତୀୟରେ ମାଉଣ୍ଟ ଲବୁଚେ (୬,୧୧୯ମି)କୁ ଆରୋହଣ କରି



ଓଡିଶା ପର୍ବତାରୋହଣ କ୍ଷେତରେ ଗୌରବ ଅର୍ଜନ କରିଛନ୍ତି। ଏହି ତ୍ରିଶୃଙ୍ଗ ଆରୋହଣରୁ ମଧୁସ୍ମଧୁସ୍ମିତା ପର୍ବତରୋହଣ ପାଇଁ ଅତ୍ୟନ୍ତ ଆବଶ୍ୟକ ଧର୍ଯ୍ୟ, ସହନଶୀଳତା, ଏବଂ ଟେକନିକ ଆଦିର ଅନୁଭୂତି ପରବର୍ତ୍ତୀ ସମୟରେ ପର୍ବତରୋହଣ ପାଇଁ ସାହାର୍ଯ୍ୟ କରିବା ବୋଲି ତାଙ୍କ ପ୍ରଶିକ୍ଷକ ପର୍ବତରୋହି ନୃସିଂହ ସାହୁ କହିଛନ୍ତି।

ପୂର୍ବ ଯୋଜନା ଅନୁଯାୟୀ ମଧୁସ୍ମିତା ଲବୁଚେ ଆରୋହଣ କରିବା ପରେ ୧୦ ତାରିଖ ସକାଳେ ଏଭରେଷ୍ଟର ବେସ କ୍ୟାମ୍ପରେ ପହଁଞ୍ଚି ଥିଲେ। ସେଠାରେ ଅନ୍ୟ ଏଭରେଷ୍ଟ ଆରୋହଣକାରୀଙ୍କ ସହ ୧୦ ତାରିଖ ମଧ୍ୟ ରାତ୍ରୀରେ ଏଭରେଷ୍ଟ ବେସକ୍ୟାମ୍ପରେ ଏଭରେଷ୍ଟ ଆରୋହଣ ପୂର୍ବରୁ ପୁଜା ଏବଂ ଶେଷ ସମ୍ମିଟ ପୃଶର ଆଖିଦେଖା ଅନୁଭୂତି ନେଇ ପରଦିନ ବହାରି ଆସିଥିଲେ। ସୁଶ୍ରୀ ପାତ୍ର ପୁର୍ବତନ ବାୟୁସେନା ଅଧିକାରୀ ପ୍ରେମାନନ୍ଦ ପାତ୍ର ଏବଂ ଅବସର ପ୍ରାପ୍ତ ଶିକ୍ଷିକା ମାତା ପୁଷ୍ପାଞ୍ଜଳି ଦେବୀଙ୍କ କନିଷ୍ଠ କନ୍ୟା ଅଟନ୍ତି। ସୁଶ୍ରୀ ପାତ୍ର ଜଣେ କମ୍ପ୍ୟୁଟର ଇଂଜିନିୟର ଭାବେ ଟିସିଏସ୍ ଚେନ୍ନାଇରେ କାର୍ଯ୍ୟରତ ଅଛନ୍ତି।

# ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆନ୍ତର୍ଜାତିକ ସେବିକା ଦିବସ ପାଳିତ




**ସୋନପୁର,୧୩।୫ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ନର୍ସିଂ କର୍ମଚାରୀ ସଂଘ ତରଫରୁ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ଆନ୍ତର୍ଜାତିକ ସେବିକା ଦିବସ ପାଳିତ ହୋଇଯାଇଛି । ଏହି ପାଳନୋତ୍ସବରେ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ପ୍ରଦୀପ କୁମାର ଗୁରୁ ସେବିକାମାନେ ଆଶା, ଆଶ୍ୱାସନା ଓ ମମତାର ଜୀବନ୍ତ ପ୍ରତିଭୂ ବୋଲି ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ବରିଷ୍ଠ ସେବିକା ପୁଷ୍ପାଞ୍ଜଳି ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନା ଅଧିକ୍ଷକ ଡ଼ାକ୍ତର ଦୂର୍ଗାଦତ୍ତ ଦାଶ, ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡ଼ାକ୍ତର ସତ୍ୟ ନାରାୟଣ ପାଣିଗ୍ରାହୀ, ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକଡ଼ାକ୍ତର ରାମ ଶଙ୍କର ତ୍ରିପାଠି, ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡ଼ାକ୍ତର ରବୀନ୍ଦ୍ରନାଥ ପଣ୍ଡା, ଡ଼ିଆଇପିଆରଓ ଅଶ୍ୱିନୀ ଭୋଇ, ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ସରକାରୀ ଏଏନଏମ ତାଲିମ କେନ୍ଦ୍ରର ପ୍ରିନସିପାଲ ସ୍ମିତାଶ୍ରୀ ନାୟକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସେବିକା ମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ପ୍ରଦ୍ୟୁମ୍ନ ସାହୁ ନିଜ ବକ୍ତବ୍ୟରେ ସେବିକାମାନଙ୍କ ପାଇଁ ଏକ ଆମୋଦ କେନ୍ଦ୍ରର ଆବଶ୍ୟକତା ଥିବା ଉଲ୍ଲେଖ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଆବ୍ରାହମ ଦାଶ । ଏହି ଅବସରରେ ନିୟତି ସାହୁ, ନିରୂପମା ମେହେର ଏବଂ ସ୍ମିତାଶୀ ନାୟକଙ୍କୁ ଉତ୍କୃଷ୍ଟ ସେବା ପାଇଁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ସଂପାଦକ ଧବଳେଶ୍ୱର ମହାକୁର, ପ୍ରିୟବ୍ରତ ଝାଙ୍କର, ଏଲି ଭଞ୍ଜ, ଭାଗ୍ୟବତି ସା, ସିପୁନ କୁମାର ରାଉଲ, ଶ୍ରବଣ କୁମାର ସିଂ, ବିଭୁଦେନ୍ଦ୍ର ପ୍ରତାପ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ହରିଶଙ୍କର ମହୋତ୍ସବ ▶ ସ୍ୱେଚ୍ଛାସେବୀ ଓ ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟ ପ୍ରଶଂସନୀୟ



**ଖପ୍ରାଖୋଲ,୧୩।୫ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡିଶା ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ହରିଶଙ୍କର ଶୈବ ପୀଠ ଏକ ପ୍ରମୁଖ ତୀର୍ଥ କ୍ଷେତ୍ର । ପ୍ରତିଦିନ ଜିଲ୍ଲା ରାଜ୍ୟ ତଥା ବାହାର ରାଜ୍ୟର ଭକ୍ତ ଆସି ଝରଣା ଜଳରେ ସ୍ନାନ କରି ମହାଦେବଙ୍କ ପୂଜାର୍ଚ୍ଚନା ପୂର୍ବକ ଆନନ୍ଦ ମନରେ ଅନ୍ନ ପ୍ରସାଦ ସେବନ କରିଥାନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ମନ୍ଦିର ପରିସର ଓ ବାହାରେ ଚାକଚକ୍ୟ କରାଯାଇଛି ହେଲେ ଦୁଃଖର ବିଷୟ ମୁଖ୍ୟ ମନ୍ଦିର ତଥା ମନ୍ଦିର ପାଚେରୀର ରକ୍ଷଣା ବେକ୍ଷଣ ପ୍ରତି ଗୁରୁତ୍ୱ ଦେଉନଥିବା ଭଳି ମନେ ହେଉଛି ଦେଖିଲେ ସହଜେ ଅନୁମେୟ।

ପ୍ରତିବର୍ଷ ହରିଶଙ୍କର ମହୋତ୍ସବ ପାଳନ କରାଯାଇଥାଏ ଏବର୍ଷ ମଧ୍ୟ ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମଞ୍ଚ ତିଆରି କରାଯାଇଛି ସେଥି ମଧ୍ୟରୁ ଗୋଟିଏ ମଞ୍ଚ ଭାଙ୍ଗି ପଡିଛି । ହରିଶଙ୍କର ମହୋତ୍ସବ ପାଳନ ପାଇଁ ବୈଠକ ଡାକି କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଏ ହେଲେ ବାସ୍ତବ କ୍ଷେତ୍ରରେ ତାହା ଫେଲ ମାରିଯାଏ । ଲକ୍ଷ ଲକ୍ଷ ଟଙ୍କା କେବଳ ମନୋରଞ୍ଜନ ପାଇଁ ଖର୍ଚ୍ଚ କରାଯାଉଥିବା ବେଳେ ମନ୍ଦିର ସୁରକ୍ଷା, ଭକ୍ତ ମାନଙ୍କ ପାଇଁ ବ୍ୟବସ୍ଥା ପ୍ରଶାସନ ଧ୍ୟାନ ଦେଉନଥିବା ପରିଲକ୍ଷିତ ହୁଏ। ପ୍ରତିବର୍ଷ ହରିଶଙ୍କର ମେଳାରେ ବିଭିନ୍ନ ସ୍ୱେଚ୍ଛାସେବୀ ଓ ଅନୁଷ୍ଠାନମାନେ ଲୋକଙ୍କ ପାଇଁ ଯେଉଁ ପ୍ରକାର ସୁବିଧା ଯୋଗାଇ ଦେଇଥାନ୍ତି ଦେବତ୍ତର ବିଭାଗ କିମ୍ବା ବ୍ଲକ ପ୍ରଶାସନ ସେତେଟା ସୁବିଧା ଯୋଗାଇ ଦେଉଥିବା ଦେଖିବାକୁ ମିଳେନାହିଁ। ଏଠି ପ୍ରଶ୍ନ ଉଠୁଛି କୋଟି ଟଙ୍କା ହରିଶଙ୍କର ମେଳା ପାଇଁ ମିଳୁଥିବା ବେଳେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ହରିଶଙ୍କର ମହୋତ୍ସବ ସାରି ଦେଉଥିବା ଜଣାପଡିଛି ।

ଏବର୍ଷ ମେଳାରେ ସାମ୍ବାଦିକ ମାନଙ୍କ ପ୍ରତି ପାତର ଅନ୍ତର ନିତି ପ୍ରଶାସନ ଆପଣାଇଛି ଜଣାଯାଏ ନିର୍ଦ୍ଦିଷ୍ଟ କେତେକ ସାମ୍ବାଦିକଙ୍କୁ ମେଳା ପାଇଁ ଅନୁମତି ପତ୍ର ଦେଇ ଥିବା ବେଳେ ଆଉ କେତେକଙ୍କୁ ବାଦ ଦିଆଯାଇଛି । ଯଦିଓ ସମସ୍ତଙ୍କ କାର୍ଯ୍ୟ ସମାନ ତଥାପି କାହିଁକି ଏପରି କରାଗଲା କିଛି ଜଣା ପଡ଼ିନାହିଁ । ପରବର୍ତ୍ତୀ ସମୟରେ ଏଥି ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ପ୍ରଦ୍ୟୁମ୍ନ ଦାସ ଯୁକ୍ତ ଦୁଇ ବିଜ୍ଞାନ ଟପ୍ପର

**ସୁବର୍ଣ୍ଣପୁର,୧୩।୫ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ୨୦୨୪/୨୦୨୫ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯୁକ୍ତ ଦୁଇ ସିବିଏସଇ ବିଜ୍ଞାନ ବିଭାଗ ପରୀକ୍ଷା ରେ ୯୨.୬ ପ୍ରତିଶତ ମାର୍କ ରଖି ପ୍ରଦ୍ୟୁମ୍ନ ଦାଶ ହେଲେ ତରଭା ବ୍ଲକ ଟପ୍ପର।



ଶ୍ରୀମାନ ଦାଶ ତରଭା ଶ୍ରୀହରି ବିଦ୍ୟାଳୟ ଠାରେ ଏଲକେଜିରୁ ପଞ୍ଚମ ଶ୍ରେଣୀ ଯାଏ ଓ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ସବୁବେଳେ ବ୍ଲକ୍ ସ୍ତରରେ ଟପ୍ପର ହୋଇ ଆସିଥିବା ଖବର ମିଳିଛି। ତରଭାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଶିକ୍ଷୟିତ୍ରୀ ସନ୍ତୋଷିନି ମାହାଣା ଓ ବ୍ୟବସାୟୀ କୃଷ୍ଣ ଚନ୍ଦ୍ର ଦାଶଙ୍କ ସୁପୁତ୍ର ଅଟନ୍ତି। ଶ୍ରୀମାନ ଦାଶ ଆଗକୁ 'ଆଇଜର' ଗବେଷଣା କ୍ଷେତ୍ରରେ ଶିକ୍ଷାଲାଭ କରିବା ଲକ୍ଷ୍ୟ ରଖିଥିବା ବିଷୟ ଆମ ପ୍ରତିନିଧିଙ୍କୁ ପ୍ରକାଶ କରିଥିବା ବେଳେ ଏ ସଫଳତା ଖବର ପରେ ତାଙ୍କୁ ସାରା ଜିଲ୍ଲାରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଜଣାଯାଇଛି। ଏ ଖବର ପ୍ରସାରଣ ଯାଏ ଶ୍ରୀମାନ ଦାଶ ବ୍ଲକ ଟପ୍ପର ନା ଜିଲ୍ଲା ଟପ୍ପର ସ୍ପଷ୍ଟ ହୋଇ ନ ଥିବା ପ୍ରକାଶ।

# ଭାର୍ଗବୀ ପଠାରୁ ମାଫିଆ ଲୁଟୁଛନ୍ତି ଶହଶହ ଟ୍ରିପ୍ ବାଲି

**ବାଲିପାଟଣା,୧୩।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ତହସିଲ ଓ ପିପିଲି ତହସିଲ ସୀମାବର୍ତ୍ତୀ ଅଞ୍ଚଳ ବାଳକାଟି ଓ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିନ ଭାର୍ଗବୀ ନଦୀରୁ ଦିନରାତି ବେଆଇନ ବାଲି ଖନନ କରୁଛନ୍ତି ବାଲି ମାଫିଆମାନେ। ଦୈନିକ ଶହ ଶହ ଟ୍ରାକ୍ଟର ଓ ହାଇୱା ଦ୍ୱାରା ବାଲି ଚାଲାଣ ହେଉଥିଲେ ମଧ୍ୟ ଲଘୁଖଣିଜ ବିଭାଗ, ଫାଣ୍ଡି ପୁଲିସ ଏବଂ ତହସିଲ ପ୍ରଶାସନ ଆଖିବୁଜି ବସିପଡିଛନ୍ତି।

## କୁମ୍ଭକର୍ଣ୍ଣ ନିଦ୍ରାରେ ଲଘୁଖଣିଜ ବିଭାଗ

ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। କାହା ପ୍ରୋତ୍ସାହନରେ ଏଭଳି ବେଆଇନ ବାଲି ଖନନ କରୁଛନ୍ତି ମାଫିଆମାନେ ତାହା ସାଧାରଣରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ବାଲି ଖନନ ଠାରୁ ବାଳକାଟି ଓ କୌଶଲ୍ୟାଗଙ୍ଗ ଫାଣ୍ଡି ଖୁବ ନିକଟରେ ହୋଇଥିଲେ ମଧ୍ୟ ଅନାୟାସରେ ବାଲି ଚୋରି କରୁଛନ୍ତି ମାଫିଆମାନେ।

ପ୍ରକାଶଥାଉକି ପିପିଲି ତହସିଲ ଅଧିନ ଉତ୍ତରା, ପୁବାଶାସନ, ପାଟଳିକୁଦା ଏବଂ ବାଲିଅନ୍ତା ତହସିଲ ଅଧିନ ପ୍ରତାପଶାସନ ମୌଜା ପରିସରରେ ଥିବା



ଭାର୍ଗବୀ ନଦୀରୁ ଦିନରାତି ତମାମ ବାଲି ଲୁଟୁଛନ୍ତି ମାଫିଆ ମାନେ। ଗତ ୧୦ ଦିନ ମଧ୍ୟରେ ଏହି ମାଫିଆମାନେ ଉପରୋକ୍ତ ସ୍ଥାନର ନଦୀ ଶଯ୍ୟାରୁ ବାଲି ଏଭଳି ଚୋରି କରିଛନ୍ତି ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି। ପ୍ରାୟ ୨/୩ ଏକର ପରିମିତ ବିଶିଷ୍ଟ ଏରିଆରୁ ବାଲି ଲୁଟିଛନ୍ତି। ସେହିପରି କିଛି ମାଫିଆମାନେ ରାତିରେ ଡ୍ରୋଜର ଲଗାଇ ଶହ ଶହ ହାଇୱା ଓ ଟ୍ରାକ୍ଟରରେ ବାଲି ବୋହୁଥିବା ଦେଖାଯାଇଛି। ଏହି ମାଫିଆମାନେ ବାଲି ଚୋରି କରି ଏହି ନଦୀର ପଠାରେ ଗଦା କରୁଛନ୍ତି। ପରେ ଏହାକୁ ଚଢ଼ାଦରରେ ବିକ୍ରୀ କରୁଛନ୍ତି। ପୁବାଶାସନ ଇଟାଭାଟି, ପାଟଳିକୁଦା ଇଟାଭାଟି ନିକଟରେ ଏହି ବାଲି ଗଦା ହୋଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଆଖପାଖ ଅଞ୍ଚଳରେ ବାଲି ନିଲାମୀ ହୋଇନଥିବା ବେଳେ ମାଫିଆ ମାନଙ୍କୁ ଏଭଳି ଲୁଟ କରିବାରେ ଯଥେଷ୍ଟ ସୁବିଧା ହେଉଛି। ସେହିପରି ମାଫିଆ ମାନେ ବାଲି ଲୁଟି ନଦୀଶଯ୍ୟାକୁ ଗଭୀର କରୁଥିବା ଦେଖାଯାଇଛି। ଏହାଦ୍ୱାରା ଅତୀତ ଭବିଷ୍ୟତରେ ବହୁ ଲୋକଙ୍କ ମୂଲ୍ୟବାନ ଜୀବନ ଯାଇଛି। ଲଘୁଖଣିଜ ବିଭାଗର ଆନ୍ତରିକତା ଅଭାବ ଓ ଦାୟିତ୍ୱହୀନତା ଯୋଗୁଁ ଏଭଳି ବାରମ୍ବାର ଚୋରି ହେଉଥିବା ଅଭିଯୋଗ ହୋଇଛି।

ସେହିପରି ଗତ ୪ ମାସ ତଳେ ଦୟାନଦୀରୁ ବାଲି ଚୋରି ହେଉଥିବା ବେଳେ ଲଘୁଖଣିଜ ବିଭାଗ ଓ କମିସନରେଟ ପୁଲିସ ମିଳିତ ଚଢାଉ କରି ବାଲି ସିଜ କରିଥିଲେ। ମାତ୍ର ଭାର୍ଗବୀ ନଦୀରୁ ଦୀର୍ଘଦିନ ଧରି ଏଭଳି ବାଲି ଚୋରି ହୋଇଥିଲେ ମଧ୍ୟ ଖଣିଜ ବିଭାଗର କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ସରକାର ରାଜ୍ୟରେ ଲଘୁଖଣିଜ ସମ୍ପତିର ରକ୍ଷଣାବେକ୍ଷଣା ଓ ତଦାରଖ ତହସିଲ ପ୍ରଶାସନ ଉପରୁ ହଟାଇବା ପରେ ବାଲି/ମାଟି ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। ଏହାର ଭରପୁର ଫାଇଦା ନେଉଛନ୍ତି ଏହି ମାଫିଆମାନେ। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ରାଜସ୍ୱ କ୍ଷତି ହେଉଛି। ଏଥିପ୍ରତି ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହୋଇଛି।



# ବିଜ୍ଞାନ




## ମହାକାଶରେ ନୈଶଭୋଜି

**'ସ୍ପେସ୍‌ଭିଆଇପି' ନାମକ କମ୍ପାନି ମହାକାଶରେ ମିସେଲିନ୍ ତାରକା ରୋଷେୟାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଉପଭୋଗ କରିବାର ସୁଯୋଗ ପ୍ରଦାନ କରୁଛି। ଆସନ୍ତା ବର୍ଷ କେବଳ ୬ ଜଣ ଏହି ବିଳାସ ଲାଭ କରିପାରିବେ; ଏଥିପାଇଁ ପ୍ରାୟ ୪ କୋଟି ଟଙ୍କା ଗଣିବାକୁ ପଡ଼ିବ**



ଜ୍ଞାନକୌଶଳର ବିକାଶ ଯୋଗୁଁ ମଣିଷ ପାଇଁ ଅନ୍ତରୀକ୍ଷ ଭ୍ରମଣ ସୁବିଧାଜନକ ହୋଇପାରିଛି। ମାତ୍ର ମହାକାଶରେ ଥାଇ ବିଳାସପୂର୍ଣ୍ଣ ଖାଦ୍ୟ ଭୋଜନ କରିବା, ବିଶେଷ କରି ଜଣେ ମିସେଲିନ୍ ତାରକା ରୋଷେୟାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଉପଭୋଗ କରିବା ଏକ କଳ୍ପନାତୀତ କଥା ହୋଇ ରହିଆସିଛି। ମହାକାଶ ପର୍ଯ୍ୟଟନକୁ ପ୍ରୋତ୍ସାହନ କରୁଥିବା 'ସ୍ପେସ୍‌ଭିଆଇପି' ନାମକ କମ୍ପାନି ଏଭଳି ଏକ ଅସମ୍ଭବ କଥାକୁ ବାସ୍ତବ ରୂପ ଦେବା ଆରମ୍ଭ କରିଛନ୍ତି। ଏଥିପାଇଁ ଜଣେ ଉପଭୋକ୍ତାଙ୍କୁ ପ୍ରାୟ ୪ କୋଟି ଟଙ୍କାର ପାଉଣା ଦେବାକୁ ପଡ଼ିବ। କମ୍ପାନି ଦ୍ୱାରା ପରିଚାଳିତ ପ୍ରଥମ ଶୂନ-ଅଙ୍ଗାର-ନିର୍ଗମନ ବିମାନ 'ନେପ୍‌ଚ୍ୟୁନ୍'ର ଯାତ୍ରୀଙ୍କ ପାଇଁ ସମୁଦ୍ର ପତ୍ତନରୁ ଲକ୍ଷେ ଫୁଟ ଉଚ୍ଚ ଆକାଶମାର୍ଗରେ ଯାତ୍ରୀଙ୍କୁ ସେଭଳି ଏକ ଅନ୍ତରୀକ୍ଷ ଭୋଜନ ଅଭିଜ୍ଞତା ମିଳିପାରିବ।

ଆସନ୍ତାବର୍ଷ ଆମେରିକାର ଫ୍ଲୋରିଡା ସ୍ଥିତ କେନେଡି ମହାକାଶ କେନ୍ଦ୍ରରୁ ଉତ୍‌କ୍ଷେପିତ ହେବାକୁ ଥିବା ଏହି ମହାକାଶ ଯାନରେ ପ୍ରଥମ କରି କେବଳ ୬ ଜଣ ଭାଗ୍ୟଶାଳୀ ଯାତ୍ରୀ ଏହି ବିଳାସ ଲାଭ କରିପାରିବେ। ଯାତ୍ରୀମାନଙ୍କୁ ଏକ ପାରିବାରିକ ଅନୁଭବ ଯୋଗାଇବା ଲାଗି ସେମାନଙ୍କୁ ୱାଇଫାଇ ମାଧ୍ୟମରେ ଭୂପୃଷ୍ଠସ୍ଥ ଘରଲୋକ ଓ ସାଙ୍ଗସାଥୀମାନଙ୍କ ସହ ଯୋଗାଯୋଗ ସୁବିଧା ଯୋଗାଇଦିଆଯିବ, ଯାହା ସାହାଯ୍ୟରେ ସେମାନେ ପ୍ରତ୍ୟକ୍ଷ ଅନୁଭୂତି ବାଣ୍ଟିପାରିବେ। ବିଗତ ଷାଠିଏ ବର୍ଷର ମହାକାଶ ଅଭିଯାନ ଇତିହାସକୁ ବୈଜ୍ଞାନିକ ଓ ଦାର୍ଶନିକ ଭିତ୍ତିରେ ତର୍ଜମା କରି ଯାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଖାଦ୍ୟ ପରଷାଯିବ। ଏଭଳି ଏକ ଛଅଘଣ୍ଟିଆ ଯାତ୍ରାରେ ଅପୂର୍ବ ଅନ୍ତରୀକ୍ଷ ଭୋଜନ ପରଷିବା ପାଇଁ ଉକ୍ତ କମ୍ପାନି ଡେନ୍‌ମାର୍କୀୟ ତାରକା ରୋଷେୟା ରାସମସ୍ ମଙ୍କ୍‌ଙ୍କୁ ନିଯୁକ୍ତ କରିଛି। ବିଶ୍ୱର ଶୀର୍ଷ ୫୦ଟି ରେସ୍ତୋରାଁ ଭିତରେ ପଞ୍ଚମ ସ୍ଥାନରେ ଥିବା ଡେନ୍‌ମାର୍କର 'ଆଲକେମିଷ୍ଟ୍' ଭୋଜନାଳୟରେ ମଙ୍କ୍ ବର୍ତ୍ତମାନ କାର୍ଯ୍ୟରତ।

## ସ୍ମାର୍ଟୱାଚ୍‌ରୁ ଟଙ୍କା ନେଣଦେଣ

ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍ ଯୋଗୁଁ ଏବେ ଆର୍ଥିକ କାରବାର ଅତ୍ୟନ୍ତ ସୁବିଧାଜନକ ହୋଇପାରିଛି। ତେବେ ତାହାକୁ ଆଉ ପାଦେ ଆଗେଇ ନେବା ପାଇଁ ଏୟାରଟେଲ୍ ପେମେଣ୍ଟସ୍ ବ୍ୟାଙ୍କ୍ ସହ ନଏଜ୍ ଓ ମାଷ୍ଟରକାର୍ଡ କମ୍ପାନି ମିଶି ଏକ ଅଭିନବ ସ୍ମାର୍ଟୱାଚ୍ ବଜାରକୁ ଛାଡ଼ିଛନ୍ତି। ମାତ୍ର ୨,୯୯୯ ଟଙ୍କାରେ ମିଳୁଥିବା ଏହି ହାତଘଣ୍ଟାରେ ସାଧାରଣ ସ୍ମାର୍ଟୱାଚ୍ ପରି ସ୍ୱାସ୍ଥ୍ୟ ସୂଚନା ଓ ଅନ୍ୟାନ୍ୟ ସୁବିଧା ରହିଛି। ଏହାର ବିଶେଷତ୍ୱ ହେଲା ଗୋଟିଏ ଟିପରେ ଟଙ୍କା କାରବାର କରିହେବ। ଏଣିକି ଟଙ୍କା ନେଣଦେଣ ପାଇଁ ନିଜର ସ୍ମାର୍ଟଫୋନ୍‌ରେ ଆଉ ନିର୍ଦ୍ଦିଷ୍ଟ ଆପ୍ ଖୋଲି ସମୟସାପେକ୍ଷ ପ୍ରକ୍ରିୟା କସରତ କରିବା ଦରକାର ପଡ଼ିବନି। ବର୍ତ୍ତମାନ ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ଗ୍ରାହକମାନେ ଏହି ଘଣ୍ଟାକୁ ଏୟାରଟେଲ୍ ଥାଙ୍କସ ଆପ୍ ମାଧ୍ୟମରେ ଖରିଦ କରିପାରିବେ। ନୂତନ ଗ୍ରାହକମାନେ ମଧ୍ୟ ନୂଆ ବ୍ୟାଙ୍କ ଆକାଉଣ୍ଟ୍ ଖୋଲି ଏୟାରଟେଲ୍ ଆପ୍‌ରେ ତାହାକୁ ବରାଦ କରିପାରିବେ। ଏହି ସ୍ମାର୍ଟୱାଚ୍ ମାଧ୍ୟମରେ ଦିନକୁ ଜଣେ ୨୫ ହଜାର ଟଙ୍କା ଯାଏ ନେଣଦେଣ କରିପାରିବ। ଅଧିକ କ୍ଷମତାଯୁକ୍ତ ବ୍ୟାଟେରି ସମ୍ବଳିତ ଏହି ଘଣ୍ଟାରେ ଏପରି ଅତ୍ୟନ୍ତ ସହଜସାଧ୍ୟ ଅର୍ଥ କାରବାର ସାଙ୍ଗକୁ ବ୍ଲୁଟୁଥ୍ କଲିଂ, ଚବିଶ ଘଣ୍ଟିଆ ହୃତ୍‌ସ୍ପନ୍ଦନ ହାର ମାପ, ରକ୍ତରେ ଅମ୍ଳଜାନ ସାନ୍ଦ୍ରତା (ଏସ୍‌ପିଓ୨), ନିଦ୍ରା ନିରୀକ୍ଷଣ ଟ୍ରାକର ଓ ରକ୍ତଚାପ ନିରୀକ୍ଷଣ ଆଦି ସୁବିଧା ରହିଛି।





## କାର୍ଯ୍ୟକ୍ଷେତ୍ରରେ ଏଆଇର ନକାରାତ୍ମକ ପ୍ରଭାବ

କୃତ୍ରିମ ବୁଦ୍ଧିମତ୍ତା ବା ଏଆଇକୁ ଆମ ସମୟର ଅନ୍ୟତମ ଶ୍ରେଷ୍ଠ ଉଦ୍ଭାବନ ବୋଲି ଅନେକ ବିଶେଷଜ୍ଞ ବିଶ୍ୱାସ କରନ୍ତି। ଦୈନନ୍ଦିନ ଜୀବନରେ ଅଧିକରୁ ଅଧିକ ବ୍ୟକ୍ତିବିଶେଷ ଏବଂ କମ୍ପାନି ଏଆଇର ଉପଯୋଗ କରୁଛନ୍ତି। ମାତ୍ର କାର୍ଯ୍ୟସ୍ଥଳୀରେ ଏଆଇ ପରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଲୋକଙ୍କ ଜୀବନଶୈଳୀରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ଏକ ସଦ୍ୟ ଅନୁଧ୍ୟାନରୁ ଜଣାଯାଇଛି।

ଏଆଇ ଜ୍ଞାନକୌଶଳର ବହୁଳ ବ୍ୟବହାର ଯୋଗୁଁ କାର୍ଯ୍ୟଭାର ବଢ଼ିବା ସହ ଚାକିରି ବା ନିଯୁକ୍ତି ଅସୁରକ୍ଷିତ ହୋଇପଡ଼ିବ, ଯାହାର ପ୍ରତ୍ୟକ୍ଷ କୁପ୍ରଭାବ ଜୀବନର ମାନ ଉପରେ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଏଆଇର ପ୍ରୟୋଗ ମଣିଷ କରୁଥିବା ଅନେକ ଚାକିରିକୁ ସ୍ୱୟଂକ୍ରିୟ କରିଦେବ, ନିଯୁକ୍ତି ହ୍ରାସ ସହ ଜୀବନର ମାନକୁ ମଧ୍ୟ କମାଇଦେବ। ଲଣ୍ଡନ ସ୍ଥିତ ବାରକ୍ଲିକ ବିଜ୍‌ନେସ୍ ସ୍କୁଲ ଓ ଇମ୍ପେରିଆଲ୍ କଲେଜ ସହ ମିଶି 'ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଦି ଫ୍ୟୁଚର ଅଫ୍ ୱର୍କ' ଦ୍ୱାରା କରାଯାଇଥିବା ଏହି ଅନୁଧ୍ୟାନରେ ୬ ହଜାରରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ସାମିଲ କରି ସେମାନଙ୍କ କାର୍ଯ୍ୟସ୍ଥଳୀରେ ପରିଧାନଯୋଗ୍ୟ ଟ୍ରାକର୍ସ, ରୋବଟ୍ ଓ ଏଆଇ ସଫ୍‌ଟୱେର ଆଦି ବ୍ୟବହାରର ଭିନ୍ନ ଦିଗ ବାବଦରେ ବିବରଣୀ ନିଆଯାଇଥିଲା। ସେମାନଙ୍କ ଜୀବନଶୈଳୀରେ ସେଗୁଡ଼ିକର ପ୍ରଭାବକୁ ମଧ୍ୟ ଲକ୍ଷ୍ୟ କରାଯାଇଥିଲା। ବିଶେଷ କରି ସେମାନଙ୍କ ଚଳପ୍ରଚଳତା, ମାନସିକ ସ୍ୱାସ୍ଥ୍ୟ, ଯନ୍ତ୍ରଣା ସ୍ତର ପରି ଜୀବନର ବିଭିନ୍ନ ମାନକୁ ବିଶ୍ଳେଷଣ କରାଯାଇଥିଲା। ତେବେ ଏଆଇର ବ୍ୟବହାର ଦୁର୍ବଳ ସ୍ୱାସ୍ଥ୍ୟ ସହ ଜଡ଼ିତ ବୋଲି ଜଣାଯାଇଛି। ଅପରପକ୍ଷେ, ଲାପ୍‌ଟପ୍ ଓ ଇନ୍‌ଷ୍ଟାଣ୍ଟ ମେସେଜିଙ୍ଗ୍ ପରି ପାରମ୍ପରିକ ସୂଚନା ଓ ଯୋଗାଯୋଗ ଜ୍ଞାନକୌଶଳର ବହୁଳ ବ୍ୟବହାର ଜଣଙ୍କର ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଉଥିବା ସ୍ପଷ୍ଟ ହୋଇଛି।



## ଶିକ୍ଷା ପାଇଁ ଋଣ ବନ୍ଧକ ବିନା ମିଳିପାରିବ କି ?

ବ୍ୟାଙ୍କ୍‌ମାନେ ଋଣ ସୁରକ୍ଷାକୁ ଦୃଷ୍ଟିରେ ରଖି ସାଧାରଣତଃ ଋଣ ଦେବାବେଳେ କିଛି ବନ୍ଧକ (କୋଲାଟେରାଲ୍ ସିକ୍ୟୁରିଟି) ରଖନ୍ତି। ମାତ୍ର ଆର୍ଥିକ ଭାବେ ଦୁର୍ବଳ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାଋଣରେ କୌଣସି ବନ୍ଧକ ନ ରଖିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ନିର୍ଦ୍ଦେଶନାମା ରହିଛି।

ଶିକ୍ଷାଋଣରେ ଛାତ୍ରଛାତ୍ରୀଙ୍କ ସହ ତାଙ୍କ ପିତାମାତା ଓ ଅଭିଭାବକଙ୍କୁ ସହ-ଆବେଦନକାରୀ ଭାବରେ ନିଆଯାଇଥାଏ। ସାଧାରଣତଃ ସାଢ଼େ ସାତ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେବା ପାଇଁ କେବଳ ଗ୍ୟାରେଣ୍ଟି ଓ ତା'ଠାରୁ ଅଧିକ ଋଣ କ୍ଷେତ୍ରରେ ବନ୍ଧକ ଆବଶ୍ୟକ ହୋଇଥାଏ। ତେବେ ଆଜିକାଲି ଅନେକ ବ୍ୟାଙ୍କ ଆଇ.ଆଇ.ଟି., ଆଇ.ଆଇ.ଏମ୍. ଓ ଏନ୍.ଆଇ.ଟି. ଭଳି ଉଚ୍ଚ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଅଧିକ ପରିମାଣର ଋଣ ପାଇଁ ମଧ୍ୟ ବନ୍ଧକଛାଡ଼ କରୁଛନ୍ତି।

**ମୁଖ୍ୟ ବ୍ୟାବସାୟିକ ବ୍ୟାଙ୍କ୍‌ଗୁଡ଼ିକ ଶିକ୍ଷାଋଣ ଉପରେ ପ୍ରାୟ ୯ରୁ ୧୪ ପ୍ରତିଶତ ସୁଧ ଧାର୍ଯ୍ୟ କରୁଛନ୍ତି। ଉଚ୍ଚ ମାନ୍ୟତାପ୍ରାପ୍ତ ପାଠ୍ୟକ୍ରମ/ ଶିକ୍ଷାନୁଷ୍ଠାନ ତଥା ଅତ୍ୟନ୍ତ ମେଧାବୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ବ୍ୟାଙ୍କ୍‌ମାନେ ସୁଧ କୋହଳ କରିବାର ଦେଖାଯାଏ।**

**କେତେ ସୁଧ ଦେବାକୁ ହୁଏ ?**

ସ୍ୱାଧୀନ ଭାବରେ ସୁଧର ହାର ସ୍ଥିର କରିବା ପାଇଁ ବ୍ୟାଙ୍କ୍‌ମାନଙ୍କର ଅଧିକାର ରହିଛି। ଋଣ ପାଇଁ ମାନକ ସୁଧହାର (ବେଞ୍ଚମାର୍କ ଲେଣ୍ଡିଂ ରେଟ୍) ସହ ରିସ୍କ ପ୍ରିମିୟମ୍ ମିଶାଇ ଏହି ସୁଧହାର ସ୍ଥିର କରାଯାଇଥାଏ। ଆଜି ଦିନରେ ମୁଖ୍ୟ ବ୍ୟାବସାୟିକ ବ୍ୟାଙ୍କ୍‌ଗୁଡ଼ିକ ଶିକ୍ଷାଋଣ ଉପରେ ପ୍ରାୟ ୯ରୁ ୧୪ ପ୍ରତିଶତ ସୁଧ ଧାର୍ଯ୍ୟ କରୁଛନ୍ତି। ଉଚ୍ଚ ମାନ୍ୟତାପ୍ରାପ୍ତ ପାଠ୍ୟକ୍ରମ/ ଶିକ୍ଷାନୁଷ୍ଠାନ ତଥା ଅତ୍ୟନ୍ତ ମେଧାବୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ବ୍ୟାଙ୍କ୍‌ମାନେ ସୁଧ କୋହଳ କରିବାର ଦେଖାଯାଏ। ସାଧାରଣତଃ ଋଣ ପରିଶୋଧ ଆରମ୍ଭ ନ ହେବା ପର୍ଯ୍ୟନ୍ତ ସରଳ ସୁଧ ହିସାବ କରାଯାଇଥାଏ।

**ଋଣର ପରିମାଣ କିପରି ହିସାବ କରାଯାଏ ?**

ଶିକ୍ଷା ଋଣର ପରିମାଣ ନିରୂପଣ କରିବା ପାଇଁ ବ୍ୟାଙ୍କ୍‌ମାନେ ଯେଉଁସବୁ ଖର୍ଚ୍ଚ ବିଚାରକୁ ନିଅନ୍ତି, ସେଗୁଡ଼ିକ ହେଲା- ପାଠ୍ୟକ୍ରମପାଇଁ ଟ୍ୟୁସନ୍ ଫିସ୍, ହଷ୍ଟେଲ ଫିସ୍, ବହି, କମ୍ପ୍ୟୁଟର ଓ ଲାବୋରେଟୋରି ଖର୍ଚ୍ଚ ଇତ୍ୟାଦି। ବିଲ୍ଡିଂ ଫଣ୍ଡ୍ ଜମା ବା କସନ୍ ମନି (ଅମାନତ) ଆଦି କଲେଜ ଟ୍ୟୁସନ୍ ଫିସ୍‌ର ଶତକଡ଼ା ଦଶ ଭାଗ ମଧ୍ୟରେ ଥିଲେ, ତାହା ମଧ୍ୟ ବିଚାରକୁ ନିଆଯାଇପାରେ। ଏହା ଛଡ଼ା ବିଦେଶରେ ପଢ଼ିବାକୁ ଯାଇଥିଲେ ଯାତ୍ରା ଖର୍ଚ୍ଚ ମଧ୍ୟ ହିସାବକୁ ନିଆଯାଏ। ମୋଟ ଆକଳନ କରାଯାଇଥିବା ଖର୍ଚ୍ଚରୁ ମାର୍ଜିନ୍ କାଟି ଋଣର ପରିମାଣ ସ୍ଥିର କରାଯାଏ। ଆଇ.ବି.ଏ ଦ୍ୱାରା ପ୍ରସ୍ତୁତ ସ୍କିମ୍ ଅନୁସାରେ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାଋଣ ପାଇଁ ମାର୍ଜିନ୍ ନିଆଯାଏ ନାହିଁ। ୪ ଲକ୍ଷରୁ ସାଢ଼େ ୭ ଲକ୍ଷ ଋଣ ପର୍ଯ୍ୟନ୍ତ ଦେଶ ଭିତରେ ଶିକ୍ଷା ପାଇଁ ୫ ପ୍ରତିଶତ ଓ ବିଦେଶରେ ଶିକ୍ଷା ପାଇଁ ୧୫ ପ୍ରତିଶତ ମାର୍ଜିନ ଧାର୍ଯ୍ୟ କରାଯାଇଛି। ଶିକ୍ଷାନୁଷ୍ଠାନରୁ ମିଳୁଥିବା ଶିକ୍ଷାବୃତ୍ତିକୁ ମାର୍ଜିନ୍ ହିସାବରେ ବିବେଚନା କରାଯାଇପାରିବ।

**ଋଣ ପରିଶୋଧ**

ସାଧାରଣତଃ ପାଠ୍ୟକ୍ରମ ଅବଧି ଶେଷ ହେବାର ୧ ବର୍ଷ ପରଠାରୁ ଋଣ ପରିଶୋଧ ଆରମ୍ଭ ହୋଇଥାଏ ଏବଂ ପରିଶୋଧ ଅବଧି ୧୫ ବର୍ଷ ପର୍ଯ୍ୟନ୍ତ ରହିଥାଏ।

**ଆୟକର ରିହାତି**

ଶିକ୍ଷାଋଣ ପାଇଁ ଦିଆଯାଉଥିବା ସୁଧ ଉପରେ ଆୟକର ରିହାତିର ବ୍ୟବସ୍ଥା ଅଛି। ଆଜିକାଲି ବିଭିନ୍ନ ବ୍ୟାଙ୍କ୍ ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାଋଣକୁ ସହଜ ଓ ସରଳ କରିବା ପାଇଁ ସର୍ତ୍ତରେ କିଛିକିଛି ପରିବର୍ତ୍ତନ କରୁଛନ୍ତି। ଏଣୁ ଋଣ ନେବା ପୂର୍ବରୁ ଏସବୁ ଯୋଜନାର ସର୍ତ୍ତଗୁଡ଼ିକୁ ଭଲଭାବେ ଅନୁଧ୍ୟାନ କରିବା ଜରୁରି।

## ବଜାରରେ ଜିମ୍‌ନିର କ୍ରେଜ୍




ରୁତି ସୁଜୁକି ଜିମ୍‌ନି ଏବେ ଏସ୍‌ୟୁଭି ବଜାରରେ ଲୋକପ୍ରିୟ। ଏହାର ମୂଲ୍ୟ ୧୦-୧୨ ଲକ୍ଷ ଟଙ୍କା (ଏକ୍ସ ଶୋ'ରୁମ୍) ରହିଛି। ଏହି ଏସ୍‌ୟୁଭିରେ ୫ଟି ଡୋର୍ ରହିଛି। ଜିମ୍‌ନିର ଓଜନ ୧୫୪୫ କିଲୋଗ୍ରାମ୍ ହୋଇଥିବା ବେଳେ ଏଥିରେ ୪୦ ଲିଟର୍‌ର ତେଲ ଟାଙ୍କି ରହିଛି। ଏହାର ଇଞ୍ଜିନ୍ ୧୪୬୨ ସିସି ବିଶିଷ୍ଟ ଏବଂ ଏହା ପେଟ୍ରୋଲ୍ ଚାଳିତ। ଜିମ୍‌ନିରେ ମୁଖ୍ୟତଃ ୪ଜଣ ବସିବା କ୍ଷମତା ରହିଛି। ଏଥିରେ ୨ଟି ଏୟାର୍‌ବ୍ୟାଗ୍ ଏବଂ ଦୁଇଟି ରିୟର୍ ଓ ଫ୍ରଣ୍ଟ୍ ବ୍ରେକ୍ (ଡିସ୍କ ଓ ଡ୍ରମ୍) ରହିଛି। ଏଥିରେ ୪ଟି ସିଲିଣ୍ଡର୍ ମଧ୍ୟ ରହିଛି। ଏହା ବ୍ଲୁଇସ୍ ବ୍ଲାକ୍, କାଇନେଟିକ୍ ୟେଲୋ ୱିଥ୍ ବ୍ଲୁଇସ୍ ବ୍ଲାକ୍ ରୁଫ୍, ସିଜ୍‌ଲିଙ୍ଗ୍ ରେଡ୍ ୱିଥ୍ ବ୍ଲୁଇସ୍ ବ୍ଲାକ୍ ରୁଫ୍, ନେକ୍ସା ବ୍ଲୁ, ସିଜ୍‌ଲିଙ୍ଗ୍ ରେଡ୍, ଗ୍ରାନାଇଟ୍ ଗ୍ରେ, ପର୍ଲ୍ ଆର୍ଟିକ୍ ହ୍ୱାଇଟ୍ ପରି ୭ଟି ରଙ୍ଗରେ ଉପଲବ୍ଧ। ଏହାର ମାଇଲେଜ୍ ୧୬.୩୯ରୁ ୧୬.୯୪ କିଲୋମିଟର୍ ରହିଥିବା ବେଳେ ୪ ସ୍ପିଡ୍‌ର ଗିୟର୍ ବକ୍ସ ମଧ୍ୟ ରହିଛି, ଯାହା ଗ୍ରାହକଙ୍କୁ ମଜାଦାର ଅନୁଭୂତି ପ୍ରଦାନ କରିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।



## ଯୁବପିଢ଼ିକୁ ପପ୍‌କର୍ଣ୍ଣ ବ୍ରେନ୍ ବିପଦ

**ୱାସିଂଟନ୍ ବିଶ୍ୱବିଦ୍ୟାଳୟର ଗବେଷକ ଡେଭିଡ୍ ଲେଭି 'ପପ୍‌କର୍ଣ୍ଣ ବ୍ରେନ୍' ଶବ୍ଦର ସ୍ରଷ୍ଟା। ମନକୁ ଆସୁଥିବା ବହୁବିଧ ଉଦ୍‌ବେଗଜନକ ଚିନ୍ତାଗୁଡ଼ିକ କିପରି ଫୁଟନ୍ତା ମକାମଞ୍ଜି ପରି ବିଶୃଙ୍ଖଳିତ ଭାବେ ବିଛାଡ଼ି ହୋଇଯାଇଥାଆନ୍ତି, ତାହାକୁ ବର୍ଣ୍ଣନା କରିବାକୁ ଯାଇ ଲେଭି ଏ ଶବ୍ଦର ଅବତାରଣା କରିଛନ୍ତି**

ଆଜିର ଦ୍ରୁତଗାମୀ ଡିଜିଟାଲ ଯୁଗରେ ବିଭିନ୍ନ ସୂଚନା ନିମିଷକେ ଆମ ନିକଟରେ ଉପଲବ୍ଧ ହୋଇପାରୁଛି। ତେବେ ଏଭଳି ପରିବେଶରେ ଅନେକ ବ୍ୟକ୍ତି ଏକ ବିଚିତ୍ର ସ୍ଥିତି ସହ ମୁକାବିଲା କରୁଛନ୍ତି, ଯାହାକୁ 'ପପ୍‌କର୍ଣ୍ଣ ବ୍ରେନ୍' କୁହାଯାଉଛି। ଏହା ମସ୍ତିଷ୍କର ଏଭଳି ଅବସ୍ଥାକୁ ବୁଝାଉଛି, ଯେଉଁଥିରେ ଅସୀମ ଟ୍ୟାବ୍, କ୍ରମାଗତ ସ୍କ୍ରୋଲିଂ ଓ ବାରମ୍ବାର ବିଜ୍ଞପ୍ତି ସମ୍ବଳିତ ଉତ୍ତେଜନା ଓ ଏକସମୟରେ ବହୁବିଧ କାର୍ଯ୍ୟସାଧନ ସହ ମସ୍ତିଷ୍କ ଅଭ୍ୟସ୍ତ ହୋଇଯାଇଥାଏ। ୱାସିଂଟନ୍ ବିଶ୍ୱବିଦ୍ୟାଳୟର ଗବେଷକ ଡେଭିଡ୍ ଲେଭି ୨୦୧୧ରେ 'ପପ୍‌କର୍ଣ୍ଣ ବ୍ରେନ୍' ଶବ୍ଦକୁ ଆଧୁନିକ ମନସ୍ତତ୍ତ୍ୱବିଜ୍ଞାନରେ ଯୋଡ଼ିଥିଲେ। ମନକୁ ଆସୁଥିବା ବହୁବିଧ ଉଦ୍‌ବେଗଜନକ ଚିନ୍ତାଗୁଡ଼ିକ କିପରି ଫୁଟନ୍ତା ମକାମଞ୍ଜି ପରି ବିଶୃଙ୍ଖଳିତ ଭାବେ ବିଛାଡ଼ି ହୋଇଯାଇଥାଆନ୍ତି, ତାହାକୁ ବର୍ଣ୍ଣନା କରିବାକୁ ଯାଇ ଲେଭି ଏ ଶବ୍ଦର ଅବତାରଣା କରିଥିଲେ। ଗବେଷଣାରୁ ଯାହା ଜଣାପଡ଼େ, ଡିଜିଟାଲ୍ ଯନ୍ତ୍ରପାତି ଓ ସାମାଜିକ ଗଣମାଧ୍ୟମର ବାରମ୍ବାର ବ୍ୟବହାର ମସ୍ତିଷ୍କର ସୂଚନା ପ୍ରକ୍ରିୟାକରଣ ବ୍ୟବସ୍ଥାକୁ ବଦଳାଇ ଦେଉଛି। ବିଶେଷ କରି ଯୁବପିଢ଼ିଙ୍କ ଧ୍ୟାନ ଲଗାଇବା କ୍ଷମତାକୁ ଏହା ପ୍ରଭାବିତ କରୁଛି। ସାମାଜିକ ଗଣମାଧ୍ୟମରେ ପ୍ରସାରିତ କ୍ଷୁଦ୍ର ଅବଧିର ରିଲ୍ ଆଦି ଦେଖିବା ବେଳେ ମାତ୍ରାଧିକ ସୂଚନା ଆମ ଧ୍ୟାନକୁ ଦ୍ରୁତ ବେଗରେ ଗୋଟିଏ ବିଷୟରୁ ଅନ୍ୟ ବିଷୟକୁ ସ୍ଥାନାନ୍ତର କରିଥାଏ। ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ, ସମୟକ୍ରମେ ମନୋଯୋଗରେ ବାରମ୍ବାର ପରିବର୍ତ୍ତନ ଦ୍ୱାରା କୌଣସି ଗୋଟିଏ କାର୍ଯ୍ୟରେ ଦୀର୍ଘ ସମୟ ଧରି ଧ୍ୟାନ ଲଗାଇବା ଏକପ୍ରକାର ଅସମ୍ଭବ ହୋଇଯାଏ। ସାମାଜିକ ଗଣମାଧ୍ୟମମାନେ ଏକ ଆଲ୍‌ଗୋରିଦିମ୍ ଉପଯୋଗ କରି ବ୍ୟବହାରକାରୀଙ୍କ ନିର୍ଦ୍ଦିଷ୍ଟ ରୁଚିର ସୂଚନା ଓ ବିଜ୍ଞପ୍ତିଗୁଡ଼ିକର ନିରନ୍ତର ସ୍ରୋତ ଛାଡ଼ିଥା'ନ୍ତି। ସେଗୁଡ଼ିକ ଅଧିକ ଦେଖିବାଜନିତ ଅତିଶୟ ଉଦ୍ଦୀପନା ମସ୍ତିଷ୍କର ଗତିପଥକୁ ଅଭିଭୂତ କରିଦେଇଥାଏ। ଏପରି ଦୀର୍ଘକାଳ ଧରି ଜାରି ରହିଲେ ସାମାଜିକ ଗଣମାଧ୍ୟମ ଆମର ମସ୍ତିଷ୍କର କାର୍ଯ୍ୟକଳାପକୁ ସ୍ଥାୟୀ ଭାବରେ ବଦଳାଇଦେବାର ଆଶଙ୍କା ରହିଛି। ଏହା ଜଟିଳ ବିଶ୍ଳେଷଣ ଓ ଗମ୍ଭୀର ଚିନ୍ତାଧାରା ପାଇଁ ଲୋଡ଼ା ଏକାଗ୍ର, ଗଭୀର ଓ ଦୀର୍ଘ ମନୋଯୋଗ ନିମନ୍ତେ ମସ୍ତିଷ୍କର କ୍ଷମତାକୁ ହ୍ରାସ କରିଦେବା ସହ ସାମାଜିକ ଭାବ ବିନିମୟତା, ଭାବପ୍ରବଣତା ଓ ସାମଗ୍ର ଭାବେ ଉତ୍ପାଦକତା ପରି ଜୀବନର ବିଭିନ୍ନ ଦିଗକୁ ପ୍ରଭାବିତ କରିଥାଏ। ତେଣୁ ଏଭଳି ବିଷମ ସ୍ଥିତିକୁ ଦୂରେଇ ଦେବା ଲାଗି ଡିଜିଟାଲ୍ ଯନ୍ତ୍ରାଂଶରୁ ନିୟମିତ ବ୍ୟବଧାନରେ ବିଚ୍ଛିନ୍ନ ରହି କିଛି ମାନସିକ ବ୍ୟାୟାମ ଓ ଧ୍ୟାନ କୌଶଳ ଆପଣେଇବା ଗୁରୁତ୍ୱପୂର୍ଣ୍ଣ। ସେହିପରି ଅନ୍‌ଲାଇନ୍ ହେଉ ବା ଅଫ୍‌ଲାଇନ୍, ଗୋଟିଏ ସମୟରେ ଗୋଟିଏ କଥା ଉପରେ ଧ୍ୟାନ ଦେବା ଦରକାର। ଏହା ଦୀର୍ଘ ସମୟ ଧରି ଗୋଟିଏ କାମରେ ମନୋଯୋଗ ବଜାୟ ରଖିବା ଲାଗି ମସ୍ତିଷ୍କକୁ ପୁନଃତାଲିମ ଦେବାରେ ସହାୟକ ହୋଇଥାଏ।

## କେନାଲ ବନ୍ଧ ପାଲଟିଛି ଆଶ୍ରୟସ୍ଥଳୀ
# ଛିଣ୍ଡା ପଲିଥିନ୍ ତଳେ ଏକାଠି ରହୁଛନ୍ତି ମଣିଷ-ପଶୁ



ଗଣେଶ୍ୱରପୁର,୧୩।୫(ସଂଚାର ବ୍ୟୁରୋ): ଭଙ୍ଗା ଘରକୁ ଛିଣ୍ଡା ଜରିପାଲ ପାଲଟିଛି ଛାତ । ୧୧ ବର୍ଷ ହେଲାଣି ଏହି ଘରେ ବିତୁଛି ଜୀବନ । ସେଇଠି ମଣିଷ, ସେଇଠି ଗୃହ ପାଳିତ ପଶୁ । ଗୋପ ବ୍ଲକ ଠାରୁ ମାତ୍ର ୪ କିଲୋମିଟର ଦୂର ଗଣେଶ୍ୱରପୁର ପଞ୍ଚାୟତର ଗଣେଶ୍ୱରପୁର-ବିଶରପୁର ମାଇନର କେନାଲ । ଆଉ କେନାଲ ଉପରେ ରହୁଛନ୍ତି ଦୁଇ ପ୍ରାଣୀ ଅଭୟ ଭୋଇ ଓ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ଭୋଇ । ମହାବାତ୍ୟାରେ ଘର ଭାଙ୍ଗିଯିବା ପରେ ମାଗିଯାଚି ପଲିଥିନ ଆଣି ଏହି ଘରଟି ତିଆରି କରିଛନ୍ତି । ଅଭାବ ଭିତରେ ଓଳିଏ ଖାଇଲେ ଓଳିଏ ଉପାସ ରହୁଛନ୍ତି । ସେଥିରେ ଘର ଖଣ୍ଡିଏ କରିବେ କେମିତି ? ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବା ପାଇଁ ଅନୁରୋଧ କରିଛନ୍ତି ପରିବାର। ନିର୍ବାଚନ ଆସିଲେ ଜନପ୍ରତିନିଧି ଆସନ୍ତି, ଘରଟିଏ କରାଇଦେବୋ ନେଇ ଅନେକ ପ୍ରତିଶ୍ରୁତି ଦିଅନ୍ତି । ଆଉ ତା' ପରେ ଭୁଲି ଯାଆନ୍ତି । ଏମିତି ୧୧ ବର୍ଷ ଧରି ଭଙ୍ଗା ଘରେ ନିଜ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ସ୍ୱାମୀ ସ୍ତ୍ରୀ । ବର୍ଷା ପବନ ଆସିଲେ ବରଗଛ ପାଲଟେ ଭରସା । ପ୍ରତିଥର ସେମାନଙ୍କୁ ପ୍ରତିଶ୍ରୁତି ମିଳୁଛି । ଆଉ ସେହି ଆଶାରେ ଚାହିଁ ବସୁଛନ୍ତି ପରିବାର । ଏହି ଅଭାବୀ ସ୍ୱାମୀ ସ୍ତ୍ରୀଙ୍କ ଦୁଃଖ ବୁଝି ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେଲେ ଏମାନେ ଉପକୃତ ହୋଇପାରନ୍ତେ ।

## ସେଲ୍ଫିରେ ସୀମିତ ସହରର ସଫେଇ କାର୍ଯ୍ୟକ୍ରମ
# ବିଏମସି ଏବେ ବ୍ରହ୍ମପୁର ପାଇଁ ଦୁଃଖ !

ଅନୁଦାନ ପ୍ରବଳ, କାମ ଦୁର୍ବଳ




ବ୍ରହ୍ମପୁର,୧୩।୫(ସଂଚାର ବ୍ୟୁରୋ): ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପ୍ରାଣ କେନ୍ଦ୍ର ଭାବେ ପରିଚିତ ବ୍ରହ୍ମପୁର। ରାଜ୍ୟର ତୃତୀୟ ମହାନଗର ନିଗମ ହୋଇଥିବା ବେଳେ ଦକ୍ଷିଣ ଓଡିଶା ସମେତ ପଡୋଶୀ ଆନ୍ଧ୍ରର ଲୋକେ ମଧ୍ୟ ଏହି ସହର ଉପରେ ପ୍ରତିଦିନ ନିର୍ଭର କରନ୍ତି। କିନ୍ତୁ ବ୍ରହ୍ମପୁର ସହର ପାଇଁ ଦୁଃଖ ପାଲଟିଛି ମହାନଗର ନିଗମର କାର୍ଯ୍ୟକଳାପ। ମୁଖ୍ୟତଃ ସାଧାରଣ ଲୋକଙ୍କ ପାଇଁ ମୌଳିକ ସୁବିଧା ଯଥା- ପାଣି, ରାସ୍ତା, ନାଳ, ପରିମଳ ବ୍ୟବସ୍ଥା ଯୋଗାଇ ଦେବାରେ ବିଏମସି ଯେ ଅକ୍ଷମ ଏକଥାକୁ ସହରବାସୀ ସଠିକ୍ ଭାବେ ବୁଝିଛନ୍ତି। ନିଗମରେ ହେଉଥିବା ଅନେକ ଦୁର୍ନୀତିକୁ ନେଇ ସ୍ୱର ଉତ୍ତୋଳନ ମଧ୍ୟ ହୋଇଛି। ସବୁଠାରୁ ବଡ କଥା ହେଲା ନିଗମ ଅଧୀନରେ ଥିବା ୩୫ ଟି ଓ୍ୱାର୍ଡରେ ମାସିକ କୋଟି କୋଟି ଟଙ୍କା ରାସ୍ତା ଏବଂ ନାଳ ସଫେଇ ପାଇଁ ଖର୍ଚ୍ଚ କରାଯାଉଥିବା ବେଳେ ଏହାର ସୁଫଳ ଦେଖିବାକୁ ମିଳୁନଥିବା ଶୁଣିବାକୁ ମିଳୁଛି। ଫଳରେ ସହରବାସୀ ଦୁର୍ଦ୍ଦଶା ଭୋଗୁଥିବା ଜଣାପଡ଼ିଛି। ସହରରେ ସଫେଇ ଅଭିଯାନ ଏବେ ସେଲ୍ଫିରେ ସୀମିତ ରହିଥିବା ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ରାସ୍ତା ଉପରେ ପଡ଼ିଥିବା ଅଳିଆ ଆବର୍ଜନାକୁ କିଛି ସ୍ଥାନରେ ନାଳରେ ଭର୍ତ୍ତି ତ ଆଉ କିଛି ସ୍ଥାନରେ ରାସ୍ତା କଡରେ ପଡ଼ି ରହି ଦୁର୍ଗନ୍ଧ ବାହାରି ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବା ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବଢୁଥିବା ଦେଖିବାକୁ ମିଳିଛି। ୨୦୨୫ - ୨୬ ଆର୍ଥିକ ବର୍ଷ ପାଇଁ ସରକାର ପ୍ରଦାନ କରିଥିବା ୧୩୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆକ୍ସନ ପ୍ଲାନ ପ୍ରସ୍ତୁତ ପାଇଁ ବ୍ରହ୍ମପୁର ମହାନଗର ନିଗମର ଗତ କାଉନସିଲ ବୈଠକରେ ଆଲୋଚନା ହୋଇଥିଲା। ଏହି ଅର୍ଥ ୫ଟି ସ୍କିମ୍ ଅର୍ଥାତ୍ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପାଇଁ ୩୮ କୋଟି ୫୮ ଲକ୍ଷ, ସ୍ୱଚ୍ଛ ଓଡ଼ିଶା ଯୋଜନା ପାଇଁ ୯କୋଟି ୧୫ ଲକ୍ଷ, ଷ୍ଟର୍ମ ୱାଟର ଡ୍ରେନେଜ ପାଇଁ ୧୦ କୋଟି ୫୨ ଲକ୍ଷ, ୧୫ ତମ ଫାଇନାନ୍ସ କମିଶନ ର ୫୧ କୋଟି ୨୧ଲକ୍ଷ ୫୨ ହଜାର ଏବଂ ୫ମ ଫାଇନାନ୍ସ କମିଶନ ବାବଦକୁ ୨୫ କୋଟି ୮୬ଲକ୍ଷ ୫୦ ହଜାର ଟଙ୍କା କୁ କିଭଳି ଖର୍ଚ୍ଚ କରାଯିବ ସେହି ବିଷୟ ରେ ଆଲୋଚନା ହୋଇଥିଲା। ତେବେ ସ୍ୱଚ୍ଛ ଓଡ଼ିଆ ଯୋଜନା ବାବଦକୁ ଥିବା ପ୍ରାୟ ୯ କୋଟି ୨୦ ଲକ୍ଷ ଟଙ୍କାକୁ ସହରର ସ୍ୱଚ୍ଛତା ପାଇଁ କିଭଳି ଖର୍ଚ୍ଚ କରାଯାଉଛି ତାହା ଏଯାବତ୍ ସ୍ପଷ୍ଟ ବାରି ହୋଇପାରୁନି। ସହରର ପରିମଳ ଓ ପରିଚ୍ଛନ୍ନତା ନେଇ ବିଭିନ୍ନ ସମୟରେ ସହରର ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ସହରବାସୀ ଙ୍କ ପକ୍ଷରୁ ନିଗମ କର୍ତ୍ତୃପକ୍ଷ ଓ ଜନପ୍ରତିନିଧିଙ୍କୁ ଅଭିଯୋଗ କରିବା ପରେ ମଧ୍ୟ ଏହାର ସ୍ଥାୟୀ ସମାଧାନ ନିମନ୍ତେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି। ନିଗମରେ ସଫେଇ କାର୍ଯ୍ୟ ପାଇଁ ୩ଟି ସଂସ୍ଥା କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସଫେଇ ନାମରେ ସାଧାରଣ ଲୋକଙ୍କ ଠାରୁ ମାସିକ ଟିକସ ଆଦାୟ କରାଯାଉଛି। କିନ୍ତୁ ସଫେଇ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ବାହାନାରେ ନେତା ଠାରୁ ଆରମ୍ଭ କରି ଅଫିସରଙ୍କ ସହଭାଗିତାରେ ହରିଲୁଟ୍ ହେଉଥିବା ଚର୍ଚ୍ଚା ହେଉଛି।

## କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ ଘଟଣା ;
# ଗିରଫ ଓ ସୁରକ୍ଷା ଦାବିରେ ବ୍ଲକ କାର୍ଯ୍ୟବନ୍ଦ ଆନ୍ଦୋଳନ

- କାହା ଚାପରେ ମାମଲା ରୁଜୁ କରୁନାହିଁ ପୁଲିସ
- ଅସୁରକ୍ଷିତ ସରକାରୀ କର୍ମଚାରୀ



ସୁବର୍ଣ୍ଣପୁର,୧୩।୫(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭୋଜରାଜ ମେହେରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହିତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ନ୍ୟାୟ ମିଳୁନଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା କରୁନଥିବା ପ୍ରତିବାଦ କରାଯାଇଛି। ଏନେଇ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହିତ ଧାରଣାରେ ବସିଛନ୍ତି। ଜିଲ୍ଲାପାଳ ଏବଂ ବିଡ଼ିଓଙ୍କୁ ଲିଖିତ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି।ପ୍ରକାଶ ଥାଉକି, ଗତ ୯ ତାରିଖ ଶୁକ୍ରବାର ଦିନ ସନ୍ଧ୍ୟା ସମୟରେ ମାନ୍ୟବର ବିରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବିଡ଼ିଓ ଏବଂ ଏଇଇଙ୍କ ଉପସ୍ଥିତିରେ ମହାଦେବପାଲି ପଞ୍ଚାୟତର କୌଣସି ଏକ କାର୍ଯ୍ୟର ଲେଆଉଟ ଦିଆଯାଉନଥିବା ଘଟଣାକୁ ନେଇ ବିଧାୟକ ଉକ୍ତ ଜେଇ ଉପରେ ବିରକ୍ତି ହୋଇଥିଲେ। ପରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କ ସମର୍ଥକଙ୍କୁ ପିଟିବାକୁ ନିର୍ଦ୍ଦେଶ ଦେଇଥିବା ବିନିକା ଥାନାରେ ଅଭିଯୋଗ ହୋଇଛି। ପରେ ବିଧାୟକ, ବିଡ଼ିଓ, ଏବଂ ଏଇଇଙ୍କ ଉପସ୍ଥିତିରେ ବିଜେପି ଯୁବନେତା ନେତା ଆକାଶ ନାଏକ, ଭୁବନେଶ୍ୱର ପାତ୍ର ଏବଂ ଅନ୍ୟ ୩ ଜଣ ବ୍ୟକ୍ତି ଜେଇ ଶ୍ରୀ ମେହେରଙ୍କୁ ଅତର୍କିତ ଭାବରେ ଆକ୍ରମଣ କରି ମାଡ଼ ମାରିଥିବା ବିନିକା ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ୪ ଦିନ ବିତିଗଲାଣି ହେଲେ ବି ବର୍ତ୍ତମାନ ପର୍ଯ୍ୟନ୍ତ ପୁଲିସ କୌଣସି ମାମଲା ରୁଜୁ କରିନାହିଁ। କାହା ଚାପରେ ପୁଲିସ ମାମଲା ରୁଜୁ କରୁନାହିଁ ବୋଲି ବ୍ଲକ କର୍ମଚାରୀ ଅଭିଯୋଗ କରିଛନ୍ତି। ଏପଟେ ଅନୁସନ୍ଧାନ ଜାରି ରହିଥିବା ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଜେଇ ଶ୍ରୀ ମେହେରଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଏବଂ ବ୍ଲକରେ ହେଉଥିବା ଦାଦାଗିରି ଓ କର୍ମଚାରୀ ମାନଙ୍କୁ ସୁରକ୍ଷା ଉପରେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନନେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବା ବୋଲି ବ୍ଲକ କର୍ମଚାରୀ ସୂଚନା ଦେଇଛନ୍ତି।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୧୩।୫(ସଂଚାର ବ୍ୟୁର): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୩୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୨ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୧ ଟି ଏବଂ ଅନ୍ୟାନ୍ୟ ୧୪ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାଉଗାଁ, ଆଶୁତୋଷ ମିଶ୍ର, ତହସିଲଦାର, ନାଉଗାଁ, ଅକ୍ଷୟ କୁମାର ବଡୁ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।




# ମଙ୍ଗଳା ମନ୍ଦିରକୁ ୧ ଲକ୍ଷ ଟଙ୍କା ପ୍ରଦାନ କଲେ ଶିକ୍ଷକ



ନୀଳଗିରି,୧୩।୫(ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଅଧିନ ରାଧାକିଶୋରପୁର ପଞ୍ଚାୟତ ପୁନ୍ଦାଳ ଗ୍ରାମରେ ଥିବା ମା' ମଙ୍ଗଳା ମନ୍ଦିରର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଗ୍ରାମର ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ରଣଜିତ୍ ସୋମବାର ପୂର୍ବାହ୍ନରେ ୧ ଲକ୍ଷ ଟଙ୍କା ଅର୍ଥ ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ଦିର କମିଟିର ସଭ୍ୟ ତଥା ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ବ୍ରହ୍ମାନନ୍ଦ ନାୟକ, ଅଶୋକ ନାୟକ, ରମେଶ ଚନ୍ଦ୍ର ମହାନ୍ତି, କମଳଲୋଚନ ନାୟକ, ସଞ୍ଜୟ କୁମାର ରଣଜିତ୍, ଗୌରଚନ୍ଦ୍ର ନାୟକ, ଜ୍ଞାନରଂଜନ ନାୟକ, ସରୋଜ କୁମାର ମହାନ୍ତି, ଦୀନବନ୍ଧୁ ରାୟ, ଶିଶିକାନ୍ତ ଗନ୍ତାୟତ, କରୁଣାକର ପାତ୍ର ପ୍ରମୁଖ ଉପସ୍ଥିତିରେ ଏହି ଅର୍ଥରାଶି ଗ୍ରହଣ କରିଥିଲେ। ଶିକ୍ଷକଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ନେଇ ଗ୍ରାମ ଓ କମିଟିର ସଦସ୍ୟ ଭୂୟସୀ ପ୍ରଶଂସା କରିଛନ୍ତି।

# ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ



ଖପ୍ରାଖୋଲ ୧୩।୦୫ (ସଂଚାର ବ୍ୟୁରୋ) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ କର୍ଲାକୁଟୁନା ଗାଁରେ ଅଙ୍ଗନୱାଡି ନିର୍ମାଣ ର ମନ୍ଥରତା କୁ ନେଇ ଗ୍ରାମବାସୀ ଅସନ୍ତୋଷ। ସୂଚନା ଅନୁସାରେ ଆଜକୁ ୫ ବର୍ଷ ପୂର୍ବ ରୁ ଗାଁରେ ଆରମ୍ଭ ହୋଇଥିଲା ଅଙ୍ଗନୱାଡି ଗୃହ ହେଲେ ଅର୍ଦ୍ଧନିର୍ମିତ ଅବସ୍ଥା ରେ ପଡ଼ିରହିଥିବା କୋଠା ଯୋଗୁଁ ଶିଶୁ ମାନେ ପାଠ ପଢିବାରେ ଅସୁବିଧା ଦେଖା ଦେଉଛି। ପାଖାପାଖି ୫୦ ଟି କୋମଳ ମତି ଶିଶୁ ମାନେ ଶିକ୍ଷା ଗ୍ରହଣ ପାଇଁ ବର୍ତମାନ ନିଜସ୍ୱ କୋଠା ସମ୍ପୂର୍ଣ୍ଣ ହୋଇନଥିବାରୁ ଅନ୍ୟ ଲୋକଙ୍କ ଘର ବାରଣ୍ଡା ରେ ପାଠ ପଢୁଥିବା ର ଦେଖିବାକୁ ମିଳୁଛି। ଏପଟେ ସରକାର ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ର ମାନଙ୍କୁ ଶିଶୁ ମାନଙ୍କ ପୃଷ୍ଟିକର ଖାଦ୍ୟ ଶିକ୍ଷଣୀୟ ସାମଗ୍ରୀ ପୋଷାକ ଯୋଗାଇ ଦେଉଥିବା ବେଳେ ଭିତ୍ତିଭୂମି ପ୍ରତି ଧ୍ୟାନ ଦେଉନଥିବା କର୍ଲାକୁଟୁନା ଅଙ୍ଗନୱାଡି କେନ୍ଦ୍ର ତାର ଜ୍ୱଳନ୍ତ ଉଦାହଣ। ଗ୍ରାମବାସୀ ଙ୍କ ତରଫରୁ ଲିଖିତ ଭାବେ ବାରମ୍ବାର ଖପ୍ରାଖୋଲ ବିଡ଼ିଓ ଓ ଜିଲ୍ଲପାଳଙ୍କ ଜନଶୁଣାଣି ରେ ଅଭିଯୋଗ କରି ସୁଦ୍ଧା ଶିଶୁ ମାନଙ୍କ ଶିକ୍ଷା କୁ ଦୃଷ୍ଟିରେ ରଖି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ଗ୍ରାମ ଲୋକେ ପ୍ରକାଶ କରିଛନ୍ତି। ଶେଷରେ ଗ୍ରାମ ଲୋକେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ଅଙ୍ଗନୱାଡି କୋଠା କୁ ସମ୍ପୂର୍ଣ୍ଣ କରିବାକୁ ଦାବି ଜଣାଇଛନ୍ତି।

# ରାସ୍ତା ମଝିରେ ଝୁଲୁଛି ବିଦ୍ୟୁତ୍ ତାର



ଯାଜପୁର ରୋଡ଼,୧୩।୫(ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଂଚଳ ସହର ଅନ୍ତର୍ଗତ ୱାର୍ଡ ନମ୍ବର -୧୬ ର ଉମାପଦା ଗ୍ରାମରେ ଥିବା ରତନା ପୋଖରୀ ଠାରୁ ଗାଁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଗାଁ ରାସ୍ତାର ମଝିରେ ଦିର୍ଘ ବର୍ଷର ଝୁଲୁଥିବା ବିପଦସଙ୍କୁଳ ପାଓ୍ୱାରଫୁଲ ମୋଡାଯୋଡା ଶିଲିଭର ବିଦ୍ୟୁତ୍ ତାର ଯାହା ଏବେ ସରକାରଙ୍କ ଟାଟା ପାଓ୍ୱାର ଲୋକଙ୍କୁ ନିରାପଦରେ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଥିବା ପ୍ରଚାରର ଏକ ମିଛ ନମୁନା ବୋଲି ଦେଖିବାକୁ ମିଳିଛି। ହେଲେ ଏଥିପାଇଁ ଯାଜପୁର ରୋଡ଼ ବିଦ୍ୟୁତ ବିଭାଗରେ ଥିବା କେତେକ ଅସାଧୁ ଅଧିକାରୀ ଓ କର୍ମଚାରୀ ମାନେ ଦାୟୀ ବୋଲି ସିଧାସଳଖ ଅଂଚଳ ଜନସାଧାରଣ ମାନେ ଅନୁଭବ କରୁଛନ୍ତି। କିନ୍ତୁ ଗ୍ରାମରେ ଠାକୁରଙ୍କ ଆଶ୍ରିର୍ବାଦ ଯୋଗୁଁ କାହାରି କିଛି କ୍ଷତି ନହୋଇ ଥରେ ଦୁଇଥର କୌଣସି କାରଣରୁ ଅଘଟଣ ଘଟି ଏହି ତାର ମଧ୍ୟ ଛିଣ୍ଡି ତଳେ ପଡିଥିବା ନଜିର ଆସିଛି। ଏହି ବିପଦପୂର୍ଣ୍ଣ ବିଦ୍ୟୁତ୍ ତାର ତଳେ ଯାଇଥିବା ରାସ୍ତାରେ ପ୍ରତ୍ୟେକ ଦିନ ହଜାର ହଜାର ପଥଚାରୀ, ଗାଡ଼ି ମୋଟର, ଗାଈ ଗୋରୁ, ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ସ୍କୁଲ୍, କଲେଜ ଛାତ୍ର ଛାତ୍ରୀ ମାନେ ଯାତାୟାତ କରୁଛନ୍ତି। ତେଣୁ ଜନସାଧାରଣ ମାନଙ୍କ ଜିବନ ସୁରକ୍ଷା, ଗ୍ରାମବାସୀଙ୍କ ହିତ ପାଇଁ ବିଦ୍ୟୁତ୍ କେବୁଲ ରାସ୍ତାର ଇଲେକ୍ଟ୍ରି ଖୁଂଟରେ ସଂଯୋଗ କରିବା ପାଇଁ ଲୋକଙ୍କ ପକ୍ଷରୁ ଦାବି ହେଉଛି।

# ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର



ସୋନପୁର,୧୩।୫(ସଂଚାର ବ୍ୟୁରୋ): ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଯୁବନେତା ଶ୍ରୀନିବାସ ଖମାରୀ ଙ୍କ ନେତୃତ୍ୱରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଦେଶର ଯବାନ ମାନଙ୍କ ଉଦ୍ଦେଶ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଥିଲା । ମୁଖ୍ୟ ଅତିଥି ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରୀ ସଭାପତି ଗଣେଷ ସାହୁ, ପୂର୍ବତନ ବିଧାୟକ ବିନୋଦ ପାତ୍ର, ସୋନପୁର ଜିଲ୍ଲା ଲିଗାଲ ସେଲ୍ ଅଧ୍ୟକ୍ଷ ସୁଧୀର ପଣ୍ଡା, ଜିଲ୍ଲା ଉପସଭାପତି ସଂଗ୍ରାମ କେଶରୀ ନାୟକ, ଯୁବନେତା ରାଜେଶ ମିଶ୍ର, ପ୍ରିୟବ୍ରତ ସାହୁ, ଗଣେଶ ସାହୁ, ସୁଶାନ୍ତ କାଣ୍ଡ, ଭାଗିରଥି ବଗର୍ତି ରାଜେନ୍ଦ୍ର ମେହେର ଯୋଗଦେଇଥଲେ । ଏହି ଶିବିର ରେ ଅନେକ ଯୁବନେତା ରକ୍ତଦାନ କରିଥିଲେ । ମେଡିକାଲ ଷ୍ଟାଫ୍ ଡ଼,ମାନସ ଦାଶ,ଜଗତ ଦୋରଉଆନ,ସୁଦାମ ବିଶ୍ୱାଳ,ରେବତି ମହାପାତ୍ର ସହଯୋଗ କରିଥିଲେ।

# ଦାନଗଦି ବ୍ଲକ୍ ସଭାଗୃହଠାରେ ଜନଶୁଣାଣୀ ଅନୁଷ୍ଠିତ




କଳିଙ୍ଗନଗର,୧୩।୫(ସଂଚାର ବ୍ୟୁରୋ): ଦାନଗଦି ବ୍ଲକ୍ ସଭାଗୃହଠାରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀରେ ଯାଜପୁର ଜିଲ୍ଲାପାଳ ପି. ଅନେଶ୍ୱା ରେଡ୍ଡୀ ଉପସ୍ଥିତ ଥିଲେ, ଏହି ଜନଶୁଣାଣୀରେ ଲୋକଙ୍କ ସମସ୍ୟାକୁ ଯାଜପୁର ଜିଲ୍ଲାପାଳ ସିଧାସଳଖ ଶୁଣି ତାର ସମାଧାନ କରିବାକୁ ବିଭିନ୍ନ ବିଭାଗ ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଥିବା ଦେଖାଯାଇଥିଲା।ଦାନଗଦି ବ୍ଲକର ବହୁତ ଗ୍ରାମର ଜନସାଧାରଣ ନିଜ ନିଜର ସମସ୍ୟା କୁ ଜଣାଇବାରୁ ବଞ୍ଚିତ ହୋଇଥିଲେ, କାରଣ ପ୍ରଚାର ପ୍ରସାର ଅଭାବରୁ ଜନ ଶୁଣାଣି ହେଉଛି ବୋଲି ଲୋକମାନେ ଖବର ଠିକ ଭାବେ ପାଇ ପାରି ନଥିଲେ।ଜମି ଜମା ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା କୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କୋଭିଡ ସମୟରେ ଖୁଚୁରା ବିକ୍ରୟ କେନ୍ଦ୍ର ଖାଦ୍ୟ ବଣ୍ଟନ କରି ବିଲ ନ ପାଇବା, ଗରିବ ଲୋକଙ୍କ ଘର ଭାଙ୍ଗି ଦେବା, ଆଧାର, ରାସନ ଲୋକଙ୍କର ନ ହେବା, ସରକାରୀ ଯୋଜନା ଲୋକମାନଙ୍କ ପାଖରେ ସଠିକ ଭାବେ ନ ପହଂଚିବା, ମାତ୍ରାଧିକ ବାୟୁ ପ୍ରଦୂଷଣ ହେଉଥିବା, ବେଆଇନବ୍ଲାଟିଙ୍ଗ ପ୍ଲାଣ୍ଟ, ଚୋରା ବାଲି ଚାଲାଣ, ଗାଁ ଗହଳି ରେ ଚୋରା ମଦ ବିକ୍ରି ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା, ଆଜିର ଏହି ମିଳିତ ଜନଶୁଣାଣୀରେ ମୋଟ ୮୦ ଟି ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରୁ ତତ୍କାଳ ୫୮ ଟି ଅଭିଯୋଗ ର ସମାଧାନ ହୋଇଥିଲା।

# କାଳବୈଶାଖୀର ତାଣ୍ଡବ,ସ୍କୁଲ ଛାତ କ୍ଷତିଗ୍ରସ୍ତ,ଗଛ ପଡି ଯାତାୟାତ ବାଧାପ୍ରାପ୍ତ

ଭବାନୀପାଟଣା,୧୩।୫(ସଂଚାର ବ୍ୟୁରୋ): ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ କୋକସରା ବ୍ଲକ ର ବିଭିନ୍ନ ସ୍ଥାନରେ ଝଡ଼ ତୋଫାନ କାରଣରୁ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ବ୍ଲକ ର ବରାଡ଼ଙ୍ଗା ପଞ୍ଚାୟତ ଶିଉନି ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଆଜବେଷ୍ଟର ଝଡ଼ ତୋଫାନ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ତେବେ ଏବେ ସ୍କୁଲ ଛୁଟି ଥିବା କାରଣରୁ ରୁ ଏକ ବଡ଼ ଅଘଟଣ ରୁ ଛାତ୍ରଛାତ୍ରୀ ମାନେ ବର୍ତ୍ତି ଯାଇଛନ୍ତି। ପୂର୍ବ ବିଜେଡି ସରକାର ସମୟରେ ଆମ ଓଡିଶା ନବୀନ ଓଡିଶା ଅନୁଦାନ ରୁ ନିର୍ମାଣାଧୀନ ଏହି ବିଦ୍ୟାଳୟ ରେ ନିମ୍ନମାନ ର କାର୍ଯ୍ୟ ସମ୍ପାଦନ ଯୋଗୁଁ ଏହିଭଳି ହୋଇଛି ବୋଲି ସ୍ଥାନୀୟ ଜୟନାରାୟନ ପଣ୍ଡା, କମଳ ରାଉତ, ଅମର ସିଂ ଧ. ମାଝୀ, କେଦାର ରାଉତ, ଦେବାନନ୍ଦ ରାଉତ, ଦସମୁ ରାଉତ ପ୍ରମୁଖ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସେହିପରି ଜାତୀୟ ରାଜପଥ ୨୬ ଶିଉନି ନିକଟରେ ରାସ୍ତା ଉପରେ କାଳବୈଶାଖୀ ପ୍ରଭାବରେ ଗଛ ପଡିବା କାରଣରୁ କିଛି ସମୟ ଧରି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଖବର ପାଇ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ରାସ୍ତା ରୁ ଗଛ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



# କାର୍ଯ୍ୟ ଶେଷ ପରେବି ଚାଷୀଙ୍କ କାମରେ ଆସୁନି ପ୍ରକଳ୍ପ



କଳାହାଣ୍ଡି,୧୩।୫(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ପକ୍ଷରୁ କୃଷିର ଉନ୍ନତି ଆଣିବା ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦରେ ବିଭିନ୍ନ ସ୍ଥାନରେ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଗୁଡିକ ନିର୍ମାଣ କରାଯାଉଛି । କିନ୍ତୁ କିଛି ସ୍ଥାନରେ ଏହା ଅର୍ଦ୍ଧ ନିର୍ମାଣ ଅବସ୍ଥାରେ ପଡିରହିଛି ତ କେଉଁଠି ନିର୍ମାଣର କିଛି ଦିନ ମଧ୍ୟରେ ଭୂଶୁଡି ପଡିଲାଣି, ଆଉ କେଉଁଠି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବାର ଦୀର୍ଘ ଦିନ ପରେ ମଧ୍ୟ ଚାଷୀଙ୍କ ଜମିକୁ ପାଇପ ସଂଯୋଗ କରାଯାଇ ପାରିଲାନାହିଁ, ଯାହାଫଳରେ ଫଳରେ ଚାଷୀମାନେ ନାହିଁନଥିବା ଅସୁବିଧା ଭୋଗୁଥିବା ଦେଖିବାକୁ ମିଳୁଛି। କିଛି ସ୍ଥାନରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅବଧି ଶେଷ ହୋଇଥିଲେ ମଧ୍ୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ କରାଯାଇନାହିଁ। ଏଭଳି ଅନେକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସେମିତି ପଡିରହିଥିବା ଦେଖିବାକୁ ମିଳିଛି । କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ଡୁମେରପଦର ଗ୍ରାମପଞ୍ଚାୟତ ଅଧୀନରେ ଥିବା ବାରକାଉଡି ଗ୍ରାମ ନୂଆପଡା ନିକଟରେ ଥିବା ବିଚରା ଚଞ୍ଚରା ନଦୀରେ ନିର୍ମାଣ ହୋଇଥିବା ଏକ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପରେ ଏଭଳି ଦେଖିବାକୁ ମିଳିଛି। କଳାହାଣ୍ଡି କ୍ଷୁଦ୍ର ଜଳସେଚନ ବିଭାଜନ ଭବାନୀପାଟଣା, ବିଷମଗିରି ଜଳସେଚନ ପ୍ରକଳ୍ପର ଏହି ଯୋଜନା ଗ୍ରାମାଞ୍ଚଳ ଭିତ୍ତିଭୂମି ଉନ୍ନତି କଲ୍ୟାଣ ପାଣ୍ଠି ଆନୁକୂଲ୍ୟରେ ନିର୍ମାଣ ହୋଇଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧପନ୍ତରିଆ ଭାବରେ ପଡିରହିଛି । କାଶୀପୁର ବ୍ଲକ ଓ କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ସୀମାନ୍ତରେ ଥିବା ବିଚଲ ଚଞ୍ଚରା ନଦୀରେ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଏକ ଚୁକ୍ତି ଭିତ୍ତିକ ମୂଲ୍ୟରେ ହାରାହାରି ୨ କୋଟି ଟଙ୍କା ସହାୟତାରେ ୨୦୧୮/୧୯ ଆର୍ଥିକ ବର୍ଷରେ ବ୍ୟୟବରାଦରେ ୨୨/୦୨/୨୦୧୯ ରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ସମୟରେ ଏହି ପ୍ରକଳ୍ପ ଏବେ ଭୂଶୁଡ଼ି ଯିବା ସମ୍ଭାବନାରେ ଆସି ପହଞ୍ଚିଛି ଯାଇଛି । ବାରକାଉଡି, ନୂଆପଡା, ବିଷମଗିରି ସମେତ ଅନ୍ୟାନ୍ୟ ଗ୍ରାମର ଶତାଧିକ କୃଷକଙ୍କ ଶହ ଶହ ଏକର ଜମିରେ ଜଳ ସେଚନ ସୁବିଧା ଯୋଗାଇ ଦେବା ପାଇଁ ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ପାରିଲାନାହିଁ ।

# ସାଧୁଗୌରେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ




ଦଶରଥପୁର,୧୩/୫(ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ଓଳସାଇ ସ୍ଥିତ ସାଧୁଗୌରେଶ୍ୱର ପୀଠରେ ୭ ଦିନ ଧରି ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୬ ତାରିଖରେ ଶୁଭାଧିବାସ ଅନୁଷ୍ଠିତ ହୋଇଥିବା ବେଳେ ୧୨ ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ ଓଳସାଇ ଗ୍ରାମର ହରିଶଚନ୍ଦ୍ର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଉଷାରାଣି ପଣ୍ଡା ସଂକଳ୍ପ କରିଥିବା ବେଳେ ଯାଜ୍ଞିକ ପଣ୍ଡିତ ଭାବେ ପୁସ୍ତକ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ପାଢ଼ୀ, ବାମଦେବ କର, କୈଳାଶ ଚନ୍ଦ୍ର ପଣ୍ଡା, ଗୋବର୍ଦ୍ଧନ ମହାପାତ୍ର ଯୋଗ ଦେଇ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞକାର୍ଯ୍ୟ ୭ ଦିନ ଅନୁଷ୍ଠିତ ହୋଇଥିବା ବେଳେ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତେହ ଓଡ଼ିଶାର ସୁନାମଧନ୍ୟ ଗାୟକ ମାନଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ୭ ଦିନ ଧରି ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଯଜ୍ଞ କମିଟିର ସଭାପତି, ସମ୍ପାଦକ ଓ ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ସହଯୋଗରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା।